52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075


# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press


RNI NO-42004/83 | Vol. : 44/ Issue : 53 | Brahmapur | Wednesday 8 April 2026 | ବର୍ଷ: ୪୫/ ଅଙ୍କ: ୫୩ | ବୁଧବାର ୮ ଏପ୍ରିଲ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦


### କାଶିପୁରରେ ରାସ୍ତା ନିର୍ମାଣକୁ ନେଇ ପୁଲିସ ଓ ଜନତା ମୁହାଁମୁହିଁ

## ପଥର ମାଡରେ ୫୦ ପୋଲିସ ଲହୁଲୁହାଣ

### ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି







ରାୟଗଡା, ୭।୪ (ଆନିସ): ରାସ୍ତା ନିର୍ମାଣକୁ ନେଇ କାଶିପୁର ଅଞ୍ଚଳ ଅଶାନ୍ତ ହୋଇପଡିଛି । ରାସ୍ତା ନିର୍ମାଣ କାର୍ଯ୍ୟକୁ ବିରୋଧ କରି କାଶିପୁର ବ୍ଲକର ଶାଗବାରୀ ଗ୍ରାମଠାରେ ପୁଲିସ ଉପରେ ଆକ୍ରମଣ କରିଛନ୍ତି ଗ୍ରାମବାସୀ। ସୂଚନାରୁ ଜଣାପଡ଼ିଛି ରାସ୍ତା କାମକୁ ବିରୋଧ କରି ଆନ୍ଦୋଳନକାରୀମାନଙ୍କ ସହ ପୁଲିସବୁଝାସୁଝା କରୁଥିବା ସମୟରେ ଉତ୍ୟକ୍ତ ହୋଇ ପଥର ମାଡ କରିଛନ୍ତି। ଆନ୍ଦୋଳନକାରୀଙ୍କ ଆକ୍ରମଣରେ ରାୟଗଡା ଏସଡିପିଓ ଗୌରୀଶଙ୍କର ସାହୁ, କାଶିପୁର ଆଇଆଇସି ଦେବ ମଲ୍ଲିକ, ଅମ୍ବାକଞ୍ଚ ଆଇଆଇସିଙ୍କ ସମେତ ଅନେକ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସେଥିମଧ୍ୟରୁ ୭ ଜଣ ଗୁରୁତର ହୋଇଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ୭ଜଣ ଗୁରୁତର ହେହୋଇପଡିବାରୁ ସେମାନଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ସାମାନ୍ୟ ଆହତ ପୁଲିସ କର୍ମଚାରୀମାନେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତହେଉଛନ୍ତି।

ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଶାଗବାରି ଅଞ୍ଚଳରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। କାଶିପୁର ବ୍ଲକର ସିଜିମାଳି ଅଞ୍ଚଳରେ ଖଣିଖନନ ପାଇଁ ସରକାର ଅନୁମତି ଦେଇଥିବା ବେଳେ ସିଜିମାଳି ଅଞ୍ଚଳ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରୁଥିଲା । ଯାହାକୁ ନେଇ ଏହି ଆକ୍ରମଣ ହୋଇଥବା ନେଇ ସୂଚନା ମିଳିଛି । ଆଜି ସକାଳୁ ପ୍ରାୟ ୫ଟା ସମୟରେ ଏହି ଆକ୍ରମଣ ହୋଇଥିବା ସୂଚନା ମିଳିଛି । ପୁଲିସ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ପରେ ଆକ୍ରମଣକାରୀମାନେ ହଟିଥିଲେ । ରାୟଗଡା ଓ କଳାହାଣ୍ଡି ସୀମାନ୍ତ ଜିଲ୍ଲାରେ ସିଜିମାଳି ମାଇନ୍ସ ଅଞ୍ଚଳ ପୁରଲାଙ୍ଗ ଠାରୁ ସାଗବାରି ଘାଟି ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତା ନିର୍ମାଣ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ବିରୋଧ କରୁଛନ୍ତି । ରାସ୍ତା ନିର୍ମାଣ କାର୍ଯ୍ୟକୁ ନେଇ ଦୀର୍ଘଦିନ ହେଲା ଏହି ଅଞ୍ଚଳରେ ଉତ୍ତେଜନା ଲାଗିରହିଛି । କମ୍ପାନି ବିରୋଧରେ "ଗୋ ବ୍ୟାକ" ନାରା ଦେଇ ପାରମ୍ପରିକ ଅସ୍ତ୍ର-ଶସ୍ତ୍ର ଧରି ସ୍ଥାନୀୟ ବାସିନ୍ଦା ରାସ୍ତା ନିର୍ମାଣ କାମକୁ ବାଧା ଦେଇଥିବା ବେଳେ, ପ୍ରଶାସନ ପକ୍ଷରୁ ପରିସ୍ଥିତି ନିୟନ୍ତ୍ରଣ ପାଇଁ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି।

ରାସ୍ତା ନିର୍ମାଣକୁ ନେଇ ଉତ୍ତେଜନମୂଳକ ବାତାବରଣ ରହିଥିବାରୁ ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଳକର୍ଣୀ, ଆରକ୍ଷୀ ଅଧୀକ୍ଷକ ସ୍ୱାଥୀ ଏସ କୁମାର ଓ ପୁଲିସର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ତଦାରଖ କରୁଥିବା ବେଳେ ଆଜି ସକାଳୁ ଏଭଳି ଘଟଣା ଘଟିଥିଲା । ଏନେଇ ଅଧିକାରୀମାନେ କୌଣସି ସୂଚନା ପ୍ରଦାନ କରିନାହାନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଗତ ୩ତାରିଖରେ ରାୟଗଡା ଉପଜିଲ୍ଲାପାଳଙ୍କ ଆଦେଶ ଅନୁଯାୟୀ ଭାରତୀୟ ନାଗରିକ ସଂହିତା ଧାରା ୧୬୩ ତଥା ଭାରତୀୟ ଦଣ୍ଡବିଧି ନିୟମର ଧାରା ୧୪୪ ଅନୁଯାୟୀ ନିଷେଧାଜ୍ଞା ଜାରି କରାଯାଇଛି । ରାସ୍ତା ଠାରୁ ୧୦୦ ମିଟର ଦୂରତା ମଧ୍ୟରେ ୪ଜଣରୁ ଅଧିକା ଲୋକ ଏକତ୍ରିତ ହୋଇପାରିବେ ନାହିଁ ବୋଲି ୧ମାସ ପର୍ଯ୍ୟନ୍ତ ନିଷେଧାଜ୍ଞା ଜାରି ହୋଇଛି ।

## ଆବଶ୍ୟକତାକୁ ଦୃଷ୍ଟିରେ ରଖି ଲୁହାପଥର ଉତ୍ପାଦନ ବୃଦ୍ଧି କର: ମୁଖ୍ୟମନ୍ତ୍ରୀ

### ସ୍ଥାନୀୟ ବାସିନ୍ଦାଙ୍କର ମୌଳିକତାକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ

ଭୁବନେଶ୍ୱର, ୭।୪: ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ଲୁହାପଥର ଉତ୍ପାଦନ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶିଳ୍ପପତିମାନଙ୍କୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର, ଲୋକସେବା ଭବନରେ ଖଣି ଲିଜ୍‌ଧାରୀ ଓ ଶିଳ୍ପପତି ମାନଙ୍କ ସହ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଶ୍ରୀମାଝି ଅଧ୍ୟକ୍ଷତା କରିଥିଲେ। ରାଜ୍ୟରେ ଶିଳ୍ପାୟନ ଓ ଦେଶରେ ଲୁହାପଥରର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଧିକ ପରିମାଣରେ ଲୁହାପଥର ଉତ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ଶିଳ୍ପପତି ମାନେ ସ୍ଥାନୀୟ ବାସିନ୍ଦାଙ୍କର ମୌଳିକ ଆବଶ୍ୟକତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ କହିଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ।ଉତ୍ପାଦନ ଓ ଡେସ୍‌ପ୍ୟାଚ୍ ପ୍ରତି ଗୁରୁତ୍ୱ ଦେଇ ଏମ୍‌ଡିପିଏ ଅନୁଯାୟୀ ସର୍ବନିମ୍ନ ବାଧ୍ୟତାମୂଳକ ସୀମାକୁ ଦୃଷ୍ଟି ରେ ରଖି ଆବଶ୍ୟକତା ଅନୁଯାୟୀ ଏହାକୁ ବୃଦ୍ଧି କରିବା ପାଇଁ ଆଲୋଚନା ହୋଇଥିଲା। ରାଜ୍ୟରେ ଖଣି ବହୁଳ ଜିଲ୍ଲା ଗୁଡିକରେ ଶିଳ୍ପ ସଂଖ୍ୟା ବହୁତ କମ ରହୁଛି। ତେଣୁ ସେସବୁ ଜିଲ୍ଲା ଗୁଡିକରେ ଶିଳ୍ପାନୁଷ୍ଠାନ ଗଢିବା ପାଇଁ ମୁଖ୍ୟମନ୍ତ୍ରୀ ଶିଳ୍ପପତି ମାନଙ୍କୁ ଆହ୍ୱାନ ଦେଇଥିଲେ।

ଶିଳ୍ପ ପ୍ରତିଷ୍ଠା ପାଇଁ ବାଧ୍ୟତାମୂଳକ ବନୀକରଣ (କମ୍ପେନ୍‌ସେଟରୀ ଏଫରେଷ୍ଟସନ୍) କ୍ଷେତ୍ରରେ ବିଭିନ୍ନ ଜିଲ୍ଲାରେ ଅଧିକୃତ ଜମି ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ଏକ ଡାଟାବେସ୍ ପ୍ରସ୍ତୁତ କରାଯାଉଛି, ଯାହା ଜରିଆରେ କେଉଁ ଜିଲ୍ଲାରେ କେତେ ଜମି ଉପଲବ୍ଧ ଅଛି ଖଣି ଲିଜ୍‌ଧାରୀ ଓ ଶିଳ୍ପପତିମାନେ ସେ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଖଣି ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୬-୨୭ ବର୍ଷ ପାଇଁ ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ ଖଣିଜ ବ୍ଲକର ନିଲାମ ପ୍ରକ୍ରିୟା କରାଯିବ ବୋଲି ସୂଚନା ଦିଆଗଲା। ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନର ଅଧ୍ୟକ୍ଷ ତଥା ସାଂସଦ ନବୀନ ଜିନ୍ଦଲ ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ଓ ପ୍ରତିବଦ୍ଧତା ଭାବ ପାଇଁ ଧନ୍ୟବାଦ ଦେଇଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଟାଟା ଷ୍ଟିଲ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଟି ଭି ନରେନ୍ଦ୍ରନ, ଇଣ୍ଡିଆନ ଷ୍ଟିଲ୍ ଆସୋସିଏସନର ମହାସଚିବ ଆଲୋକ ସହାୟ, ଜେଏସ୍‌ଡବ୍ଲୁର ସଭାପତି ଅନୀଲ କୁମାର ସିଂ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନିର୍ଦ୍ଦେଶକ ଆଲୋକ କୁମାର ମେହେଟ୍ଟା, ଓଏମ୍‌ସିର ଅଧ୍ୟକ୍ଷ ଗିରୀଶ ଏସ୍ ଏନ୍, ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ସାମଲ ଏବଂ ଅନ୍ୟାନ୍ୟ ପ୍ରମୁଖ ଶିଳ୍ପ ପ୍ରତିନିଧି ମାନେ ଯୋଗଦେଇଥିଲେ।

### ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ

## ବିଦ୍ୟାଳୟରେ ସାନିଟେସନ, ମାସିକ ଋତୁସ୍ରାବ ସ୍ୱଚ୍ଛତାକୁ ଗୁରୁତ୍ୱ

ଭୁବନେଶ୍ୱର, ୭।୪: ସ୍କୁଲ୍‌ରେ ଛାତ୍ରୀଙ୍କ ପାଇଁ ମାଗଣା ସାନିଟାରୀ ନ୍ୟାପକିନ୍ ବଣ୍ଟନ ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବାକୁ କୁହାଯାଇଛି । ଓଡ଼ିଶା ସରକାରଙ୍କ ତରଫରୁ ସ୍କୁଲ୍ ସାନିଟେସନ୍ ଓ ମାସିକ ଋତୁସ୍ରାବକୁ ନେଇ ଆଲ୍ ହାଇଜିନ୍ ଉପରେ ଜରୁରୀ ନିର୍ଦ୍ଦେଶ ଜାରି ହୋଇଛି। ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷିତ ଓ ସମାନତାମୂଳକ ଶିକ୍ଷା ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ସରକାର ସମସ୍ତ ଜିଲ୍ଲା କଲେକ୍ଟରମାନଙ୍କୁ ସ୍କୁଲ୍‌ରେ ଆଲ୍ ହାଇଜିନ୍ ବ୍ୟବସ୍ଥା କଡାକଡି ଭାବେ ଲାଗୁ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲରେ ପୃଥକ ପୁରୁଷ ଓ ମହିଳା ଶୌଚାଳୟ, ନିର୍ବିଘ୍ନ ଜଳ ସୁବିଧା ଓ ହାତଧୋଇବା ବ୍ୟବସ୍ଥା ନିଶ୍ଚିତ କରାଯିବ।

ସରକାର ଏନେଇ ସମସ୍ତ ଜିଲ୍ଲା କଲେକ୍ଟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲ୍‌ରେ ପୃଥକ ପୁରୁଷ ଓ ମହିଳା ଶୌଚାଳୟ, ନିର୍ବିଘ୍ନ ଜଳ ସୁବିଧା, ହାତଧୋଇବା ବ୍ୟବସ୍ଥା ଓ ସ୍ୱଚ୍ଛତା ବ୍ୟବସ୍ଥା କଡ଼ାକଡ଼ି ଭାବେ ଲାଗୁ କରାଯିବ। ଏହା ସହିତ, ଦିବ୍ୟାଙ୍ଗ ଶିଶୁମାନଙ୍କ ପାଇଁ ସୁବିଧା ବ୍ୟବସ୍ଥା ଓ ଗୋପନୀୟତା ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ନୀତିର ଅନ୍ୟ ଏକ ମୁଖ୍ୟ ଦିଗ ହେଉଛି ଛାତ୍ରୀମାନଙ୍କ ପାଇଁ ମାଗଣା ସାନିଟାରୀ ନ୍ୟାପକିନ୍ ବଣ୍ଟନ। ସାନିଟାରୀ ନ୍ୟାପକିନ୍ ଭେଣ୍ଡିଂ ମେସିନ୍ କିମ୍ବା ନିର୍ଦ୍ଦିଷ୍ଟ ବିତରଣ କେନ୍ଦ୍ର ମାଧ୍ୟମରେ ଆପ୍ଲାଇ କରାଯିବ, ଯାହା ଛାତ୍ରୀମାନଙ୍କ ପାଇଁ ସୁବିଧାଜନକ ଓ ସୁରକ୍ଷିତ ହେବ। ଏହା ସହିତ, ସ୍କୁଲ୍‌ଗୁଡ଼ିକରେ ମେନଷ୍ଟ୍ରୁଆଲ୍ ହାଇଜିନ୍ ମ୍ୟାନେଜମେଣ୍ଟ କୋଣ ସୃଷ୍ଟି କରିବାକୁ ମଧ୍ୟ ଅନିବାର୍ଯ୍ୟ କରାଯାଇଛି। ଏହି କୋଣ ଛାତ୍ରୀମାନଙ୍କୁ ହାଇଜିନ୍ ସମ୍ବନ୍ଧୀୟ ସୂଚନା, ଉପଦେଶ ଓ ସହାୟତା ଦେବ।

## ବେଙ୍ଗଲ ଭୋଟର ତାଲିକାରୁ କଟିଲା ୯୧ ଲକ୍ଷ ନାଁ, କୁହୁଳିଲା ଅସନ୍ତୋଷ


ନୂଆଦିଲ୍ଲୀ, ୭।୪ ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାର ଜଣେ ଗୃହିଣୀ ହେଉଛନ୍ତି ନଦିଆ ମଣ୍ଡଳ। ଏବେ ସେ କ୍ଷୁବ୍ଧ। କାରଣ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ତାଙ୍କ ନାଁ ଭୋଟର ତାଲିକାରୁ କଟି ଯାଇଛି। ଭାରତୀୟ ନିର୍ବାଚନ କମିଶନ ନିର୍ବାଚନ ପୂର୍ବରୁ ବେଙ୍ଗଲରେ ଏସ୍‌ଆଇଆର କାର୍ଯ୍ୟକ୍ରମ କରିଥିଲେ। ଏହାପରେ ଭୋଟର ତାଲିକାରୁ ୯୦.୮୩ ଲକ୍ଷ ମତଦାତାଙ୍କ ନାଁ ବାଦ ପଡ଼ିଛି। ଏମାନଙ୍କ ମଧ୍ୟରୁ ଜଣେ ହେଲେ ନଦିଆ ମଣ୍ଡଳ।

ସେ କହିଛନ୍ତି, "ମୁଁ ଦୁତ୍ତାପୁକୁରର ବାସିନ୍ଦା। ୨୭ ବର୍ଷ ତଳେ ମୋର ବାହାଘର ହୋଇଥିଲା ଓ ସେବେଠାରୁ ମୁଁ ଏଠାରେ ରହିଛି। ଏସ୍‌ଆଇଆର ଶୁଣାଣି ବେଳେ ମୁଁ ଆଧାର ଠାରୁ ଆରମ୍ଭ କରି ସମସ୍ତ ଆବଶ୍ୟକ ଦସ୍ତାବିଜ ଦେଇଥିଲି। କିନ୍ତୁ ଏବେ ଡିଲିଟ ହୋଇଥିବା ତାଲିକାରେ ମୁଁ ମୋ ନିଜ ନାଁ ପାଇଛି।"

ନଦିଆ ମଣ୍ଡଳ ଏକାକୀ ଏପରି ସ୍ଥିତିର ସମ୍ମୁଖୀନ ହୋଇ ନାହାନ୍ତି। ଏକାଧିକ ପ୍ରମୁଖ ବ୍ୟକ୍ତି, ଛୋଟ ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ନାଁ ଭୋଟର ତାଲିକାରୁ ବାଦ ପଡ଼ିଛି। ସୋମବାର ବିଳମ୍ବିତ ରାତିରେ ନିର୍ବାଚନ କମିଶନ ୧୨ତମ ତଥା ଚୂଡ଼ାନ୍ତ ସପ୍ଲିମେଣ୍ଟାରୀ ଭୋଟର ତାଲିକା ଜାରି କରିଛନ୍ତି। ଏସ୍‌ଆଇଆର ବେଳେ ନାଁ କଟିଥିବା ଲୋକଙ୍କ ଅଭିଯୋଗର ଶୁଣାଣି କରିବା ପରେ ତାଲିକା ଜାରି କରାଯାଇଛି। ସଂଶୋଧିତ ଭୋଟର ତାଲିକା ପରେ ୬୦.୦୬ ଲକ୍ଷ ଭୋଟରଙ୍କୁ ସନ୍ଦେହ ଘେରରେ ରଖାଯାଇଥିଲା। ଏହାପରେ ଏମାନଙ୍କ ମଧ୍ୟରୁ ୩୨.୬ ଲକ୍ଷ ଭୋଟରଙ୍କୁ ପରବର୍ତ୍ତୀ ଅବସ୍ଥାରେ ବୈଧ ଭୋଟର ଭାବେ ବିବେଚନା କରାଯାଇଥିଲା। ୨୭.୧ ଲକ୍ଷ ଭୋଟର ବେଆଇନ ମତଦାତା ଭାବେ ଘୋଷିତ ହୋଇଛନ୍ତି। ସେମାନଙ୍କ ନାଁକୁ ଭୋଟର ତାଲିକାରୁ ହଟାଇ ଦିଆଯାଇଛି। ସେମାନେ ଏବେ ଟ୍ରିବ୍ୟୁନାଲ ନିକଟରେ ଆବେଦନ କରିପାରିବେ। କିନ୍ତୁ ବେଙ୍ଗଲ ବିଧାନସଭା ନିର୍ବାଚନ ପାଇଁ ଏପ୍ରି ୨୩ରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବ। ଏଥିପାଇଁ ବହୁତ କମ ସମୟ ବାକି ଥିବାରୁ ବାଦ ପଡ଼ିଥିବା ଭୋଟର ଚିନ୍ତାରେ ରହିଛନ୍ତି। ଏହାକୁ ମିଶାଇ ଏସ୍‌ଆଇଆର ପରେ ମୋଟ ୯୦.୮ ଲକ୍ଷ ପୁରୁଷ ଓ ମହିଳା ମତଦାତା ବେଙ୍ଗଲର ଭୋଟର ତାଲିକାରୁ ବାଦ ପଡ଼ିଛନ୍ତି। ଏହା ଦେଶରେ ଏଯାଏ ଦ୍ୱିତୀୟ ସର୍ବାଧିକ। ବେଙ୍ଗଲ ପୂର୍ବରୁ ତାମିଲନାଡୁରେ ୯୭ ଲକ୍ଷ ଭୋଟରଙ୍କ ନାଁ ଏସ୍‌ଆଇଆର ପରେ ହଟିଥିଲା। ବେଙ୍ଗଲ ଭଳି ତାମିଲନେଡୁ ମଧ୍ୟ ଭୋଟିଂ ହେବ। ବେଙ୍ଗଲ ଭୋଟର ତାଲିକାରୁ ଏତେ ସଂଖ୍ୟକ ଭୋଟର ବାଦ ପଡ଼ିବାରୁ ଉତ୍ତର ୨୪ ପ୍ରଗଣାର ବସିରହାଟରେ ସୋମବାର ବିକ୍ଷୋଭ ଦେଖିବାକୁ ମିଳିଥିଲା। ମଙ୍ଗଳବାର ଉତ୍ତର ୨୪ ପ୍ରଗଣାର ବର୍ସାତ ସ୍ଥିତ ଜିଲ୍ଲା ମାଜିଷ୍ଟ୍ରେଟ ଅଫିସ ନିକଟରେ ଭୋଟର ତାଲିକାରୁ ବାଦ ପଡ଼ିଥିବା ଲୋକମାନେ ଲମ୍ବା ଲାଇନ ଲଗାଇଛନ୍ତି।

ଏହାବାଦ ଆଖପାଖ ଜିଲ୍ଲାଗୁଡ଼ିକରୁ ମଧ୍ୟ ସମାନ ଦୃଶ୍ୟ ସାମ୍ନାକୁ ଆସିଛି। ବେଙ୍ଗଲର ୪ ଜିଲ୍ଲା ମୁର୍ଶିଦାବାଦ, ମାଲଦା, ଉତ୍ତର ୨୪ ପ୍ରଗଣା ଓ ଦକ୍ଷିଣ ୨୪ ପ୍ରଗଣାରୁ ୩୦.୪ ଭୋଟରଙ୍କୁ ପ୍ରଥମେ ସନ୍ଦେହ ଘେରରେ ରଖାଯାଇଥିଲା। ଏହା ମଧ୍ୟରୁ ଶୁଣାଣି ପରେ ୧୨.୨ ଲକ୍ଷ ଭୋଟର ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ ପଡ଼ିଛନ୍ତି। ୨୦୨୧ରେ ଟିଏମସି ମୁର୍ଶିଦାବାଦରେ ୨୨ଟିରୁ ୨୦, ମାଲଦାରେ ୧୨ରୁ ୮ଟି, ଉତ୍ତର ଓ ଦକ୍ଷିଣ ୨୪ ପ୍ରଗଣାର ୬୪ଟି ଆସନରୁ ୫୭ଟିରେ ଜିତିଥିଲା। ମୋଟ ଉପରେ ଦଳ ଏହି ୪ ଜିଲ୍ଲାରୁ ୭୫ଟି ଆସନ ଦଖଲ କରିଥିଲା। ଏବେ ଏହି ୪ ଜିଲ୍ଲାରୁ ୧୨.୨ ଲକ୍ଷ ଭୋଟର ବାଦ ପଡ଼ିଛନ୍ତି। ବେଙ୍ଗଲର ମୋଟ ୨ଟି ପର୍ଯ୍ୟାୟରେ ମତଦାନ ହେବ। ଏପ୍ରିଲ ୨୩ରେ ୧୫୨ଟି ବିଧାନସଭା ଆସନ ପାଇଁ ଓ ଏପ୍ରିଲ ୨୯ରେ ବାକି ଥିବା ୧୪୨ ଆସନରେ ମତଦାନ ହେବ।

## ଆଜିଠୁ ପୁଣି ଚାଲିବ ରତ୍ନଭଣ୍ଡାର ଗଣତିମଣତି



ପୁରୀ, ୭।୪: ଆଜିଠାରୁ ବୁଧବାର ଅର୍ଥାତ ଏପ୍ରିଲ ୮ ତାରିଖରୁ ଆରମ୍ଭ ହେବ ଦ୍ୱିତୀୟ ପର୍ଯ୍ୟାୟ ରତ୍ନ ଭଣ୍ଡାର ଗଣତିମଣତି। ଦ୍ୱିତୀୟ ପର୍ଯ୍ୟାୟରେ ରତ୍ନଭଣ୍ଡାର ଗଣତିମଣତି ଏପ୍ରିଲ ୧୧ ଯାଏ ଚାଲିବ। ଏହା ପରେ ଏପ୍ରିଲ ୧୩ ଏବଂ ୧୬ରୁ ୧୮ ପର୍ଯ୍ୟନ୍ତ ଚାଲିବ ରତ୍ନଭଣ୍ଡାର ଗଣତିମଣତି । ଗଣତି ପ୍ରକ୍ରିୟା ଚାଲୁ ରହିଥିବା ସମୟରେ ଶ୍ରୀଜୀଉଙ୍କ ନୀତି ସଂପାଦନ ଅବ୍ୟାହତ ରଖାଯିବ। ଏଥିସହ ଅଧିକୃତ ପାଳିଆ ସେବକମାନେ ଜଗମୋହନ ଓ ଗର୍ଭଗୃହକୁ ନୀତି ସଂପାଦନ ନିମନ୍ତେ ସ୍ୱାଚ୍ଛନ୍ଦରେ ପ୍ରବେଶ କରିବେ। ସେହିଭଳି କଡ଼ା ସୁରକ୍ଷା ଦୃଷ୍ଟିରୁ ସର୍ବସାଧାରଣଙ୍କ ନିମନ୍ତେ ଉକ୍ତ ଦିନମାନଙ୍କରେ ଦର୍ଶନ ବ୍ୟବସ୍ଥା ଭିତର କାଠ ନିକଟରୁ ବନ୍ଦ ରଖାଯାଇ କେବଳ ବାହାର କାଠ ନିକଟରୁ କରାଯିବ। ଏଣୁ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତି କାର୍ଯ୍ୟରେ ପୂର୍ବୋପରି ପୂର୍ଣ୍ଣ ସହଯୋଗ ନିମନ୍ତେ ନିବେଦନ କରିଛନ୍ତି ମୁଖ୍ୟ ପ୍ରଶାସକ । ପରବର୍ତ୍ତୀ ଗଣତି ଦିନଗୁଡ଼ିକ ଏହି ପର୍ଯ୍ୟାୟ ପରେ ଘୋଷଣା କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଥାଉକି, ଏହା ପୂର୍ବରୁ ମାର୍ଚ୍ଚ ୨୫ ତାରିଖରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ରତ୍ନଭଣ୍ଡାର ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା।ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ସ୍ବତନ୍ତ୍ର ଟିମ୍ ମନ୍ଦିର ଭିତରେ ରତ୍ନ ଅଳଙ୍କାର ଗଣତି କରିଥିଲେ। ଗଣତି ମଣତିର ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓଗ୍ରାଫି, ଫଟୋଗ୍ରାଫି ଓ ଥ୍ରୀଡି ମ୍ୟାପିଂ କରାଯାଇଥିଲା। ତେବେ ସଂପୂର୍ଣ୍ଣ ଗଣତିମଣତି ସରିବା ପରେ ଏହାକୁ ୧୯୭୮ ମସିହା ତାଲିକା ସହ ମେଳ କରି ୨୦୨୬ର ଟ୍ୟାଗ ଲଗାଯିବ।

## ଗୋ ମାଫିଆଙ୍କ ଘରୁ ବନ୍ଧୁକ ସହ ୫ ଲକ୍ଷ ଟଙ୍କା ଓ ସୁନା ଗହଣା ଜବତ

### ଏସପିଙ୍କ ନିର୍ଦ୍ଦେଶ କ୍ରମେ ଆଠ ଗୋ ମାଫିଆଙ୍କ ଘରେ ତନାଘନା

ଭଦ୍ରକ, ୭।୪ : ଗତ କିଛି ଦିନର ବ୍ୟବଧାନ ପରେ ପୁଣି ଭଦ୍ରକରେ ଗୋ ମାଫିଆ ଙ୍କ ଘରେ ପୋଲିସର ବଡ଼ ଚଢ଼ାଉ । ଭଦ୍ରକ ପୁରୁଣାବଜାର ଓ ଗୁଜି ଦରଡ଼ାରେ ଥିବା ୮ ଟି ଗୋ-ମାଫିଆ ଘରେ ଏକ ସଙ୍ଗେ ଭଦ୍ରକ ପୋଲିସର ରେଡ । ଭଦ୍ରକ ଏସପି ମନୋଜ ରାଉତ ଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ପୋଲିସ ପ୍ରଶାସନର ୮ଟି ପୋଲିସ ଟିମ ଜଣେ ଅତିରିକ୍ତ ଏସପି ଓ ୨ ଜଣ ଡ଼ିଏସପି ଙ୍କ ସମେତ ଟାଉନ, ପୁରୁଣା ବଜାର ଆଇଆଇସି, ଙ୍କ ସମେତ ୬ ପ୍ଲାଟୁନ ପୋଲିସ ଫୋର୍ସ ଏକ ସାଙ୍ଗରେ ଗୋ ମାଫିଆ ଙ୍କ ଘରେ ରେଡ କରୁଛନ୍ତି । ଭଦ୍ରକ ପୁରୁଣା ବଜାର ଅଞ୍ଚଳରେ ସନ୍ଥିଆ ଠାରେ ଥିବା ଏହି ଗୋ - ମାଫିଆଙ୍କ ଚାଲିଛି ରେଡ ଏହି ଠାରେ ଦୁଇ ଜଣ ଗୋ -ମାଫିଆଙ୍କ ଘରେ ଚଳାଇଛନ୍ତି ଭଦ୍ରକ ପୋଲିସର ରେଡ । ଗୋ ମାଫିଆଙ୍କ ଘରେ ଖଣ୍ଡା, ବନ୍ଧୁକ, ୫ ଲକ୍ଷ୍ୟ ଟଙ୍କା କେସ ଓ ସୁନା ଗହଣା ବାହାରିଛି ଗୋ ମାଫିଆ ତକିଲ ଘରେ । ଗୁଜି ଦରଡ଼ାରେ ୩ , ସନ୍ଥିଆରେ ୨ ଓ ନଙ୍ଗାମହଲା ତା ସହିତ ଅଲାଲପୁର ଠାରେ ଥିବା ଗୋ ମାଫିଆଙ୍କ ଘରେ ମଧ୍ୟ ଚଢ଼ାଉ ଚାଲିଛି ।

ସେପଟ ବାଲେଶ୍ୱର ଜିଲ୍ଲା ସୋର ବାରିକପୁରରେ ଥିବା କୁଖ୍ୟାତ ଗୋ ମାଫିଆଙ୍କ ଘରେ ବାଲେଶ୍ୱର ପୋଲିସର ଚଢ଼ାଉ । ଗୋରୁ ଗାଡିକୁ ଏସ୍କଟ ଦେଉଥିବା ଗୋଟିଏ ବୋଲେରୋ ଏବଂ ଗୋଟିଏ ପିକଅପ ଜବଦ କରିଛି ପୋଲିସ । ଖନ୍ତାପଡ଼ା ଥାନା ପଣପଣା ନିକଟରେ ଗୋ ରକ୍ଷକଙ୍କୁ ଗାଡି ଚଢାଇ ମାରିବା ଘଟଣାରେ ଏହି ଗୋ ମାଫିଆର ନାଁରେ ଅଭିଯୋଗ ହୋଇଥିଲା ।ବାଲେଶ୍ୱର ସଦର ଏସଡିପିଓଙ୍କ ନେତୃତ୍ୱରେ ବିଭିନ୍ନ ଥାନା ଆଇଆଇସି ଏବଂ ବାଲେଶ୍ୱର ପୋଲିସର ବିଳମ୍ବିତ ରାତିରୁ ଚଢ଼ାଉ ଆରମ୍ଭ ହୋଇଥିବା ବେଳେ କୁଖ୍ୟାତ ଗୋ ମାଫିଆ ଘରେ ଚାଲିଛି ରେଡ । ବର୍ତ୍ତମାନ ସୁଦ୍ଧା ଦୁଇଟି ଗାଡି ଜବତ ହୋଇଥିବା ବେଳେ ପୋଲିସ ରେଡ ଚଳାଇଛନ୍ତି ଗୋରକ୍ଷକଙ୍କୁ ଗାଡି ଚଢାଇବା, ଜଣଙ୍କର ମୃତ୍ୟୁ ହେବା ପରେ ଆକ୍ସନ ମୋଡ଼ରେ ରାଜ୍ୟ ସରକାର । ଆରମ୍ଭ ହୋଇଛି ପୋଲିସର ଆକ୍ସନ ।

ମୟୂରଭଞ୍ଜ ଜିଲ୍ଲା ବିଭିନ୍ନ ଯାଗାରେ ଗୋ ମାଫିଆଙ୍କ ଘରେ ପୋଲିସର ଚଢାଉ । ବଡ଼ସାହି ନିର୍ବାଚନ ମଣ୍ଡଳୀର ବୈଶିଙ୍ଗା ଥାନା ଅଧୀନରେ ଥିବା କଳମା ପଞ୍ଚାୟତ ଗୋବିନ୍ଦରାୟପୁରରେ ମଧ୍ୟ ଚଢ଼ାଉ ଜାରି ରହିଛି। ତେବେ ଏହି ଚଢ଼ାଉରେ ବେତନଟୀ ତହସିଲଦାର ଏସଡିପିଓ ଏବଂ ବୈଶିଙ୍ଗା ପୋଲିସ୍ ଟିମଙ୍କ ମିଳିତ ଉଦ୍ୟମରେ ଚଢ଼ାଉ ଚାଲିଥିବା ଜଣାପଡିଛି । ମୟୂରଭଞ୍ଜ ଜିଲ୍ଲାରେ ଗୋ-ମାଫିଆଙ୍କ ଘରେ ବ୍ୟାପକ ଚଢାଉ । ଜିଲ୍ଲାର ୧୫ଟି ସ୍ଥାନରେ ଏକକାଳୀନ ଚଢାଉ କରୁଛି ମୟୂରଭଞ୍ଜ ପୋଲିସ। ରାଇରଙ୍ଗପୁର ଥାନା ଅନ୍ତର୍ଗତ ଦେଓଗାଁ ଓ ସାତପଉଟିଆ ଅଞ୍ଚଳରୁ ନଗଦ ୧୧ଲକ୍ଷ ଟଙ୍କା, ୧୨ଲକ୍ଷରୁ ଅଧିକ ଟଙ୍କାର ସୁନାଗହଣା, ୫ଟି ଚାରି ଚକିଆ ଓ ୪ଟି ୨ଚକିଆ ଗାଡ଼ି ଜବତ ହୋଇଛି। ବୈଶିଙ୍ଗା ଥାନା ଅଞ୍ଚଳର ୪ଟି ସ୍ଥାନ, ରାଇରଙ୍ଗପୁର ଥାନା ଅଞ୍ଚଳର ୩ଟି ସ୍ଥାନ, ଝାରପୋଖରିଆ ଥାନା ଅଞ୍ଚଳର ୩ଟି ସ୍ଥାନ, ବାରିପଦା ଥାନା ଅଞ୍ଚଳର ୩ଟି, ଶୁଳିଆପଦା ଓ ବାଙ୍ଗିରିପୋଷୀ ଥାନା ଅଞ୍ଚଳର ଗୋଟିଏ ଲେଖାଏଁ ସ୍ଥାନରେ ଏହି ଚଢାଉ ଜାରି ରହିଛି । ଶୁଳିଆପଦା ଥାନା ଅଧୀନ ଚାଉଳଧଉଣି ଠାରେ ଗୋ ମାଫିଆ ସୁଜିତ୍ ମହାପାତ୍ର ଘରେ ଚଢ଼ାଉ ଚାଲିଛି ।

### ସାବରୀମାଳା ମାମଲାରେ କେନ୍ଦ୍ର ସରକାରଙ୍କ ସତ୍ୟପାଠ

## କୋର୍ଟ ଆସ୍ଥା ଉପରେ ନିଷ୍ପତ୍ତି ନେଇପାରିବେ ନାହିଁ

ନୂଆଦିଲ୍ଲୀ,୭/୪: କେରଳର ସାବରୀମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ସମ୍ପର୍କିତ ମାମଲାର ଶୁଣାଣି ମଙ୍ଗଳବାର ଦିନ ସୁପ୍ରିମକୋର୍ଟ ଆରମ୍ଭ କରିଛନ୍ତି। ଏକ ନଅ ଜଣିଆ ସମ୍ବିଧାନ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି ଏବଂ କେନ୍ଦ୍ର ସରକାର ଏକ ସତ୍ୟପାଠ ଦାଖଲ କରିଛନ୍ତି ଯେ, ଋତୁସ୍ରାବ ହେଉଥିବା ସମୟରେ ମହିଳାମାନଙ୍କୁ ପ୍ରବେଶ ଅନୁମତି ଦିଆଯିବା ଉଚିତ୍ ନୁହେଁ। ସରକାର କହିଛନ୍ତି, କୋର୍ଟ ଆସ୍ଥା ଉପରେ ବିଚାର କରିପାରିବେ ନାହିଁ। ସୁପ୍ରିମକୋର୍ଟ ସାବରୀମାଳା ମାମଲାରେ ଦାଖଲ ହୋଇଥିବା ସମୀକ୍ଷା ଆବେଦନଗୁଡ଼ିକର ଶୁଣାଣି ଆରମ୍ଭ କରିବା ସମୟରେ କେନ୍ଦ୍ର ସରକାର ମନ୍ଦିରରେ ଋତୁସ୍ରାବ ହେଉଥିବା ସମୟରେ ମହିଳାଙ୍କ ପ୍ରବେଶକୁ ବିରୋଧ କରିଛନ୍ତି। କେନ୍ଦ୍ର ସରକାର କହିଛନ୍ତି ଯେ, କୋର୍ଟ ଲୋକଙ୍କ ବିଶ୍ୱାସର ବିଚାର କରିପାରିବେ ନାହିଁ। ଭଗବାନ ଆୟାପ୍ପା ବ୍ରହ୍ମଚାରୀ ଏବଂ ମହିଳାମାନଙ୍କୁ ଏଡ଼ାଇ ଥାନ୍ତି। ଆୟାପ୍ପା ଭକ୍ତମାନେ ଏକ ସ୍ୱତନ୍ତ୍ର ସମ୍ପ୍ରଦାୟର। ଏହାସହିତ, ସାବରିମାଳା ସମୀକ୍ଷା ଆବେଦନର ଜବାବରେ, କେନ୍ଦ୍ର ସରକାର ସମସ୍ତ ମହିଳାଙ୍କୁ ପ୍ରବେଶକୁ ଅନୁମତି ଦେଇଥିବା ୨୦୧୮ ରାୟର ସମୀକ୍ଷାକୁ ସମର୍ଥନ କରିଛନ୍ତି। ସରକାର ଯୁକ୍ତି ଦେଇଛନ୍ତି ଯେ, ଏହି ପ୍ରସଙ୍ଗ କେବଳ ଲିଙ୍ଗ ସମାନତା ବିଷୟରେ ନୁହେଁ, ବରଂ ଧାର୍ମିକ ବିଶ୍ୱାସ ଏବଂ ପରମ୍ପରା ବିଷୟ ମଧ୍ୟ। କୋର୍ଟଗୁଡ଼ିକ ଅତ୍ୟାବଶ୍ୟକ ଧାର୍ମିକ ପ୍ରଥା କିମ୍ବା ଦେବତାଙ୍କ ଗୁଣଗୁଡ଼ିକର ପୁନଃ ବ୍ୟାଖ୍ୟା କରିବା ଉଚିତ୍ ନୁହେଁ।

## ଦୁର୍ଘଟଣାରେ ପରିବାରର ଚାରି ମୃତ

ଜୟପୁର, ୭।୪ (ଆନିସ): ବ୍ରତ ଭୋଜି ରେ ଯୋଗ ଦେଇ କାର ଯୋଗେ ଘର କୁ ଫେରୁଥିବା ବେଳେ ବିପରୀତ ଦିଗ ରୁ ଆସୁଥିବା ଆଉ କାର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଗାଡ଼ିରେ ବସିଥିବା କୋରାପୁଟ ସହର ଗୌତମ ନଗରର ଗୋଟେ ପରିବାର ର ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତ୍ୱର ଭାବେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ରେ ଚିକିତ୍ସିତ ହେଉଛନ୍ତି। ଗତ କାଲି ଗୌତମ ନଗର ର ବଂଶୀ ଧର ପଣ୍ଡା ନିଜ ପରିବାର ଙ୍କ ସହିତ ନବରଙ୍ଗପୁର କୁ ଏକ ବ୍ରତଘର ଭୋଜି ରେ ଯୋଗ ଦେବା ପାଇଁ ଯାଇଥିଲେ। ଭୋଜି ଖାଇବା ପରେ ଭାରତ ମାଳା ରାସ୍ତା ଦେଇ କୋରାପୁଟ କୁ ଫେରୁଥିବା ସମୟରେ ନବରଙ୍ଗପୁର ଠାରେ ବିପରୀତ ଦିଗ ରୁ ଆସୁଥିବା ଆଉ ଏକ କାର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ବଂଶୀଧର ପଣ୍ଡା ଙ୍କ ଗାଡି ତାଙ୍କ ଭାଇ,ପୁଅ, ନାତି ଙ୍କ ସମେତ ଭଣଜା ଥିଲେ। ସେଥି ରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ କାର ରେ ଥିବା ୩ ଜଣ ଗୁରୁତ୍ୱର ହୋଇଥିଲେ। ଖବର ପାଇଁ ଅଗ୍ନିଶମ ଓ ପୋଲିସ ପହଞ୍ଚି ଉଭୟ ଗାଡି ରୁ ସେମାନଙ୍କୁ ଉଦ୍ଧାର କରି ମେଡିକାଲ କୁ ନେଇଥିଲେ। ମୃତ୍ୟୁ ଙ୍କ ଶବ ବ୍ୟବଚ୍ଛେଦ ପରେ ବଂଶୀଧର ଙ୍କ ନିଜ ଘର କୋରାପୁଟ କୁ ଆସିଥିଲା। ଶବ ପହଞ୍ଚିବା ପରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୋଟେ ପରିବାର ର ୪ ସଦସ୍ୟ ଙ୍କୁ ହରାଇ ପ୍ରିୟ ପରିଜନ ଦୁଃଖରେ ଭାଙ୍ଗି ପଡିଛନ୍ତି।

# ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଶୁଣାଣି



ଯାଜପୁର , ୭।୪ (ଆନିସ) : ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।ଆଜି ମୋଟ ୨୫୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୦୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୩ ଗୋଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୪୬ ଗୋଟି ଏବଂ ରେଡ୍ କ୍ରସ ପାଣ୍ଠିରୁ ୦୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୪୯ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ, ଉପ ଜିଲ୍ଲାପାଳ, ଯାଜପୁର ଶ୍ରୀ ତାପସ ରଂଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ଶ୍ରୀ ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ଶ୍ରୀ ରବି ନାରାୟଣ ପାଢ଼ୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

# ନବ ପ୍ରଭାତ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ

ପାରାଦୀପ, ୭।୪ (ଆନିସ): ପାରାଦୀପ ବୃନ୍ଦାବନ କଲୋନୀ ରେ ଥିବା ନବ ପ୍ରଭାତ ଶିଶୁ ବିଦ୍ୟା ମନ୍ଦିର ୨୩ ବର୍ଷ ଧରି ବାର୍ଷିକ ଉତ୍ସବ ପାଳନ କରି ଆସୁଥିବା ବେଳେ ଏଥର ଏବର୍ଷ କୁ ନେଇ ନବ ପ୍ରଭାତ ଶିଶୁ ବିଦ୍ୟା ମନ୍ଦିର ୨୪ ବର୍ଷରେ ପଦାର୍ପଣ କରଥିବା ବେଳେ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳନ କରାଯାଇଛି ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଜଗତ ସିଂହପୁର ଲୋକସଭା ସାଂସଦ ବିଭୂପ୍ରସାଦ ତରାଇ ଯୋଗ ଦେଇ ଥିବା ବେଳେ ପାରାଦୀପ ପୌର ପରିଷଦ ଅଧକ୍ଷ ତଥା ନବ ପ୍ରଭାତ ଶିଶୁ ବିଦ୍ୟା ମନ୍ଦିର ର ଅଧକ୍ଷ ଶ୍ରୀ ଯୁକ୍ତ ବସନ୍ତ କୁମାର ବିଶ୍ୱାଳ, ରାଷ୍ଟ୍ର




ପତି ପୁରସ୍କୃତ ପାରାଦୀପ ଏନେସି ହାଇ ସ୍କୁଲ୍ ର ପ୍ରାକ୍ତନ ପ୍ରଧାନ ଶିକ୍ଷକ,ବିଶିଷ୍ଟ ଶିକ୍ଷାବିତ୍ ମନୋରଞ୍ଜନ ଦାସ, ସମ୍ମାନିତ ଅତିଥି ମଣ୍ଡଳ ଶିକ୍ଷ୍ୟା ଅଧିକାରୀ କୁଜଙ୍ଗ ବ୍ଲକ ମନୋଜ କୁମାର ବେହେରା, (ସି ଆର ସି ଶି ) ସୁକାନ୍ତ କୁମାର ସ୍ୱାଇଁ, ପାରାଦୀପ ପୌର ପରିଷଦ ୮ ନମ୍ବର୍ ୱାର୍ଡ ପାରିଷଦ ଅଜିତ ଷଡ଼ଙ୍ଗୀ, ପାରାଦୀପ ପୌର ପରିଷଦ ୯ ନମ୍ବର୍ ୱାର୍ଡ ପାରିଷଦ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିବା ବେଳେ ନବ ପ୍ରଭାତ୍ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଗୁରୁମା ବବିତା ଜେନା ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା ସମସ୍ତ ନିମନ୍ତ୍ରିତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇ ଥିବା ଦେଖିବାକୁ ମିଳିଥିଲା ପ୍ରଥମେ ମୁଖ୍ୟ ଅତିଥି ପ୍ରଦିପ ପ୍ରଯୋଲାନ୍ କରି ନଡ଼ିଆ ବାଡେଇ ଉଦଘାଟନ କରିଥିଲେ ମଞ୍ଚରେ ଉପସ୍ଥିତ ଅତିଥି ମାନଙ୍କୁ ନବ ପ୍ରଭାତ ଶିଶୁ ବିଦ୍ୟା ମନ୍ଦିର ର କୁନିକୁନି ପିଲା ମାନଙ୍କ ଦ୍ୱାରା ପରିବେଷଣ କରାଯାଇ ଥିବା ନୃତ୍ୟ ଗୀତରେ ରେ ସମ୍ମାନିତ କରାଯାଇ ଥିବା ଦେଖା ଯାଇଥିଲା ଏହି କାର୍ଯ୍ୟ କ୍ରମ ରେ ପ୍ରଧାନ ଗୁରୁମା ବାର୍ଷିକ କାର୍ଯ୍ୟ କ୍ରମ ର ପାଠ ବିବରଣୀ କରିଥଲେ ଏଥିରେ କୁନି କୁନି ପିଲା ଙ୍କ ଦ୍ୱାରା ବିଭିନ୍ନ ସାସ୍କୃତିକ୍ କାର୍ଯ୍ୟ କରାଯାଇ ଥିବା ଦେଖିବାକୁ ମିଳିଥିଲା

## ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣୀ ଅନୁଷ୍ଠିତ

# ମୋଟ ୨୭୬ ଗୋଟି ଅଭିଯୋଗର ହେଲା ଶୁଣାଣି

ବାରିପଦା: (୦୭/୦୪): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ୍ ଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଶ୍ରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ଉପ-ଜିଲ୍ଲାପାଳ ବାରିପଦା କସ୍ତୁରୀ ପଣ୍ଡା



ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୭୬ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି । ଏଥିରେ ୨୨୯ ଗୋଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୪୭ ଗୋଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଛି । ତନ୍ମଧ୍ୟରୁ ୧୩ ଗୋଟି ଅଭିଯୋଗର ସମାଧାନ ତତକ୍ଷଣାତ୍ ଜନ ଅଭିଯୋଗ ଶିବିରରେ କରାଯାଇଛି । ଏହାସହ ୮ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୫ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

# ରଜାବନ୍ଧର ନିଲାମ ରଦ୍ଧ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ସାରସକଣା,୭।୪ (ଆନିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଅନ୍ତର୍ଗତ ଥୁପୋଖରୀଆ ଗ୍ରାମ ପଞ୍ଚାୟତ ଅଧିନସ୍ଥ ରଜାବନ୍ଧର ସାରସକଣା ପଞ୍ଚାୟତ ସମିତି କାର୍ଯ୍ୟାଳୟର ବିଜ୍ଞପ୍ତି ସଂଖ୍ୟା – ୧୦୦୯, ତାରିଖ ୧୦ ମାର୍ଚ୍ଚ ଅନୁସାରେ ପୋଖରୀଆ ଗ୍ରାମ ପୋଖରୀଆ ଗ୍ରାମ ପଞ୍ଚାୟତର ଜଣଙ୍କ ନାମରେ ଅଂଶଗ୍ରହଣ କରି ପାଞ୍ଚଲକ୍ଷ ସତୁରି ହଜାର ଟଙ୍କା ପର୍ଯ୍ୟନ୍ତ ଡାକି ପଞ୍ଚାୟତବାସୀଙ୍କ ସମ୍ପତ୍ତିରେ ହେରଫେର କରାଯାଇଛି ଏବଂ ବାର୍ଷିକ ନିଲାମ ଡାକର ପ୍ରଥମ କିସ୍ତିରେ ଶତକଡା ୭୫ ଭାଗ ସେହି ଦିନ ଦାଖଲ କରାଯାଇନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ତେଣୁ ରଜାବନ୍ଧର ନିଲାମ ରଦ୍ଧ କରାଯାଇ ନିୟମ ଅନୁସାରେ ପୁଣିଥରେ ନିଲାମ କରାଯିବା ତାରିଖ ଘୋଷଣା କରାଯାଉ ବୋଲି ଦାବି ହୋଇଛି ଏବଂ କେବଳ ପଞ୍ଚାୟତର ଏସଏଚଜି ସମେତ ରଜାବନ୍ଧର ଚାରିପାଖରେ



ଥିବା ପାଞ୍ଚଟି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନିଲାମରେ ସୁଯୋଗ ଦେଲେ ପଞ୍ଚାୟତବାସୀଙ୍କ ଉପକାର ସହିତ ଉନ୍ନତି ହେବ ବୋଲି ପ୍ରକାଶ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ମାୟା ହେମ୍ବ୍ରମ, ମାଳତୀ ସୋରେନ, ପାର୍ବତୀ ଟୁଡୁ, ସାଉଁରୀ ହେମ୍ବ୍ରମ ସହ ଚାରିଗୋଟି ଏସଏଚଜିର ସଦସ୍ୟା ଉପସ୍ଥିତ ଥିଲେ । ନିଲାମ ରଦ୍ଧ ପାଇଁ ଚାରିଗୋଟି ଗ୍ରାମ ଯଥା ଜଟିଆଶୋଳ, ନାରାନଡିହି, ଖୋଡିପାହାଡି, ଡାଳଙ୍ଗସାହି ଆଦି ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ପକ୍ଷରୁ ମୟୁରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବି ପତ୍ରରେ କୁହାଯାଇଛି କି, ପଞ୍ଚାୟତ କାର୍ଯ୍ୟାଳୟରେ ଗତ ୪ ଏପ୍ରିଲରେ କରାଯାଉଥିବା ସାଧାରଣ ସମ୍ପତ୍ତିର ନିଲାମ ଡାକର ନିୟମକୁ ଉଲଂଘନ କରାଯାଇ ଦୁର୍ନୀତି ହୋଇଛି ବୋଲି ଅଭିଯୋଗ କରାଯାଇଛି । ଅର୍ଥାତ୍ ପୋଖରୀଆ ଗ୍ରାମ ପଞ୍ଚାୟତ ଅଧିନସ୍ଥ ରଜାବନ୍ଧର ନିଲାମ ଡାକ ସମୟରେ ଅନ୍ୟ ପଞ୍ଚାୟତର ପୁଞ୍ଜି ନିବେଶକାରୀଙ୍କ ଇଶାରାରେ

# ଆରଡିସି ଓ ଏମସିଏଲ ମୁଖ୍ୟଙ୍କୁ ଭେଟି ଦାବିପତ୍ର ଦେଲେ ସୁନ୍ଦରଗଡ ବିଧାୟକ

ସୁନ୍ଦରଗଡ଼, ୦୬/ ୦୪(ଆନିସ): ସୁନ୍ଦରଗଡ଼ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର ଏବଂ ଏମସିଏଲ ର



ବିଧାୟକ ଯୋଗେଶ କୁମାର ସିଂ ସୋମବାର ସମ୍ବଲପୁର ଠାରେ ସିଏମଡ଼ି ଙ୍କୁ ସାକ୍ଷାତ କରି ସୁନ୍ଦରଗଡ ଜିଲ୍ଲା ବିକାଶ ପାଇଁ ପେରିଫେରି ଫଣ୍ଡ ପାଇଁ ଦାବୀ ପତ୍ର ପ୍ରଦାନ କରି ଆଲୋଚନା କରିଥିଲେ । ସୁନ୍ଦରଗଡ ଜିଲ୍ଲା ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଆଦିବାସୀ ମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ସହିତ ପ୍ରସ୍ତାବିତ ଭେଡାବାହାଲ ପାୱାରପ୍ଲାଣ୍ଟ କୁ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଥିଲେ ସୁନ୍ଦରଗଡ ଜିଲ୍ଲାରେ ଆରପିଡ଼ିଏସି ବୈଠକ,ବାଙ୍ଗିବାହାଲ ଠାରୁ ଟପରିଆ ପର୍ଯ୍ୟନ୍ତ ଏବଂ ବାଙ୍କିବାହାଲ ଠାରେ ଭେଡାବାହାଲ ଏସଏଚ ୧୦ ପର୍ଯ୍ୟନ୍ତ କୋଲ କରିଡ଼ର କୁ ଚାରି ଲେନ୍ ଓ ରାସ୍ତାର ବିଭିନ୍ନ ସ୍ଥାନରେ ଆଲୋକୀ କରଣର ସୁବିଧା ଓ ରାସ୍ତା ର ମରାମତି ପାଇଁ ଦାବୀ ପତ୍ର ପ୍ରଦାନ କରିଥିଲେ ।

# ଓଡ଼ିଆ ପକ୍ଷ- ଅବସରରେ ମୟୂରଭଞ୍ଜରେ ସ୍ୱଚ୍ଛତା ଅଭିଯାନ ସଫଳତାର ସହ ସମ୍ପନ୍ନ

ବାରିପଦା, ୭।୪ (ଆନିସ): ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ମନ୍ଦିର ଏବଂ ହାଟବଜାର ଅଞ୍ଚଳଗୁଡ଼ିକରେ ''ସ୍ୱଚ୍ଛତା ଅଭିଯାନ'' ବ୍ୟାପକ ଭାବେ ଆୟୋଜିତ ହୋଇ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଅଭିଯାନ ମାଧ୍ୟମରେ ସାଧାରଣ ଲୋକମାନଙ୍କ ପାଇଁ ପରିଷ୍କାରତା, ସ୍ୱାସ୍ଥ୍ୟ ସଚେତନତା ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ପ୍ରଦାନ କରାଯାଇଛି। ବିଶେଷକରି ସାଧାରଣ ଜନସାଧାରଣଙ୍କ ଆଗମନ ଥିବା ସ୍ଥାନଗୁଡ଼ିକୁ ପରିଷ୍କାର ଓ ସୁନ୍ଦର ରଖିବା ଉପରେ ଏହି କାର୍ଯ୍ୟକ୍ରମରେ ଜୋର ଦିଆଯାଇଥିଲା। ଏହି ସ୍ୱଚ୍ଛତା ଅଭିଯାନ ଜିଲ୍ଲାର ବିଭିନ୍ନ ବ୍ଲକରେ ଭିନ୍ନ ଭିନ୍ନ ଭାବରେ ଆୟୋଜନ



କରାଯାଇଥିଲା । ଏଥିରେ ସଂପୃକ୍ତ ବ୍ଲକର ବିଡିଓ , ପଞ୍ଚାୟତ ସମିତି ଅଧ୍ୟକ୍ଷ, ପଞ୍ଚାୟତରାଜ୍ ସଦସ୍ୟମାନେ, ବ୍ଲକ୍ ଓ ଗ୍ରାମପଞ୍ଚାୟତ ଅଧିକାରୀମାନେ, ସ୍ୱୟଂସହାୟକ ଗୋଷ୍ଠୀ (ଏସଏଚଜି) ମହିଳାମାନେ ଏବଂ ସ୍ଥାନୀୟ ଜନସାଧାରଣ ଉତ୍ସାହର ସହ ସକ୍ରିୟ ଭାଗ ନେଇଥିଲେ । ସମସ୍ତଙ୍କ ଏକତ୍ର ସହଯୋଗ ଓ ସାମୂହିକ ପ୍ରୟାସ ଏହି ଅଭିଯାନକୁ ସଫଳ କରିଥିଲା। ଅଭିଯାନ ସମୟରେ ବିଭିନ୍ନ ସ୍ଥାନରେ ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟ ସହ ଲୋକମାନଙ୍କୁ ଦୈନିକ ଜୀବନରେ ସ୍ୱଚ୍ଛତା ଅଭ୍ୟାସ ଆପଣାଇବାକୁ ପ୍ରେରିତ କରାଯାଇଥିଲା। ଏହା ସହିତ ପ୍ଲାଷ୍ଟିକ ବ୍ୟବହାର କମେଇବା, ଅବର୍ଜନାର ସଠିକ୍ ପ୍ରକ୍ରିୟାକରଣ ଓ ପରିବେଶ ସୁରକ୍ଷା ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା।

# ବିଜେପର ୪୭ ତମ ପ୍ରତିଷ୍ଠା ଦିବସରେ ୧୧ରେ ପତାକା ଉତ୍ତୋଳନ

ପାରାଦୀପ, ୭।୪ : (ଆନିସ): ପାରାଦୀପ ଭାରତୀୟ ଜନତା ପାର୍ଟି ବିଜେପି ତରଫରୁ ୪୭ ତମ ପ୍ରତିଷ୍ଠା ଦିବସ ରେ ପାରାଦୀପ ଗୋପାଳ ଜୀଉ କଲୋନୀ ୧୧ ୱାର୍ଡ ରେ ରଞ୍ଜନ ବେହେରା ଙ୍କ ନେତୃତ୍ୱ୍ୟେ ରେ ପତାକା ଉତୋଳନ କରାଯାଇ ଥିବା ଦେଖିବାକୁ ମିଳିଛି ଏହି କାର୍ଯ୍ୟ କ୍ରମ ରେ ପାରାଦୀପ ବିଧାୟକ ତଥା ଓଡ଼ିଶା ସରକାର୍ ଙ୍କ ମାନ୍ୟବର ଶିଳ୍ପ ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀ ସମ୍ପଦ ସ୍ୱାଇଁ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାର ସିଂ ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାରାଦୀପ ବିଜେପି ମଣ୍ଡଳ ସଭାପତି ତଥା ପାରାଦୀପ ପୌର ପରିଷଦ ୯ ନମ୍ବର୍ ୱାର୍ଡ ପାରିଷଦ ସୁବ୍ରତ ପ୍ରଧାନ ପାରାଦୀପ ଗୋପାଳ ଜୀଉ କଲୋନୀ ର ବହୁ ନେତ୍ରୁ ମଣ୍ଡଳୀ ସୁଶାନ୍ତ ପଣ୍ଡା, ଅମୟ କୁମାର ରାଉତ ରାୟ, ବୈକୁଣ୍ଠ ନାୟକ, ଉଲ୍ଲାସ



ବେହେରା, ପ୍ରଫୁଲ୍ଲ ଦାସ, ଅକ୍ଷୟ ଦାସ, ଅଜୟ ମୁଦୁଲି,ଅବଦୁଲ ଗଫାର୍ , ସରୋଜ ରାଉତ୍ ଖଗେଶ୍ବର ଦାସ , ବୃନ୍ଦାବନ ଦାସ, ବାପି ସାହୁ, ବିଜୟ ମହାନ୍ତି, ବିଷ୍ଣୁ ପ୍ରଧାନ,ବିଷ୍ଣୁ ପ୍ରିୟା ଶତପଥୀ, ଗୀତି ଦେବୀ, ତପସ୍ୱିନୀ ମହାନ୍ତି, ଯୁବତୀ ପରିଡ଼ା, ଗୋଲାପ ରାଣୀ ଓଝା, ପ୍ରମିଳା ମୁଦୁଲି, ଦିପ୍ତି ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଥିବା ବେଳେ ଏଥିରେ ବହୁ ମହିଳା କର୍ମୀ ଓ ବହୁ ବୁଦ୍ଧି ଜିବୀ ଦଳୀୟ କର୍ମୀ ଯୋଗ ଦେଇ ଭାରତୀୟ ଜନତା ପାର୍ଟି ବିଜେପି ର ୪୭ ତମ ପ୍ରତିଷ୍ଠା ଦିବସ ରେ ପତାକା ଉତୋଳନ କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିବା ଦେଖିବାକୁ ମିଳିଛି ଏଥି ସହ ପାରାଦୀପ ର ବିଭିନ୍ନ ୱାର୍ଡ ରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପତାକା ଉତୋଳନ କରାଯାଇ ଖୁସି ମନାଇ ଥିବା ଦେଖାଯାଇଛି

# ସରକାରୀ ଉଚ୍ଚ ବିଦ୍ୟାଳୟ ଉଜ୍ଜ୍ୱଳପୁରର ପ୍ଲାଟିନମ୍ ଜୁବୁଲି ଉଦଯାପିତ

ସୁନ୍ଦରଗଡ଼, ୭।୪ (ଆନିସ): ଟାଙ୍ଗରପାଲି ବ୍ଲକ ଅଞ୍ଚଳର ସର୍ବ ପୁରାତନ ସରକାରୀ ଉଚ୍ଚ ବିଦ୍ୟାଳୟ ଉଜ୍ଜଳପୁର ୭୫ ବର୍ଷ ପୂର୍ତ୍ତି ଅବସରରେ ଦୁଇଦିନ ବ୍ୟାପି ଚାଲିଥିବା ପ୍ଲାଟିନମ ଜୁବୁଲି ଉଦଯାପିତ ହୋଇଯାଇଛି ଉତ୍ସବର ଶୁଭ ଉଦଘାଟନ କରିଥିଲେ ଓଡ଼ିଶା ବିଧାନସଭାର ଉପାଧ୍ୟକ୍ଷ ଭବାନୀ ଶଙ୍କର ଭୋଇ ଓ ପୂର୍ବତନ ବିଧାୟିକା ସୁଷମା ପଟେଲ। ତାଙ୍କର ପ୍ରେରଣାଦାୟକ ଉଦବୋଧନ ଛାତ୍ରଛାତ୍ରୀଙ୍କ ପାଇଁ ବେଶ ଉପାଦେୟ ଥିଲା ପ୍ଲାଟିନମ୍ ଜୁବିଲି ଉତ୍ସବ କମିଟିର ଅଧ୍ୟକ୍ଷ ଡ.ଉଜାଗର ପଟେଲଙ୍କ ସହିତ ଡକ୍ଟର ମୀନକେତନ କର, ମୁଖ୍ୟ ବକ୍ତା ଇଂ.ବୃନ୍ଦାବନ ମିଶ୍ର, ଡ. ଶରତ ଚନ୍ଦ୍ର ଚୌଧୁରୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଦାସ ଉପସ୍ଥିତ ଥିଲେ ସନ୍ଧ୍ୟା ଅଧିବେସନରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ଟଙ୍କଧର ତ୍ରିପାଠୀ,କୁସୁମ ଟେଟେଙ୍କ ଉପସ୍ଥିତି ଉତ୍ସବକୁ ଅଧିକ ଗୌରବାନ୍ୱିତ କରିଥିଲା। ମୁଖ୍ୟ ବକ୍ତା ଡ.ଆଶୁତୋଷ ନାୟକଙ୍କ ଉପସ୍ଥିତି ଓ ଡ. ଗୌରୀଶଙ୍କର ପଟେଲଙ୍କ ଧନ୍ୟବାଦ ଜ୍ଞାପନ ସହିତ ଦିନଟି ସଫଳ ହୋଇଥିଲା। ଦ୍ୱିତୀୟ ଦିନ ଅମୂଲ୍ୟ କୁମାର ପ୍ରଧାନ ଗଣେଶ ବନ୍ଦନା ପ୍ରଦର୍ଶନ କରି ଆରମ୍ଭ କରିଥିଲେ ଏହାସହ ଜିଲ୍ଲା ଶିକ୍ଷାଧିକାରୀ ମୁରଲୀଧର ବେହେରା,ଏଡିଇଓ ସାରଙ୍ଗଧର ବରିହା ଓ ସଦାନନ୍ଦ ପ୍ରଧାନ,ସମଗ୍ର ଶିକ୍ଷା ସମନ୍ୱୟକର୍ତ୍ତା ଅମାତ୍ୟ ପ୍ରଧାନ, ବିଇଓ ସିନି ବାଡ଼ା , ଟାଙ୍ଗରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀରସେନ ବେହେରା, ତହସିଲଦାର ସ୍ମୃତିସୌମ୍ୟା ଦାଶ ଉପସ୍ଥିତି ଥିଲେ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂ, ସମ୍ମାନିତ ଅତିଥି ଭାବେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ,ଇଂ. ମିତ୍ରଭାନୁ ପଟେଲ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ମନ୍ତ୍ରୀ ଜୁଏଲ ଓରାମଙ୍କ ଉପସ୍ଥିତି ଉତ୍ସବକୁ ଅତ୍ୟନ୍ତ ଗର୍ବ ଓ ଗୌରବର ଶୀର୍ଷସ୍ଥାନରେ ପହଞ୍ଚାଇଥିଲା। ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଗିରିଶ ସାହୁ ଓ ମୁଖ୍ୟ ବକ୍ତା ଡା. ପଙ୍କଜ ପଟେଲ ଉପସ୍ଥିତ ରହି ଉଦବୋଧନ ଦେଇଥିଲେ ପୁରାତନ ଛାତ୍ର ଜୟାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲ ଅଧିବେସନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏହି ପ୍ଲାଟିନମ୍ ଜୁବିଲି କେବଳ ୭୫ ବର୍ଷର ସଫଳତାର ଉତ୍ସବ ନୁହେଁ, ବରଂ ଏହା ଅନେକ ପ୍ରତିଭାଶାଳୀ ମଣିଷ ଓ ଶିକ୍ଷିତ ବ୍ୟକ୍ତିତ୍ୱ ସୃଷ୍ଟିର ଗୌରବମୟ ଯାତ୍ରାର ସ୍ମୃତିଚିହ୍ନ। ଏହା ଆଗାମୀ ପିଢ଼ୀକୁ ବଡ଼ ସ୍ୱପ୍ନ ଦେଖିବା, ସେହି ସ୍ୱପ୍ନକୁ ପରିଶ୍ରମ ଓ ଦୃଢ଼ ସଙ୍କଳ୍ପରେ ସଫଳ କରିବା ପାଇଁ ପ୍ରେରିତ କରେ କମିଟି ସଭ୍ୟ ଉଜାଗର ପଟେଲ, ପଞ୍ଚା ବାବୁ, ପ୍ରଦୀପ ପଟେଲ, ହାରଚାନ୍ଦ ବେହେରା, ସନାତନ ନାଏକ, ବିପିନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ

# ଟାଙ୍ଗରପାଲି ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ସୁନ୍ଦରଗଡ଼,୭।୪(ଆନିସ) : ଟାଙ୍ଗରପାଲି ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତ ପାଲ କୌର ଏବଂ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୭୦ ଗୋଟି ଅଭିଯୋଗ ମଧ୍ୟରୁ ୩୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୪ ଗୋଟି ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୮ ଗୋଟି ଆବେଦନ ରହିଥିଲା।

ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା, ଏସଡିପିଓ ନିର୍ମଳ ମହାପାତ୍ର ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଗଞ୍ଜାମ ୩୬୦ ଆଭିମୁଖ୍ୟ କାର୍ଯ୍ୟକ୍ରମ ଓ ତାଲିମ କର୍ମଶାଳା

## ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁଶାସନର ଗୁଣାତ୍ମକମାନ ବୃଦ୍ଧି ପାଇଁ ଜିଲ୍ଲା ପ୍ରଶାସନର ନୂତନ ପ୍ରୟାସ



ଛତ୍ରପୁର,୭।୪ (ଆନିସ): ଆଜି ଗଞ୍ଜାମ ୩୬୦ ଆଭିମୁଖ୍ୟ କାର୍ଯ୍ୟକ୍ରମ ଓ ତାଲିମ କର୍ମଶାଳା ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଡ଼ୁ କୀର୍ତ୍ତି ଓ୍ୱାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହା ମାଧ୍ୟମରେ ଗଞ୍ଜାମ ଜିଲ୍ଲାର କାର୍ଯ୍ୟକାରୀ ହେଉଥିବା ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡିକର ସଫଳ ଓ ତ୍ୱରିତ ରୂପାୟନ କରିବାର ଲକ୍ଷ୍ୟ ରଖ ଯାଇଛି । ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଭାରତୀୟ ପ୍ରଶାସନିକ ସେବା ଏବଂ ଓଡିଶା ପ୍ରଶାସନିକ ସେବା ଭଳି ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ଲକ୍ଷ୍ୟ ନିକେତନ ମାଧ୍ୟମରେ ଅଭିଜ୍ଞ ଆଇ.ଏ.ଏସ୍., ଆଇ.ପି.ଏସ୍. ଏବଂ ଅବସରପ୍ରାପ୍ତ ଅଧିକାରୀ ମାନଙ୍କ ଦ୍ୱାରା ମାଗଣା କୋଚିଂ , ସ୍କୁଲ ଏବଂ ଛାତ୍ରଛାତ୍ରୀଙ୍କ ତଥ୍ୟ ଓ ଶିକ୍ଷା ଅଗ୍ରଗତି ତଦାରଖ ଗଞ୍ଜାମ ୩୬୦ ଆପ ମାଧ୍ୟମରେ କରାଯିବାର ଲକ୍ଷ୍ୟ ରଖାଯାଇଛି । ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଠାରୁ ଆରମ୍ଭ କରି ସେମାନଙ୍କର ପରୀକ୍ଷାଫଳ ପର୍ଯ୍ୟନ୍ତ ସବୁକିଛି ଏହି ପୋର୍ଟାଲ ମାଧ୍ୟମରେ ଟ୍ରାକ କରାଯାଇପାରିବ । ସ୍କୁଲରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ, ପାନୀୟ ଜଳ, ଶୌଚାଳୟର ପରିଛନ୍ନତା, ଏବଂ ଅନ୍ୟାନ୍ୟ ସୁବିଧାର ସ୍ଥିତି କିପରି ଅଛି ତାହା ଅଧିକାରୀ ମାନେ ତଦାରଖ କରି ଏହି ମୋବାଇଲ୍ ଆପ୍ ରେ ଲିପିବଦ୍ଧ କରାଯିବାର ଲକ୍ଷ୍ୟ ରଖାଯାଇଛି ।।

ସରକାରୀ କର୍ମଚାରୀ ମାନଙ୍କୁ ଦିଆଯାଇଥିବା ବିଭିନ୍ନ କାର୍ଯ୍ୟ କେତେ ଦୂର ଆଗେଇଛି, ତାହାର ଡିଜିଟାଲ ରିପୋର୍ଟିଂ ଏଠାରେ କରାଯିବ । ଜନ ସାଧାରଣଙ୍କ ମତାମତ ଏବଂ ବିଭିନ୍ନ ଯୋଜନାର ତୃଣମୂଳ ସ୍ତରରେ ସ୍ଥିତି ଜାଣିବା ପାଇଁ ଏହି ଆପ୍ ମାଧ୍ୟମରେ ସର୍ଭେ କରାଯିବ । ଏହି ଆପର ସଫଳ ଓ ପାରଦର୍ଶୀ ବ୍ୟବହାର ଗଞ୍ଜାମ ଜିଲ୍ଲାର ବିକାଶ ଧାରାକୁ ତ୍ୱରାନ୍ୱିତ କରିବ ବୋଲି ଜିଲ୍ଲାପାଳ ଶ୍ରୀ କୀର୍ତ୍ତି ଓ୍ୱାସନ୍ ଆଶାବ୍ୟକ୍ତ କରିଛନ୍ତି ।

ଅଧିକାରୀମାନେ ଯେତେବେଳେ କୌଣସି ସ୍କୁଲ, ଅଙ୍ଗନୱାଡି କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବେ ସେମାନଙ୍କୁ ସେହି ସ୍ଥାନରୁ ଗଞ୍ଜାମ ୩୬୦ ଆପ୍ ମାଧ୍ୟମରେ ତଥ୍ୟ ଅପଲୋଡ୍ କରିବାକୁ ହେବ । ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁଶାସନ ଦିଗରେ ଏହା ଏକ ନୂତନ ପ୍ରୟାସ । ଗଞ୍ଜାମ ୩୬୦ ଆପ୍ କିପରି ଡାଉନଲୋଡ୍ କରାଯାଇପାରିବ ଓ ଏହାକୁ କିପରି ବ୍ୟବହାର କରାଯିବ ସମସ୍ତ ବିଷୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ ।

# ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ପାଳିତ



ବୁଗୁଡ଼ା,୭।୪ (ଆନିସ): ବୁଗୁଡ଼ା ନଗର ବିଜେପି ପକ୍ଷରୁ ଭାରତୀୟ ଜନତା ପାର୍ଟିର ୪୭ତମ ସ୍ଥାପନା ଦିବସ ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ନଗର ସଭାପତି କେଦାରନାଥ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନଗର ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ହରପ୍ରସାଦ ଦାସ, ଆସ୍କା ଚିନି ଶିଳ୍ପ ଡାଇରେକ୍ଟର ବସନ୍ତ ଦଳାଇ,ଘୁମୁସର ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର, ନଗର ମହିଳା ମୋର୍ଚ୍ଚା ସଭାପତି ରେଶ୍ମମା ପାତ୍ର, ନଗର ବିଧାୟକ ପ୍ରତିନିଧି ଯୁ. ବୁଲୁ ପାତ୍ର ଏବଂ ନଗର ଯୁବମୋର୍ଚ୍ଚା ସଭାପତି ମାନସ ରଂଜନ ସୁବୁଦ୍ଧି,ନଗର ସାଧାରଣ ସମ୍ପାଦକ ଆଲୋକ କୁମାର ଦାସ ଓ ନଗର ପ୍ରଭାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଦଳର ଆଦର୍ଶ ଓ ସଂଗଠନକୁ ମଜଭୁତ କରିବା ସମ୍ପର୍କରେ ଆଲୋଚନା କରିଥିଲେ।ଏଥି ସହ ମାଣିତରା ମଣ୍ଡଳ ବିଜେପି କାର୍ଯ୍ୟାଳୟଠାରେ ମଧ ସ୍ଥାପନା ଦିବସ ଅବସରରେ ପତାକା ଉତ୍ତୋଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି କାର୍ତ୍ତିକ କୁମାର ମଙ୍ଗାଳ, ପ୍ରଭାରୀ ସୁଶାନ୍ତ କୁମାର ଡାକୁଆ, ଯୁବମୋର୍ଚ୍ଚା ସଭାପତି ପ୍ରକାଶ ମହାରଥା, କୃଷକ ମୋର୍ଚ୍ଚା ସଭାପତି ପଦ୍ମଚରଣ ପ୍ରଧାନ, ସଂକୁରୁ ସରପଞ୍ଚ ସୁଶାନ୍ତ କୁମାର ରାଉତ ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତା ପୂର୍ଣ୍ଣଚନ୍ଦ୍ର ଭୂୟାଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦଳର ୪୭ ବର୍ଷର ସଫଳ ଯାତ୍ରା ଏବଂ ଜନସେବା ସମ୍ପର୍କରେ ବକ୍ତାମାନେ ନିଜର ମତ ରଖିଥିଲେ।

# ଶିଶୁ କଥା ଦିବସ ଓ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ

## ଖେଳକୁଦ ସହିତ ମନଦେଇ ପାଠ ପଢ଼ିବା ପାଇଁ ଜିଲ୍ଲାପାଳଙ୍କ ପିଲାମାନଙ୍କୁ ପରାମର୍ଶ



ଛତ୍ରପୁର,୭।୪ (ଆନିସ): ଓଡ଼ିଆ ଭାଷା ଓ ଭୂଷଣ, ସୃଜନ ଓ ସାହିତ୍ୟ, ଜୀବନ ଓ ଜାଗତିକ ଚେତନା, ପ୍ରଲୁବ୍ଧ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସଂସ୍କୃତିର ସରଳ ଓ ସତୀର୍ଥ ସମାହାର ହେଉଛି ବର୍ଣ୍ଣବୋଧ। ଏହା ମଧ୍ୟରେ ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ ଗୋଟିଏ ଶତାବ୍ଦୀ ଅତିକ୍ରମ କରିସାରିଛି। କିନ୍ତୁ ବର୍ଣ୍ଣବୋଧରେ ସନ୍ନିବିଷ୍ଟ ଭାଷା, ଭୂଷଣ ଓ ଭାବନା ଆଜି ମଧ ପ୍ରତି ଓଡ଼ିଆ ଚିନ୍ତା ଚେତନାରେ ପରିପୂର୍ଣ୍ଣ । 'ଓଡ଼ିଆ ପକ୍ଷ ୨୦୨୬' ଅବସରରେ ଶିଶୁମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ବର୍ଣ୍ଣବୋଧ ପ୍ରତି ଅଧିକରୁ ଅଧିକ ଆଗ୍ରହ ସୃଷ୍ଟି କରିବା ଆଜି ସ୍ଥାନୀୟ ପିଏମଶ୍ରୀ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ 'ଶିଶୁ କଥା ଦିବସ ଓ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲା ମାନଙ୍କୁ ବର୍ଣ୍ଣବୋଧ ଓ ବିଭିନ୍ନ ଶିଶୁ ଉପଯୋଗୀ ପୁସ୍ତିକା ବଣ୍ଟନ କରିବା ସହିତ ଖେଳକୁଦ ସହିତ ମନଦେଇ ପାଠ ପଢିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ ବର୍ଣ୍ଣବୋଧ ସହିତ ମହାପୁରୁଷ ମାନଙ୍କର ଜୀବନୀ ଓ ନୀତିଶିକ୍ଷା ସମ୍ବଳିତ ପୁସ୍ତକ ଓ ପତ୍ରିକା ପଢିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଡ଼ଃ ପ୍ରଭାତୀ ମହାପାତ୍ର, ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ସମେତ ଶିକ୍ଷକ –ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀବୃନ୍ଦ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ତିରିଡା ଠାରେ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ



କୋଦଳା,୭।୪ (ଆନିସ): ଗଞ୍ଜାମ ବେଗୁନିଆପଡ଼ା ନିକଟସ୍ଥ ତିରିଡା ଠାରେ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ ହୋଇଛି ।ବରିଷ୍ଠ ବିଜେଡି ନେତା ହରପ୍ରସାଦ ସାହୁ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭ ଉଦଘାଟନ କରିଛନ୍ତି।ଅଞ୍ଚଳର ବହୁ କ୍ରିକେଟ ଟିମ୍ ଏଥିରେ ଭାଗ ନେଇଥିବା ବେଳେ ପ୍ରଥମ ଦିନରେ ଜୟ ଜଗନ୍ନାଥ କ୍ରିକେଟ ଟିମ୍ ସହ ରୁଦ୍ର କାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଯୁବ ପିଢିକୁ କ୍ରିଡାରେ ଆଗ୍ରହୀ କରିବା ସହ ତାଙ୍କ ମଧ୍ୟରେ ଭାଇଚାରା ଓ ଏକତା ବୃଦ୍ଧି କରିବା ଉଦେଶ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଏଠାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ବିଜେଡି ନେତା ହରପ୍ରସାଦ ସାହୁ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରି ଭାଇଚାରା ମଧ୍ୟରେ ଖେଳିବା ପାଇଁ ଆହ୍ବାନ ଦେଇଛନ୍ତି। ଶ୍ରୀ ସାହୁଙ୍କ ସହ ସମ୍ମାନିତ ଅତିଥି ଭାବେ ଅଧାପକ ନୀଳାଞ୍ଚଳ ସ୍ବାଇଁ, ବିଜୟ ବେହେରା, ରବିନ୍ଦ୍ର ପ୍ରଧାନ, ରାଜକୁମାର ନାଏକ ଉପସ୍ଥିତ ରହି କ୍ରଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ। ସୁବାଷ ଜେନା, ପବିତ୍ର ଭୂୟାଁ, ନୀଳାଞ୍ଚଳ ଭୂୟାଁ, ସଞ୍ଜୟ ଗୌଡ଼, ଗୁରୁ ପ୍ରସାଦ ଭୂୟାଁ, ପ୍ରବୀଣ ଭୂୟାଁ, ପ୍ରମୋଦ ଭୂୟାଁ, ତ୍ରିଲୋଚନ ଗୌଡ଼, ସାଗର ଜେନା, ରଙ୍ଗନାଥ ଜେନା, ସନ୍ତୋଷ ବେହେରା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ନବନିର୍ମିତ ରଘୁନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ



ହିଞ୍ଜିଳିକାଟୁ ୭।୪ (ଆନିସ): ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ଶ୍ରୀ ଶ୍ରୀ ରଘୁନାଥ ମହାପ୍ରଭୁଙ୍କ ନୁତନ ମନ୍ଦିର ଓ ସଙ୍କଟ ମୋଚନ ହନୁମାନ ମହାପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା ପ୍ରତିଷ୍ଠା ମହାସମାରୋହ ଶୁକ୍ରବାର ୩ ତାରିଖ ଠାରୁ ଆରମ୍ଭ ହୋଇଯାଇଛି । ଏଥିସହ ମନ୍ଦିରର ପାର୍ଶ୍ୱ ଦେବତାଙ୍କୁ ମଧ ବହୁ ଆଡମ୍ବରରେ ହୋମଯଜ୍ଞ ପୂଜାର୍ଚ୍ଚନା ସହ ପ୍ରତିଷ୍ଠା ଓ ସ୍ଥାପନ କାର୍ଯ୍ୟକ୍ରମ ପଣ୍ଡିତଙ୍କ ଦ୍ୱାରା କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ରାମଚନ୍ଦ୍ର ପୁର ଗ୍ରାମବାସୀଙ୍କ ସହ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ । ଏହି ପ୍ରତିଷ୍ଠା ଉତ୍ସବରେ ନାମଯଜ୍ଞ ସମେତ ଘୃତ, ଗୋ ଯଜ୍ଞ, ଜ୍ଞାନ, ଅର୍ଣ୍ଣ ଯଜ୍ଞ ଆଦି କରାଯାଉଛି । କାର୍ଯ୍ୟକ୍ରମକୁ ଗାଁ ବାସିନ୍ଦା ଓ ମନ୍ଦିର କମିଟି ପକ୍ଷରୁ ପରିଚାଳନା କରାଯାଇଛି । ପ୍ରତିଷ୍ଠା ଉତ୍ସବ ରେ ପ୍ରତାପ ଚନ୍ଦ୍ର ପଣ୍ଡା ଓ ବିନତା ପଣ୍ଡା କର୍ତ୍ତା କାର୍ଯ୍ୟ ତୁଲାଇଥିଲେ । ଏଥିରେ ପଣ୍ଡିତ ନିଳାଞ୍ଚଳ ଷଡ଼ଙ୍ଗୀ,ଗତିକୃଷ୍ଣ ମିଶ୍ର, ପିତାମ୍ବର ରଥ, ରଞ୍ଜିତ କୁମାର ଦାଶ, ଦେବାଶିଷ ରଥ, ରଜନୀ କାନ୍ତ ଦାଶ, ନିଳାଞ୍ଚଳ ତ୍ରିପାଠୀ, ଶରତଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତାବଧାନରେ ସମସ୍ତ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଷ୍ଠା ଉତ୍ସବ ରାମଚନ୍ଦ୍ରପୁର ଗ୍ରାମର ସମସ୍ତ ଅଞ୍ଚଳବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

# ଓଡ଼ିଆ ପକ୍ଷ ପାଳନ – ୨୦୨୬ ଶିଶୁ କଥା ଦିବସ ପାଳନ



ପାତ୍ରପୁର ,୭।୪ (ଆନିସ): ଉତ୍କଳ ଦିବସ ଠାରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ପାଳନ ୨୦୨୬ ର ସପ୍ତମ ଦିବସରେ ପାତ୍ରପୁର ସମ୍ମିଳନୀ କକ୍ଷ ଠାରେ ଶିଶୁ କଥା ଦିବସ ଓ ବର୍ଣ୍ଣବୋଧ ବଣ୍ଟନ ଦିବସ ପାଳନ କରାଯାଇଛି। ଓଡ଼ିଶାର ବରପୁତ୍ର ମାନଙ୍କ ଫୋଟ ଚିତ୍ରରେ ପୁଷ୍ପହାର ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୂଜା କରାଯାଇଥିଲା।କାର୍ଯ୍ୟକ୍ରମରେ ଏକାଉଣ୍ଟ ଅଧିକାରୀ ଉମାକାନ୍ତ ସାହୁ , ଯୋଗାଣ ଅଧିକାରୀ ପଦ୍ମେଶ ଶତପଥୀ , ସି ପି ଦେବାଶିଷ ପ୍ରଧାନ ଓ ବ୍ଲକ କଳା ସଂସ୍କୃତି ସଙ୍ଘ ଉପ ସଭାପତି ମାଧବ ବାଡତ୍ୟା ପ୍ରମୁଖ ମଞ୍ଚାସିନ ରହି ପାଳିତ ଦିବସର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଚିତ୍ର ମଧୁବର୍ଣ୍ଣ ବୋଧ ବହିକୁ ଶିଶୁ ମାନଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ବି ନୂଆଗାଁ ସେକ୍ଟର ଅଙ୍ଗନୱାଡି କର୍ମୀ ମାନଙ୍କୁ ଅତିଥି ମାନଙ୍କ ଦ୍ବାରା ବଣ୍ଟନ କରାଯାଇଥିଲ।। ବିଏସଏସଓ ସ୍ନେହାସିସ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

# ରବି ଧାନ ପଞ୍ଜିକରଣ ସମୟ ନିମନ୍ତେ ଜିଲ୍ଲାପାଳ ପାଖରେ ଦ୍ୱାରସ୍ଥ

ଜୟପୁର,।୪ (ଆନିସ): କୋରାପୁଟ ଜିଲ୍ଲା କୁମୁଲିପୁଟ ଲେମ୍ପ ଓ ଉମୁରି



ଲେମ୍ପ ର ମଣ୍ଡି ଅଧିକାଂଶ ଚାଷୀ କମ ସମୟ ମିଳିବାରୁ ପଞ୍ଜିକରଣ କରିପାରିନାହାନ୍ତି,ଅନୁ ଆପଣ ଅଧିକାରୀ ଙ୍କୁ ୧୫ ଦିନ ସମୟ ଦେଲେ ୨ ଟି ଲେମ୍ପ ର ଚାଷୀ ମାନେ ପଞ୍ଜିକରଣ କରିପାରିଥାନ୍ତେ,ଯଦି ଆମକୁ ସମୟ ନଦେଲେ ବାଧ୍ୟ ହୋଇ ରାଜରାସ୍ତାରେ ବସିବୁ ବୋଲି ଦାବିପତ୍ର ରେ ଉଲେଖ ଅଛି,ଏହି ଦାବିପତ୍ର ସମୟ ରେ କୁମୁଲିପୁଟ ଲେମ୍ପ ଓ ଉମୁରି ଲେମ୍ପ ର ଚାଷୀ ଉପସ୍ଥିତ ଥିଲେ ।

# ବିଜେପିର ୪୭ ତମ ପ୍ରତିଷ୍ଠା ଦିବସରେ ମଣ୍ଡଳ ସ୍ତରୀୟ କାର୍ଯ୍ୟକ୍ରମ



ପୋଲସରା,୭।୪ (ଆନିସ): ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ଭାରତୀୟ ଜନତାପାର୍ଟିର ୪୭ ତମ ସ୍ଥାପନା ଦିବସ ସମଗ୍ର ଦେଶରେ ଦଳ ପକ୍ଷରୁ ପାଳନ କରାଯାଉଥିବା ବେଳେ ରାଜ୍ୟର ଘୁମୁସର ଜିଲ୍ଲା ପୋଲସରା ନିର୍ବାଚନମଣ୍ଡଳୀର ହାତୀଓଟ ମଣ୍ଡଳ ସ୍ତରୀୟ ସ୍ଥାପନା ଦିବସ ମଣ୍ଡଳ ସଭାପତି ପ୍ରଶାନ୍ତ ପ୍ରଧାନଙ୍କ ଅଧକ୍ଷତା ଏଂ ପ୍ରଭାରୀ ଦୀପକ କୁମାର ପୋଲାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଳମ୍ବ ପଞ୍ଚାୟତ ସ୍ଥିତ ଜୟଦୁର୍ଗା ପ୍ରେକ୍ଷାଳୟ (ନେହେରୁ ଯୁବ ସସଦ) ଭବନ ଠାରେ ପାଳିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥିଭାବେ ବର୍ଷିଆନ୍,ବିଜେପି କର୍ମୀ କାଶୀନାଥ ସାହୁ, ମୁଖ୍ୟବକ୍ତା ଭାବେ ଘୁମୁସର ଜିଲ୍ଲା ଉପ-ସଭାନେତ୍ରୀ ପ୍ରତିମା ସାହୁ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ରଞ୍ଜିତ ବାରିକ, କାଳୁଚରଣ ବେହେରା (ସମ୍ପାଦକ), ସାବିତ୍ରୀ, ରବିନ୍ଦ୍ର ପାତ୍ର, ଉତ୍ତମ ନାହାକ, ସତ୍ୟବାଦୀ ସାହୁ, ଗଣପତି ସାହୁ, କସ୍ତୁରୀ, ବାଲାଜୀ, ରମେଶ, ରାଜେନ୍ଦ୍ର, ମହେନ୍ଦ୍ର, ବନିତା, ବିକ୍ରମ, ଶ୍ୟାମସୁନ୍ଦର, ଉତ୍ତମ ନାୟକ, ବିକ୍ରମ, ନିବୃତ୍ତି ପ୍ରମୁଖ ମଣ୍ଡଳ ଅଧୀନସ୍ଥ କଳମ୍ବ ସମେତ ହାତୀଓଟ, ଖଣ୍ଡୁରୁ, ବେଲଗାଁ, ବାଲିଛାଇ, ଘୋଡ଼ାପଲାଣ, ବର୍ତ୍ତିନୀ ଓ ରୁମାଗଡ଼ ଆଦି ପଞ୍ଚାୟତ ଗୁଡ଼ିକରୁ ଦଳୀୟ ନେତୃବୃନ୍ଦ ଏବଂ ସଂଗଠକମାନେ ଯୋଗଦେଇଥିଲେ।

ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଦଳର ପ୍ରତିଷ୍ଠା ଦିବସର ଅନୁଚିନ୍ତା ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଭିନ୍ନ ଜନକଲ୍ୟାଣ ଯୋଜନା ଏବଂ ଉନ୍ନତି ବିକାଶକୁ ନେଇ ସନ୍ତୋଷ ପ୍ରକଟ କରାଯିବା ସହ ଆଗକୁ ଦଳକୁ ସୁଦୃଢ଼ କରିବା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ସମର୍ଥକମାନେ ଯୋଗଦେଇଥିଲେ। ଶେଷରେ ସଭାପତି ପ୍ରଶାନ୍ତ ପ୍ରଧାନ ଉପସ୍ଥିତ ସମସ୍ତ ଅତିଥି ଏବଂ କର୍ମକର୍ତ୍ତାଙ୍କୁ ଆନ୍ତରିକ ଧନ୍ୟବାଦ୍ ଏବଂ କୃତଜ୍ଞତା ଜ୍ଞାପନ କରିଥିଲେ।

# ଘୁ.ଉଦୟଗିରି ନଗର ଏବଂ ଗ୍ରାମୀଣ ବିଜେପି ତରଫରୁ ପ୍ରତିଷ୍ଠା ଦିବସ ପାଳିତ



ଘୁ.ଉଦୟଗିରି,୭।୪ (ଆନିସ): ଘୁ.ଉଦୟଗିରି ନଗର ଓ ଗ୍ରାମୀଣ ବିଜେପି ପକ୍ଷରୁ ସୋମବାର ବିଜେପିର ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି।ନଗର ବିଜେପି ସଭାପତି ଭେଙ୍କଟେଶ୍ୱର ବେହେରାଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ବହୁ ଗ୍ରାମୀଣ ଓ ନଗର ବିଜେପିର କର୍ମକର୍ତ୍ତା ଯୋଗ ଦେଇଥିବା ବେଳେ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।ମୁଖ୍ୟବକ୍ତା ମାନଗୋବିନ୍ଦ ପ୍ରଧାନ -ସ୍ୱତନ୍ତ୍ର ଉନୟନ ଅଧକ୍ଷ, କନ୍ଧମାଳ, ଜିଲ୍ଲା ମନକିବାତ ସଂଯୋଜକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବିଜେପି ଗ୍ରାମୀଣ ମଣ୍ଡଳ ସଭାପତି ବିରାଜ କହଁର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଘୁ.ଉଦୟଗିରିରେ ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଉତ୍ସବ ପାଳିତ



ଘୁ.ଉଦୟଗିରି,୭।୪ (ଆନିସ): ସ୍ଥାନୀୟ ବ୍ଲକ ଅନ୍ତର୍ଗତ ବିଭିନ୍ନ ଚର୍ଚ୍ଚ ଓ ପ୍ରାର୍ଥନା ଗୃହ ଯଥା ନୁଆସାହୀ ବାପିଷ୍ଟ ଚର୍ଚ୍ଚ,ସୁକାନାଣ୍ଡା କ୍ୟାଥଲିକ ଚର୍ଚ୍ଚ,ମାଲିକାପଡି ବାପିଷ୍ଟ ଚର୍ଚ୍ଚ,କନବାଗେରୀ ସିଏନଆଇ ଚର୍ଚ୍ଚ ଆଦିରେ ଇଷ୍ଟର ସଣ୍ଡେ ବା ପୁନଃରୁତ୍ଥାନ ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ସ୍ଥାନୀୟ ଜହନ ବଙ୍ଗଳା ଠାରେ ରବିବାର ଆଞ୍ଚଳିକ ଜନକଲ୍ୟାଣ ସମିତି ଆନୁକୁଲ୍ୟରେ ସମିତିର ସଭାପତି ରେଭ.ପ୍ରଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ସାମୁହିକ ଭାବେ ଯୀଶୁଙ୍କ ପୁନରୁତ୍ଥାନ ଉତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକ,ମୁଖ୍ୟ ବକ୍ତା ଭାବେ ରେଭ. ଜିରିମୟ ଡିଗାଳ,ସମ୍ମାନିତ ଅତିଥି ଭାବେ ବିଷପ ରେଭ.ଆବେଦ ନାୟକ,ରେଭ.ଆଲୋକ ଚନ୍ଦ୍ର ନାୟକ,ବରିଷ୍ଠ ମିସନାରୀ ରେଭ. ସୁଧାଂଶୁ ନାୟକ, ରେଭ.ଆଇଜାକ ଡିଗାଲ, ଫାଦର ସନାତନ ପ୍ରଧାନ, ଡ.ପ୍ରଦୀପ ମଲ୍ଲିକ ପ୍ରମୁଖ ଯୋଗଦେଇ ପବିତ୍ର ବାଇବେଲରେ ବର୍ଣ୍ଣିତ ଉପଦେଶ ଗୁଡିକୁ ସରଳ ଭାବରେ ଉପସ୍ଥିତ ଜନତାଙ୍କୁ କାରଣ ସହ ବୁଝାଇଥିଲେ।ଶେଷରେ ବିଭିନ୍ନ ମଣ୍ଡଳୀ ପକ୍ଷରୁ ଭିନ୍ନଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଜଗନ ମୋହନ ନାୟକ ଓ ଆକାଶ ଡେଭିଡ ସଙ୍ଗୀତ ପରିବେଷ କରିଥିଲେ।ଗୁଡ ଫ୍ରାଇଡେ ଦିନ ଯୀଶୁଙ୍କ କୃଷବିଦ୍ଧ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ପାଳନର ତୃତୀୟ ଦିନରେ ସେ ଜୀବିତ ହୋଇ ପୁଣି ପୁନଃରୁତ୍ଥାନ ହୋଇଥିଲେ ।ତେଣୁ ପ୍ରତ୍ୟେକ ବର୍ଷ ଏହି ଦିନରେ ଇଷ୍ଟର ସଣ୍ଡେ ବା ପୁନରୁତ୍ଥାନ ଦିବସ ରୂପେ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଥାଏ।

# ପୋଲସରା ମ୍ୟୁନିସିପାଲିଟିରେ ଓଡ଼ିଆ ପକ୍ଷ ପାଳନ

## ଖଡ଼ିଛୁଆଁ ଓ ସଫେଇ କାର୍ଯ୍ୟ ସହ ଓଡ଼ିଆ ଭାଷାକୁ ଗୁରୁତ୍ୱ




ପୋଲସରା,୭।୪ (ଆନିସ): ରାଜ୍ୟସରକାରଙ୍କ ନିର୍ଦ୍ଦେଶ ନାମାରେ ସାର ଓଡ଼ିଶାରେ ଏପ୍ରିଲ ୧ ଓଡ଼ିଶା ଦିବସ ଠାରୁ ୧୪ ଏପ୍ରିଲ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ଭାବରେ ପାଳନ କରାଯିଉଛି। ଏହି ପରପ୍ରେକ୍ଷୀରେ ଗଂଜାମ ଜିଲ୍ଲା ପୋଲସରା ମ୍ୟୁନସିପାଲିଟି ପକ୍ଷରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନା ଓ ଚେୟାରମ୍ୟାନ ଅଧକ୍ଷା ସଙ୍ଗୀତା ବେହେରାଙ୍କ ମିଳିତ ତତ୍ତ୍ୱାବଧାନରେ ଏକ ଗଣଦୌଡ କାର୍ଯ୍ୟକ୍ରମ ସୋମବାର ଆୟୋଜିତ ହୋଇଛି। ପୋଲସରା ମ୍ୟୁନିସିପାଲିଟି ପକ୍ଷରୁ ପ୍ରତ୍ୟେଟି ଦିବସର ମହତ୍ତ୍ୱକୁ ନେଇ ଓଡ଼ିଆ ପକ୍ଷ ଦିବସକୁ ଗୁରୁତ୍ୱ ସହ ପାଳନ କାରିବା ପାଇଁ ଆହ୍ବାନ କରାଯାଇଛି । ମ୍ୟୁନସିପାଲିଟିର ସମସ୍ତ କର୍ମଚାରୀ ସକାଳୁ ଫେରି କରିବା ସହ ଜାତିର ପିତା ମହାତ୍ମାଗାନ୍ଧୀ, ପୋପବନ୍ଧୁ ଓ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଭଳି ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ସେହିପରି ଖଡିଛୁଆଁ ଦିବସକୁ ଅଧକ୍ଷା ସଙ୍ଗୀତା ବେହେରା ଓ କାଉନସିଲର ମାନେ ଉପସ୍ଥିତ ରହି କୁନି କୁନି ଛୁଆଙ୍କୁ ଖଡିଛୁଆଁ କରାଇ ପାଠ ପଢ଼ିବା ପାଇଁ ଉତ୍ସାହିତ କରିଥିଲେ । ଏପରିକି ଓଡ଼ିଆ ଭାଷା ସାହିତ୍ୟର ସଂକ୍ଷିପ୍ତକୁ ବୁଝାଇବାକୁ ନେଇ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପ୍ରତି ଧ୍ୟାନ ଦିଆଯାଇଛି । ପରେ ସ୍ବଛତା ଅଭିଯାନକୁ ନେଇ ସମସ୍ତ ସ୍ବଛସାଥି ଓ ସ୍ବଛ ସୁପରଭାଇଜର ବିଭିନ୍ନ ଦେବାଳୟ ପରିସର ପରିଷ୍କାର କରିଥିଲେ । ପୋଲସରାର ଐତିହ୍ୟ କୁହାଯାଉଥିବା ବହୁ ପୁରାତନ କଇଠ ବନ୍ଧର ପୁନରୁଦ୍ଧାର କରିବା ସହ ଚତୁର୍ପାର୍ଶ୍ୱ ଦଳ ଅନାବନା ଗଛକାଟି ପରିଷ୍କାର ପରିଛନ୍ନ କରିଥିଲେ । ପରେ ସାମାଜିକ ପରିସ୍ଥିତିରେ ପ୍ରତ୍ୟେକ ଟି ମହିଳା ପୁରୁଷ ନିଜକୁ କିପରି ସ୍ବାବଲମ୍ବୀ କରିବେ ସେନେଇ ସଚେତନତା ସୃଷ୍ଟି କରାଯାଇଛି । ବାଣିଜ୍ୟ ,ଅନୁଷ୍ଠାନ ଓ ସରକାରୀ ବେସରକାରୀ ଏବଂ ଦୋକାନ ମାନଙ୍କରେ କିପରି ଓଡ଼ିଆରେ ନାମ ଫଳକ ବ୍ୟବହାର କରିବେ ସେନେଇ ମଧ ସଚେତନ କରାଯାଇଛି । ପରେ ଶେଷରେ ମ୍ୟୁନସିପାଲିଟି ପକ୍ଷରୁ ସରକାରଙ୍କ ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟକାରିତା ଉପରେ ସଚେତନତା ସୃଷ୍ଟି କରିବା ଭଳି ସ୍ଲୋଗାନ ଦେଇ ପୋଲସରା ମୁଖ୍ୟ ସଡ଼କ ପଥରେ ସଫଳ ପଦଯାତ୍ରା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କିରାଣୀ ପ୍ରଦୀପ କୁମାର ସାହୁ , ଗୋଷ୍ଠୀ ପରିଦର୍ଶିକା ଅନିତା ଅଂଶୁମାଳୀ ସାହୁ , ଭଗବାନ ପ୍ରଧାନ , ସାନିଟାରୀ ଏକ୍ସଫୋର୍ଟ ତେଯେଶ୍ୱିନୀ ନାୟକ , ସହାୟକ ଯନ୍ତ୍ରୀ ସ୍ବାଗତିକା ମାହାନ୍ତି, ଦୀପିକା ବେହେର ,ଡିଏମ୍ ଏମ୍ ଶ୍ରବଣ କୁମାର ସାହୁ, ସ୍ବଛସାଥି ବବିତା ବେହେରା, ରୁନୁ ସାହୁ , ରଶ୍ମିତା ରାଉତ , ଗୀତାଞ୍ଜଳୀ ପ୍ରଧାନ ପ୍ରମୁଖ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସ୍ବଛସାଥି କର୍ମୀ ମାନେ ଉପସ୍ଥିତି ଥିଲେ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ବର୍ତ୍ତମାନର ରାଜନୈତିକ ଦୃଶ୍ୟପଟ୍ଟ

ଗଣତନ୍ତ୍ର ହେଉଛି ' ଲୋକମାନଙ୍କର ଶାସନ ବା ସରକାର '' ଗଣତନ୍ତ୍ର ଏକ ଲୋକପ୍ରିୟ ଶାସନ ବ୍ୟବସ୍ଥା , ଯାହା ସର୍ବଦା ଜନକଲ୍ୟାଣ ବା ଜନମଙ୍ଗଳ ବା ସମୂହ କଲ୍ୟାଣ ପାଇଁ ଚେଷ୍ଟା କରିଥାଏ । ଗଣତନ୍ତ୍ର ଏକ ଲୋକ ପ୍ରିୟ ଶାସନ ବ୍ୟବସ୍ଥା , ଯାହା ସର୍ବଦା ଜନକଲ୍ୟାଣ ବା ଜନମଙ୍ଗଳ ବା ସମୂହ କଲ୍ୟାଣ ପାଇଁ ଚେଷ୍ଟା କରିଥାଏ । ଏହି ସମ୍ପର୍କରେ ଆମେରିକାର ପ୍ରାକ୍ତନ ରାଷ୍ଟ୍ରପତି ଆବ୍ରାହାମ ଲିଙ୍କନ ଯଥାର୍ଥରେ କହିଥିଲେ '' ଗଣତନ୍ତ୍ର ହେଉଛି ଲୋକମାନଙ୍କର , ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ସରକାର ।

ମାତ୍ର ସମୟ ବଦଳିବା ସହିତ ଗଣତାନ୍ତ୍ରିକ ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି । ଗଣତନ୍ତ୍ରରେ ' ଜନସାଧାରଣଙ୍କର ଅଂଶଗ୍ରହଣର ଚେହେରା ଏବେ ବଦଳିଗଲାଣି । ଆଜିର ଗଣତନ୍ତ୍ରରେ ଶାସନର ଚାବି କାଠି ରହିଛି କେତେକ ବ୍ୟକ୍ତି ବିଶେଷ ଓ ମୁଷ୍ଟିମେୟ ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ମୁଠାରେ । ସେମାନଙ୍କର ରାୟ ନିଷ୍ପତ୍ତି ହେଉଛି ଆଜିର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର '' ପରିଚୟ '' ।

ଆଜିର ପ୍ରଭାବଶାଳୀ ବ୍ୟକ୍ତି ଙ୍କ ଭଳି ନିରଙ୍କୁଶ ରାଜତନ୍ତ୍ର ବିରୋଧରେ ସଂଗଠିତ ଜନମତରୁ ଗଣତନ୍ତ୍ରର ସୃଷ୍ଟି । ଜନଚେତନା ଓ ବୌଦ୍ଧିକ ଚେତନାର ମିଶ୍ରଣରୁ ଜନ୍ମନିଏ ଆଜିର ଗଣତାନ୍ତ୍ରିକ ଚିନ୍ତାଧାରା । ସମ୍ରାଟଙ୍କ ଅଖଣ୍ଡ ଆଧିପତ୍ୟକୁ ଜନସାଧାରଣ ଗ୍ରହଣ କରିବାକୁ ଅନିଚ୍ଛୁକ ହେବାରୁ ପୃଥିବୀରେ ତିନିଗୋଟି '' ଜନବିପ୍ଲବ '' ଜନ୍ମ ନେଲା । ଲୋକମାନେ ଦାବି କଲେ '' ସମାନତା , ସ୍ୱତନ୍ତ୍ରତା ଓ ନ୍ୟାୟ ।

ଇଂଲଣ୍ଡର ୧୬୮୮ ମସିହାର '' ଗ୍ଲୋରିୟସ ରିଭଲ୍ୟୁସନ , ୧୭୭୬ ମସିହାର ଆମେରିକାର ସ୍ୱାଧୀନତା ସଂଗ୍ରାମ ଓ ୧୭୮୯ ମସିହାର ଫରାସୀ ବିପ୍ଳବ ବିଶ୍ୱ -ଇତିହାସକୁ ଓଲଟ ପାଲଟ କରିଦେଇଥିଲା । ଅସୀମ ରାଜତନ୍ତ୍ର ସମାଧିରୁ ଜନ୍ମନେଲା ଗଣତନ୍ତ୍ର । ଏହା ମାତ୍ର ୪୦୦ ବର୍ଷ ତଳର କଥା । ଜନସାଧାରଣ ଙ୍କ ଦାବି ପୂରଣ ହେଲା ଓ ସେମାନେ ପାଇଲେ '' ସାର୍ବଭୌମ ଶାସନ କ୍ଷମତା '' । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜନସାଧାରଣ ଏକଥା ସ୍ପଷ୍ଟ ବୁଝିପାରିଲେ ଯେ କ୍ଷମତାର ଦୁଇଟି ଉତ୍ସ – ଯଥା ଜନମତ ଓ ଜନସମ୍ମତି ହେଉଛି ଗଣତନ୍ତ୍ରର ଭିତ୍ତିଭୂମି ।

ଗଣତନ୍ତ୍ରରେ ବ୍ୟକ୍ତି – ଅଧିକାର , ସମାନତା ଓ ବ୍ୟକ୍ତି – ମର୍ଯ୍ୟାଦା ସୁରକ୍ଷିତ ରହେ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚିତ ମାଧ୍ୟମରେ ଜନସାଧାରଣ ସେମାନଙ୍କର ଲୋକ- ପ୍ରତିନିଧିମାନଙ୍କୁ ଚୟନ କରନ୍ତି, ଏକ ଅବାଧ , ମୁକ୍ତ ,ସ୍ୱଚ୍ଛ ଓ ନୀରପେକ୍ଷ ସାବାଳକ ମତଦାନଭିତ୍ତିକ ନିର୍ବାଚନ ବ୍ୟବସ୍ଥା ଦ୍ୱାରା।

ଆଲୋଚ୍ୟ ବିଷୟ ଏହା ନୁହେଁ।ଗଣତନ୍ତ୍ର କଣ ଏହା କିପରି ପରିଚାଳନା ହୁଏ ?ସମସ୍ତେ ଭାରତବାସୀ ଓ ଭାରତ ବର୍ଷ ର ଜଣେ ଦାୟିତ୍ୱବାନ ନାଗରିକ ହିସାବରେ ଆମ ସମସ୍ତଙ୍କ ଧାରଣା ଥିବ ଯେ ଆମ ଦେଶରେ କିପରି ଏହା ଚାଲେ।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜନୈତିକ ବିରୋଧ ଭାବ, ବିରୋଧି ଗୋଷ୍ଠୀ ଙ୍କ ସମାଲୋଚନା ନିଜ ବିଚାର ପ୍ରତି ଦୃଢତା ତଥା ବିକାଶ ର ଫର୍ଦ୍ଦ ଗଣତନ୍ତ୍ର କୁ ସୁଦୃଢ କରିବା ସହ ଦେଶର ବିକାଶ ରେ ମୁଖ୍ୟ ଭୂମିକା ନିଏ।

ଆମେ ଯଦି ବର୍ତ୍ତମାନ ଠୁ ଠିକ୍ ୨୦-୨୫ ବର୍ଷ ପଛକୁ ଫେରିଯିବା ଆମ ଦେଶର ରାଜନୈତିକ ଶାସନ ବ୍ୟବସ୍ଥା ଏବଂ ବର୍ତ୍ତମାନ ର ଶାସନ ବ୍ୟବସ୍ଥା ବହୁତ ଫରକ ।ଫରକ ଆସିବା ବି ସ୍ୱାଭାବିକ ଯୁଗୋପଯୋଗୀ ସାଙ୍ଗକୁ ପରିବର୍ତ୍ତନଶୀଳ ପରିସ୍ଥିତି ରାଜନୈତିକ ଦୃଶ୍ୟପଟ୍ଟ କୁ ଧୀରେ ଧୀରେ କଳୁଷିତ କରୁଛି।

ଆମେ ଯେତେବେଳେ ଛୋଟ ଥିଲେ, ଆମ ମନରେ ଦେଶ ପ୍ରୀତିର ବାର୍ତ୍ତା ଦିଆଯାଇଥିଲା ,ପରେ ଇତିହାସ ପୃଷ୍ଠାରୁ କଳା ଦିବସ ଓ ବିଭିନ୍ନ କଳା ଫର୍ଦ୍ଦ କୁ ବିରୋଧ କରି ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିବା ରାଜନେତା ଆମ ପାଇଁ ଆଦର୍ଶ ବନିଛନ୍ତି । ସେ ଶ୍ୟାମା ପ୍ରସାଦ ମୁଖାର୍ଜୀ ହୁଅନ୍ତୁ ଅବା ବର୍ତ୍ତମାନ ର ପ୍ରଧାନମନ୍ତ୍ରୀ ମୋଦୀ ଜୀ । ନିଜ ବ୍ୟକ୍ତିଗତ ସ୍ୱାର୍ଥ କୁ ଭୃକ୍ଷେପ ନ କରି ସମାଜ ପାଇଁ ତାଙ୍କରି ଦାୟିତ୍ୱ ବୋଧକତା ଆଜି ବି ଆମକୁ ରାଜନୈତିକ ମୂଲ୍ୟ ବୋଧ ର ପାଠ ଶିଖାଏ।

କିନ୍ତୁ ସଂଗଠନ- ଶାସନ - ବିକାଶ ଭିତରେ ବର୍ତ୍ତମାନ ର ରାଜନୈତିକ ପୋଖରୀ ଯୁବପିଢି ଆଜି ପଥଭ୍ରଷ୍ଟ ଭଳି ଘୁରି ବୁଲୁଛି।

ବେଳେ ବେଳେ କେହି କେହି କୁହନ୍ତି, ରାଜନୀତି କୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବାର ଅଛି,ଭଲ ଲୋକ ଙ୍କ ଆବଶ୍ୟକ ରହିଛି । ଆଉ କେହି କୁହନ୍ତି ରାଜନୀତି ରେ ଭଲ ଲୋକ ଙ୍କ ସ୍ଥାନ ନାହିଁ। କେଉଁଠି ପରିବାରବାଦ ମୂଳୋତ୍ପାଟନ ହେଲାଣି ତ କେଉଁଠି ପରିବାରବାଦ କୁ ପ୍ରୋତ୍ସାହନ ମିଳୁଛି। ଆଞ୍ଚଳିକ ଦଳ ଗୁଡିକ ମାଧ୍ୟମରେ ପରିବାରବାଦ ପିଢି ପରେ ପିଢି ଚାଲିଛି।

ଆମେ ଯଦି କିଛି ଉଦାହରଣ ସ୍ୱରୂପ କୁ ବିଶ୍ଳେଷଣ କରିବା ଗଣତନ୍ତ୍ର କୁ ରାଜନୈତିକ ବ୍ୟକ୍ତିବିଶେଷ କିଛି କିପରି ନଷ୍ଟ କରନ୍ତି, ଏବେ ଏବେ ବିହାର ନିର୍ବାଚନ ହୋଇଛି। କିଛି ବିଷୟ କୁ ଆଲୋଚନା କରିବା ଭଲ ହେବ। ଦୀର୍ଘ ବର୍ଷ ଧରି ମୁଖ୍ୟମନ୍ତ୍ରୀ ପଦ ରେ ଥିବା ନୀତିଶ କୁମାର ଶେଷ ପ୍ରତ୍ୟକ୍ଷ ନିର୍ବାଚନ ଲଢିଥିଲେ? ଆମ ଭିତରୁ କମ୍ ଲୋକ ଜାଣିଥିବା । ମୈଥିଳୀ ଠାକୁର ଭଳି ଜଣେ ପ୍ରଖ୍ୟାତ ଗାୟକ ଙ୍କ ସାଙ୍ଗଠନିକ ଦକ୍ଷତା ଆଜି ବି ପ୍ରଶ୍ନବାଚୀ। ସେହିଭଳି ଜଣେ ସୁନୀଲ କୁମାର ପିଣ୍ଟୁ ବୋଲି ମହିଳା ଙ୍କୁ ନେଇ ବିବାଦୀୟ ନେତା ରାଜନୀତି ରେ ସଫଳ ହେବା ରାଜନୀତି ରେ କି ପ୍ରକାର ସ୍ୱଚ୍ଛତା ଆଣିବ ? ସେହିଭଳି ଦୀପକ ପ୍ରକାଶ ଭଳି ଯୁବ ନେତା ମନ୍ତ୍ରୀ ହେବା ପୁଣି ନିର୍ବାଚନ ନ ଲଢ଼ି କାରଣ ପିତା ସାଂସଦ ମାତା ବିଧାୟକ ରାଜନୀତି କୁ କଳୁଷିତ କରିବା ସହ ଗଣତନ୍ତ୍ର କୁ ହତ୍ୟା କରୁଛି କହିଲେ ଚଳେ।

ଏ ପରିପ୍ରେକ୍ଷୀରେ ଓଡିଶାର ରାଜନୈତିକ ସଂଗଠନ ଓ ଦୁର୍ନୀତି ମୁକ୍ତ ଶାସନ କୁ ଯଦି ବିଶ୍ଳେଷଣ କରିବା କିଛି ଭଲ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଦୁର୍ନୀତି ର ପାହାଡ ରେ ବସି ମୁଖିଆ ଙ୍କ ହାତବାରିସି ସାଜିଥିବା ଅମଲାତନ୍ତ୍ର ଶାସନ କୁ ଲୋକ ପ୍ରତ୍ୟାଖ୍ୟାନ କରିଲେ ତତ୍ ସହିତ ରାଷ୍ଟ୍ରୀୟ ସଂଗଠନ ଲୋକଙ୍କ ପ୍ରିୟଭାଜନ ହେଲା। ସମସ୍ତେ କହିଲେ ନୂତନ ସୂର୍ଯ୍ୟ ଉଦୟ ହେଲା। ତାହା ବିଷୟରେ ଆମେ ସମସ୍ତେ ଜାଣିଥିବା। ଓଡିଶା ର ଅସ୍ମିତା ସ୍ୱାଭିମାନ ଲଢେଇ ରେ ନୂତନ ସରକାର ଆସିଲା ସତ କିନ୍ତୁ ବିଚାର କୁ ବିରୋଧ କରୁଥିଲେ, ବିକାଶ କୁ ବିରୋଧ କରୁଥିଲେ, ଏପରିକି ତୃଣମୂଳ ସ୍ତରର ଲୋକଙ୍କ କ୍ଷତି ପହଞ୍ଚାଇ ଥିଲେ, ଆଜି ସେମାନେ ଶାସକ ଦଳରେ ମନ ରେ ପ୍ରଶ୍ନ ଆସିବା ସ୍ୱାଭାବିକ ଦୁର୍ନୀତି ଯୁକ୍ତ କଣ ଏବେ ଦୁର୍ନୀତି ମୁକ୍ତ। ଦୀର୍ଘ ବର୍ଷ ଧରି ଅଫିସର ମାନେ ଦୁର୍ନୀତି ଲାଞ୍ଚ ନେଉଥିବା ବେଳେ ସରକାର ଙ୍କ ଦୁର୍ନୀତି ନିବାରଣ କରି କାର୍ଯ୍ୟରୁ ନିଲମ୍ବିତ କରିବା ସ୍ୱାଗତ ଯୋଗ୍ୟ। କିନ୍ତୁ ଦୁର୍ନୀତି ରେ ଲିପ୍ତ ରାଜନୈତିକ ଦଳ ର ବ୍ୟକ୍ତିବିଶେଷ ଉପରେ ଛାଟ କେବେ? ନିର୍ବାଚନ ପରେ ନିର୍ବାଚନ ଜିତି ପ୍ରଶାସନ କାନ୍ଧରେ ବନ୍ଧୁକ ରଖି କଳାସାମ୍ରାଜ୍ୟ ତିଆରି କରିଥିବା ନେତା ଉପରେ ଲଗାମ କେବେ?ଦୁର୍ନୀତି ପ୍ରତିବାଦରେ ଆଜି ର ଯୁବକ ଟିଏ ପ୍ରତିବାଦୀ ବଦଳରେ ହୋଇଯାଉଛି ଚାଟୁକାର। ବିକାଶ ଧାରା, ବିଚାର ଧାରା ର ପ୍ରଚାର ପ୍ରସାର ବଦଳରେ ବ୍ୟକ୍ତିଗତ ଆକ୍ରୋଶ, ସମାଲୋଚନା ଆଜି ଚରମ ସୀମାରେ,ସେ ଯେ କୌଣସି ରାଜନୈତିକ ଦଳ ହେଉ ନା କାହିଁକି ।

ଅମଲାତନ୍ତ୍ର କୁ ବିରୋଧ କରି ଗଣତନ୍ତ୍ର ଶାସନ ପ୍ରତିଷ୍ଠା ପାଇଁ ନୂତନ ସରକାର ଆସିଲା କିନ୍ତୁ ଯେଉଁ ଶକ୍ତିଶାଳୀ ମୁଷ୍ଟିମେୟ ଲୋକ ଦ୍ୱାରା ସବୁ କିଛି ଚାଲୁଥିଲା ତାଙ୍କ ଉପରେ କଣ କାର୍ଯ୍ୟାନୁଷ୍ଠାନ ଆମେ କିଏ ଅବଗତ ଅଛନ୍ତି କି? ଉତ୍ତର ଯଦି ନାହିଁ ଆସେ ଆମକୁ ବୁଝିବାକୁ ହେବ ଆଜି ବି ଅମଲାତନ୍ତ୍ର ଶାସନ ଚାଲିଛି ,କାରଣ କିଛି ଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ଜିଲ୍ଲା ମୁଖିଆ ଙ୍କୁ ପୂର୍ବ କାମ ର କାର୍ଯ୍ୟକାରିତା ସମ୍ପର୍କରେ ତାଗିଦ ରୁ ଆମେ ହୃଦବୋଧ କରିପାରୁଥିବା।

ଏ ସବୁ ଭିତରେ ଦେଶ କୁ ଶକ୍ତିଶାଳୀ, ଆତ୍ମ ନିର୍ଭରଶୀଳ କରିବା ର ଆବଶ୍ୟକତା ରହିଛି। ଯାହାର କର୍ଣ୍ଣଧର ଏ ଦେଶର ଶିକ୍ଷିତ ସଂଗଠକ, ଯୁବ ଗୋଷ୍ଠୀ ଯାହା ମନରେ ରାଷ୍ଟ୍ର ପ୍ରତି ଦରଦ ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ସେମାନେ ଆଜି ଦ୍ୱନ୍ଦମୟ ।କାରଣ ରାଜନେତା କୁହନ୍ତି ରାଷ୍ଟ୍ର ପ୍ରେମ ,ବିକାଶ ର କଥା କିନ୍ତୁ କାର୍ଯ୍ୟକାରିତା ଶୂନ। ଯୁବ ଗୋଷ୍ଠୀ ମଧ୍ୟ ତାଙ୍କ ପଥରେ ଅଗ୍ରସର । ଭୁଲ ସେମାନଙ୍କ ନୁହେଁ ଯେ ଦେଶ ଯାଇ ସେ ଫଳ ଖାଇ ଭଳି ନିଜକୁ ଲାଭାନ୍ୱିତ ପାଇଁ ସେମାନେ ବାଧ ବାଧକତା ।

ତେବେ ଆମ ଦେଶର ରାଜନୈତିକ ପୋଖରୀ ଯେତେ ସ୍ୱଚ୍ଛ ହେବ ଗଣତନ୍ତ୍ର ସେତେ ସୁଦୃଢ ହେବ। ରାଜା ର ପୁତ୍ର ରାଜା ନୁହେଁ, ସମୟ ଆସିଛି ଶାସନ ବ୍ୟବସ୍ଥା ରେ ପରିବର୍ତ୍ତନ ଆଣିବାର ।ଗଣତନ୍ତ୍ର କ୍ରମଶଃ ବ୍ୟକ୍ତି କେନ୍ଦ୍ରିତ, ଏହି ପରମ୍ପରା କୁ ଭାଙ୍ଗିବା କୁ ଆମେ କେହି କେହି ଅନୁଭବ କରନ୍ତି କିନ୍ତୁ ସକ୍ଷମ ନୁହଁ ଏଥି ପାଇଁ ଏକତା ଆବଶ୍ୟକ। ଆତ୍ମ ନିରୀକ୍ଷଣ ସହ ଆମର ମୂଲ୍ୟବୋଧ କୁ ଉନ୍ନତ ଓ ସୁଦୃଢ଼ କରିବାକୁ ହେବ। ଏଥି ପାଇଁ ଆବଶ୍ୟକ - ନାଗରିକ ସାଧୁତା, ରାଜନେତା ଙ୍କ ସ୍ୱଚ୍ଛତା ଓ ସଙ୍କୋଚତା, ଦୁର୍ନୀତି ମୁକ୍ତ ନିମନ୍ତେ ସଂକଳ୍ପ।

ଆମେ ସମସ୍ତେ ଅଟଳ ଜୀ, ପଟେଲ ଜୀ ,ଗାନ୍ଧି ଜୀ ଙ୍କ ଆଦର୍ଶ ରେ ଆଗକୁ ବଢୁଛେ କୁହନ୍ତି କିନ୍ତୁ ତାଙ୍କର ସିଦ୍ଧାନ୍ତ, କାର୍ଯ୍ୟଧାରା ଆମ ଜୀବନରେ ପ୍ରଣୟନ ପ୍ରଥମ କର୍ତ୍ତବ୍ୟ ହେଉ।

କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ ବଦଳିବ ,ଆମେ କେହି ଭାବିବା ଭୁଲ କିନ୍ତୁ ସ୍ୱ ପରିବର୍ତ୍ତନ ରେ ବର୍ତ୍ତମାନ ର ରାଜନୈତିକ ଦୃଶ୍ୟପଟ୍ଟ କୁ ଆମେ ପରିବର୍ତ୍ତନ କରିପାରିବା, ଏଥିରେ ସମସ୍ତଙ୍କ ସହଯୋଗ ରହିଲେ ହିଁ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିବ।

ଭାରତ ମାତା କି ଜୟ

**ହିମାଂଶୁ ଶେଖର ତ୍ରିପାଠୀ**
**ଆସିକା ,ଗଞ୍ଜାମ**

# ଅଳସିର ହସ

ଓଡ଼ିଶାର ଦକ୍ଷିଣ ଭାଗରେ ଶୋଭା ପାଉଥିବା କୋରାପୁଟ ଜିଲ୍ଲା ନିଜର ଅସରନ୍ତି ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସ୍ୱତନ୍ତ୍ର ଆଦିବାସୀ ପରମ୍ପରାକୁ ନେଇ ବେଶ୍ ପରିଚିତ । ଏହାର କୋଣ ଅନୁକୋଣରେ ଦେଖା ଯାଉଥିବା ସୁନ୍ଦର ସବୁଜିମା ଭରା ପରିବେଶ ଯେକୌଣସି ଆଗନ୍ତୁକକୁ ନିଜ ବକ୍ଷରେ ଚିରଦିନ ଯାଏ ବାନ୍ଧିରଖେ । କିଛିଦିନ ପୂର୍ବେ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କୋରାପୁଟ କଫିର ମନଭରି ପ୍ରଶଂସା କରିଥିଲେ । ସତକଥା କହିଲେ କୋରାପୁଟ ଗର୍ଭରେ ଏମିତି ଅନେକ ପ୍ରାକୃତିକ ସମ୍ପଦ ଲୁଚି ରହିଛି ଯାହାର ପରିଚୟ ବିଶ୍ୱରେ ଅନନ୍ୟ । ଠିକ୍ ସେହିପରି ଏକ ସମ୍ପଦ ହେଉଛି ଅଳସି ଫୁଲ । ମୃଦୁ ମଳୟର ଆଭାକୁ ଭୂ-ପୃଷ୍ଠରେ ବିଞ୍ଚିଦେଇ ଆଶ୍ୱିନ ମାସ ବିଦାୟ ନେବାପରେ ଶୀତଳ ଚାଦରକୁ ସାଙ୍ଗରେ ନେଇ ଓହ୍ଲାଇ ଆସେ କାର୍ତ୍ତିକ ମାସ ଯାହାର ସଂଜୀବନୀ ସ୍ପର୍ଶ ଦ୍ୱାରା କୋରାପୁଟ ମାଟିରେ ଜନ୍ମନିଏ ଅଳସି। ରାସ୍ତାରେ ଚାଲିଗଲା ବେଳେ କ୍ଷେତରେ ସଜେଇ ହୋଇଥିବା ହଳଦୀ ଗୁରୁ ଗୁରୁ ଅଳସି ଫୁଲର ହସ ଦେଖି ଯେକୌଣସି ବାଟୋଇ କିଛି ସମୟ ପାଇଁ ଅଟକିଯାଏ । ସେଥିପାଇଁ କୋରାପୁଟ ଡାଏରୀରେ ଅଳସିର ସ୍ଥାନ ସବୁବେଳେ ନିଆରା । ଏହାକୁ ପ୍ରମୁଖ ତୈଳବୀଜ ଫସଲ ଭାବେ ଚାଷ କରାଯାଏ । ଏକ ସୂଚନା ଅନୁଯାୟୀ ଅବିଭକ୍ତ କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ପରଜା, କନ୍ଧ, ଗାଦବା , ଭୂମିଆ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ପାଖାପାଖି ୬୦୦୦ ରୁ ଊର୍ଦ୍ଧ୍ୱ ଆଦିବାସୀ ମାନେ ପ୍ରତିବର୍ଷ ୮୦୦୦ ରୁ ଅଧିକ ହେକ୍ଟର ଜମିରେ କଳସି ଚାଷକରି ସ୍ୱାବଲମ୍ବୀ ହୋଇଛନ୍ତି । ତେଣୁ କୋରାପୁଟ ଜିଲ୍ଲାକୁ ଅଳସିର ହବ୍ ବା ପ୍ରମୁଖ କେନ୍ଦ୍ର କହିଲେ କିଛି ଭୁଲ୍ ହେବନାହିଁ । ଅଳସିର ରୂପ ଦେଖିବାକୁ ଯେମିତି ଆକର୍ଷଣୀୟ ତାହାର ଗୁଣ ସେତିକି ଉନ୍ନତ । ବୈଜ୍ଞାନିକ ଗବେଷଣା କହୁଛି କୋରାପୁଟ ଜିଲ୍ଲାରେ ଚାଷ କରାଯାଉଥିବା ସ୍ଥାନୀୟ ପ୍ରଜାତିର ଅଳସି ମଞ୍ଜିରେ ବିଭିନ୍ନ ପ୍ରକାରର ପୋଷକତତ୍ତ୍ୱ ଭରି ରହିଛି ଯଥା ଓମେଗା ଫ୍ୟାଟି ଏସିଡ୍ -୩ , ଶର୍କରା, ତନ୍ତୁ, ଭିଟାମିନ-, ଭିଟାମିନ -, ଆଣ୍ଟି ଅକ୍ସିଡାଣ୍ଟ , ଏବଂ ପୋଟାସିୟମ ଯାହା ପାଖରେ ହୃଦରୋଗ, ମଧୁମେହ ଏବଂ କ୍ୟାନସର ପରି ରୋଗକୁ ଭଲ କରିବାର କ୍ଷମତା ଅଛି । ୨୦୨୦ ମସିହାରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ପାଖାପାଖି ୩୦ ପ୍ରକାର ସ୍ଥାନୀୟ ପ୍ରଜାତିର ଅଳସିକୁ ଚାଷ କରାଯାଉଛି ତନ୍ମଧ୍ୟରୁ ବନ୍ଧଗୁଡ଼ା, ଢେପଗୁଡ଼ା , ସର୍ଗୀଗୁଡ଼ା , କୁମ୍ଭିଗୁଡ଼ା , ସରାବତି, ଦେଓମାଳି ଓ ପରଜା ଦେଓମାଳି ଅନ୍ୟତମ । ଅଗଷ୍ଟ-ସେପ୍ଟେମ୍ବର ମାସରେ ଅଳସିକୁ ବୁଣାଯାଏ ଏବଂ ନଭେମ୍ବର – ଡିସେମ୍ବର ମଧ୍ୟରେ ଅମଳ କରାଯାଏ । ଏହାପରେ ଅଳସିକୁ ନେଇ ଖଳାରେ ଶୁଖାଯାଏ ଏବଂ ପରେ ବଳଦ କିମ୍ବା ମଇଁଷି ସାହାଯ୍ୟରେ ବେଙ୍ଗଳା ପକାଇ ମଞ୍ଜି ଗୁଡ଼ିକୁ ଅଲଗା କରିଦିଆଯାଏ । ପରବର୍ତ୍ତୀ ସମୟରେ ସେହି ମଞ୍ଜିକୁ ଭଲଭାବେ ସଫାକରି କିଲୋ ପିଛା ୬୦ ରୁ ୭୦ ଟଙ୍କା ଯାଏ ବିକ୍ରି କରାଯାଏ । ସେହିପରି ଅଳସି ମଞ୍ଜିରୁ ବାହାରୁଥିବା ତେଲକୁ ଲିଟର ପିଛା ୩୦୦ ରୁ ୪୦୦ ଟଙ୍କା ଏବଂ ଏହାର ଖାଦ (ପିଡ଼ିଆ) କିଲୋଗ୍ରାମ ପିଛା ୩୦ ରୁ ୪୦ ଟଙ୍କାରେ ବିକ୍ରି କରାଯାଉଛି । ଓଡ଼ିଶା ମିଲେଟ୍ ମିଶନ ଅଧୀନରେ କୋରାପୁଟ ଅଳସିକୁ ଅନ୍ତର୍ଭୁକ୍ତ କରି ପ୍ରଚାର ପ୍ରସାର ନିମନ୍ତେ ଉଦ୍ୟମ ହେଉଛି କିନ୍ତୁ ଉପଯୁକ୍ତ ବଜାରର ଅଭାବରେ ଏହାର ଚାହିଦା ସେତେ ଆଖି ଦୃଶିଆ ହୋଇପାରୁନି । ଓରମାସର ସହଯୋଗରେ ଜୟପୁର ସହର ଠାରେ ଗଢ଼ି ଉଠିଥିବା ଜଗନ୍ନାଥ ମିଲେଟ୍ ହବ ବର୍ତ୍ତମାନ ଅଳସି ମଞ୍ଜିରୁ ପ୍ରସ୍ତୁତ ଲଡ୍ଡୁ, ବିସ୍କୁଟ ଏବଂ ତେଲ ଆଦି ପ୍ରସ୍ତୁତ କରି ବିକ୍ରି କରୁଛନ୍ତି । ଆଗାମୀ ଦିନରେ ଯଦି କୋରାପୁଟ ଅଳସିର ଚାଷକୁ ବିସ୍ତାର କରିବା ଏବଂ ଏହାର ବଜାରକୁ ଉନ୍ନତ କରିବା ପାଇଁ ପ୍ରୟାସ ହୁଅନ୍ତା ତେବେ ଭୌଗୋଳିକ ମାନଚିତ୍ରରେ ଓଡ଼ିଶାର ପରିଚୟ ଆଉପାଦେ ଆଗକୁ ବଢନ୍ତା। ଏବେବି ଶୀତଦିନ ଆସିଲେ କୋରାପୁଟରେ ଅଳସି ହସେ ଏବଂ ନିଜର ଅସ୍ତିତ୍ୱକୁ ମନଖୋଲି ଉପସ୍ଥାପନ କରେ।

**ଅଧ୍ୟାପକ ରାଜେଶ୍ ରାୟ**
**ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର , କୋରାପୁଟ**

# ମୃତ୍ୟୁ ବିନା ନୂଆ ଜନ୍ମ: ଜୀବନ ଦର୍ଶନରେ ନୂତନ ଚିନ୍ତାରେଖା

ଆଧୁନିକ ସମାଜ ଯାତ୍ରାରେ 'ମୃତ୍ୟୁ ବିନା ନୂଆ ଜନ୍ମ' ବିଷୟଟି ନୂଆ ମର୍ମ ସୃଷ୍ଟି କରୁଛି। ପୁରାତନ ଦାର୍ଶନିକ ଗ୍ରନ୍ଥରୁ ଆରମ୍ଭ କରି ଆଧୁନିକ ମନୋବିଜ୍ଞାନ ପର୍ଯ୍ୟନ୍ତସମସ୍ତେ ଏକଥା ମାନୁଛନ୍ତି ଯେ ଜୀବନରେ ବଡ଼ ପରିବର୍ତ୍ତନ ଆସିବାକୁ ହେଲେ ପ୍ରଥମେ ପୁରୁଣାକୁ 'ଶେଷ' କରିବା ଆବଶ୍ୟକ।

ବିଶେଷଜ୍ଞମାନଙ୍କ ମତ, ଏହି 'ମୃତ୍ୟୁ' କୌଣସି ଶାରିରିକ ଶେଷ ନୁହେଁ ଏହା ହେଉଛି ପୁରୁଣା ଚିନ୍ତା, ଅଭ୍ୟାସ ଓ ଭୟର ଶାନ୍ତ ଅବସାନ। ଯେତେବେଳେ ମନୁଷ୍ୟ ନିଜର ଅନୁଭବ, କ୍ଷମା, ଅପେକ୍ଷା ଓ ଅଭିମାନରୁ ମୁକ୍ତ ହୁଏ ସେତେବେଳେ ତାଙ୍କ ମଧ୍ୟରେ ଆରମ୍ଭ ହୁଏ ଏକ ନୂଆ ଜୀବନ ଯାତ୍ରା।

ସାମାଜିକ ବିଶ୍ଳେଷକମାନେ କହନ୍ତି, ଆଧୁନିକ ଯୁଗର ଧ୍ରୁବ ପରିବର୍ତ୍ତନ ପରିସ୍ଥିତିରେ ଏହି ଧାରଣା ଅଧିକ ପ୍ରାସଙ୍ଗିକ। ଯେଉଁ ମନୁଷ୍ୟ ପୁରୁଣା 'ମୁଁ'କୁ ଛାଡ଼ିବାକୁ ସମର୍ଥ ସେହି ମନୁଷ୍ୟ ନୂତନ ସଫଳତା, ନୂତନ ଶକ୍ତି ଓ ନୂତନ ପରିଚୟ ସୃଷ୍ଟି କରିପାରେ।

ଆଧ୍ୟାତ୍ମିକ ଆଚାର୍ଯ୍ୟମାନଙ୍କ ମତ ଆଉଟିକେ ଗଭୀର। ସେମାନଙ୍କ ମତାନୁସାରେ, ଶାସ୍ତ୍ରରେ କୁହାଯାଇଥିବା 'ପୁନର୍ଜନ୍ମ' ମନୁଷ୍ୟ ଜୀବନରେ ଦାର୍ଶନିକ ଅର୍ଥକୁ ବୁଝାଏ ଯେଉଁଠାରେ ଏକ ନୂତନ ମନ, ନୂତନ ଦୃଷ୍ଟି ଓ ନୂତନ ଚେତନାର ଉଦୟ ହୁଏ। ମଣିଷ ନିଜକୁ ଯେତେବେଳେ ପୁଣିଥରେ ଖୋଜିଥାଏ, ତାହା ହେଉଛି ତାଙ୍କର ପ୍ରକୃତ ନୂଆ ଜନ୍ମ।

ସମାଜ ବିଦ୍ୟାବିଦ୍ୱାନଙ୍କ ମତ–

''ଯାହାକୁ ଆମେ ଅଳ୍ପ ଭଲପାଠ ଜାଣିନଥିବା ସତ୍ୟ, ସେହି ସତ୍ୟ ହେଉଛି ମୃତ୍ୟୁ ବିନା କୌଣସି ନୂଆ ଜନ୍ମ ସମ୍ଭବ ନୁହେଁ। ପରିବର୍ତ୍ତନର ପ୍ରତ୍ୟେକ ଅବସ୍ଥାରେ ଏକ ଛୋଟ 'ଶେଷ' ରହେ ଏବଂ ପ୍ରତ୍ୟେକ 'ଶେଷ'ରେ ଲୁଚିଥାଏ ଏକ ନୂଆ ଆରମ୍ଭ।''

ଏହି ଧାରଣା କେବଳ ଆଧ୍ୟାତ୍ମିକ ବିଶ୍ୱାସ ନୁହେଁ ଏହା ଜୀବନ ବ୍ୟବହାରର ସତ୍ୟ ମଧ୍ୟ।ପୁରୁଣାକୁ ବିଦାୟ ଦେବା ଅବସାଦକୁ ଦୂର କରିବା, ଭୟକୁ ଭାଙ୍ଗିବା, ଅସଫଳତାକୁ ଭୁଲିବା ଏହା ହେବ ଅସଲି ନୂଆ ଜନ୍ମର ପଥ।

**ସିତାଂଶୁ ଶେଖର ମିଶ୍ର**
**ସୋନପୁର,ଶାନ୍ତି ନଗର**

# ଫୁଲର ନୂଆ ଖାଉନ୍ଦାଣୀ

ମେଘମାଳା ଭରା ଆକାଶକୁ ଚାହିଁ ମୁନା କହୁଥିଲା ଏହାର ଘର କୋଉଠି ଜେଜେମାଆ ତ ଜେଜେମାଆ କହୁଥିଲେ ବାଦଲ ଭିତରେ ତ ମୁନା ପୁଣି ପଚାରୁଥିଲା ବାଦଲ ର ଘର କୋଉଠି ଜେଜେମାଆ ତ ଜେଜେମାଆ କହିଲେ ଆକାଶରେ । ଏଥର ମୁନା ପଚାରିବାକୁ ଯାଉଥିଲା ଆକାଶର ଘର କେଉଁଠି କିନ୍ତୁ ଚୁପ ରହିଲା କାରଣ ବୋଉକୁ ଏମିତି ପ୍ରଶ୍ନ ସବୁ ପଚାରୁ ପଚାରୁ ବୋଉ ବିରକ୍ତ ହୋଇ କହିଲା ଯା ଛାତ ଉପରେ ଜେଜେମାଆ ଖରା ପୁଉଁଛନ୍ତି ତାଙ୍କୁ ପଚାରିବୁ । ବୋଉ ଚିଡ଼ିଲା ଭଳି ଜେଜେମାଆ ଯଦି ଚିଡ଼ିଯିବେ ବା ରାଗିଯିବେ ସରାଗାତରେ ପଇସା ପକେଇବାକୁ କିଏ ଦେବ ପୁଣି ସବୁଦିନ ରାତିରେ ଅସୁର ଅସୁରୁଣୀ ତଥା ଭୂତ ଗପ କିଏ କହିବ ତାକୁ ଭାବି ସେ ଚୁପ ରହିଲା ସତ ହେଲେ ତାର ମନ ଦୁଃଖ ହୋଇଗଲା କାରଣ ଏବେ ଆଉ ଆଗଭଳି ଜେଜେମାଆ ଭୂତ, ପ୍ରେତ କି ଅସୁରୁଣୀ ଗପ କହୁନି କାରଣ ସେମିତି ଗପ କହି ପିଲାଟାକୁ ମୋର ଆଉ ଡରୁଆ କରିଦେନା ମାଆ ବୋଲି ବାପା ଜେଜେମାଆ କୁ କହିବା ସେ ନିଜେ ଶୁଣିଛି ତ ଏବେ ସେ ଜେଜେମାଆ କୁ ପଚାରିଲା ଡର କାହିଁକି ଲାଗେ ଜେଜେମାଆ । ଜେଜେମାଆ ଘଡିଏ ଚୁପ ରହି କହିଲା ନିଜେ କିଛି ଭୁଲ କଲେ ଡର ଆସେ । ନା ମ ଜେଜେମାଆ ମୁଁ କହୁଥିଲି ଅନ୍ଧାର କୁ କାହିଁକି ଡର ଲାଗେ ଆମକୁ । ଜେଜେମାଆ କହିଲେ ଅନ୍ଧାରରେ ଆମକୁ ଜିନିଷ ଟା ସ୍ପଷ୍ଟ ଦେଖାଯାଏନି । ଛାଇ ଛାଇ ଅଳ୍ପ ଆଲୋକ ଓ ଅନ୍ଧାର ଭିତରେ ପତ୍ର ଟିଏ ଆମକୁ ମଣିଷ ପରି ଅନୁଭବ ହୁଏ । ପବନରେ ପତ୍ର ହଲଚଲ ହେଲେ ଆମେ ଭାବୁ ଭୂତ ବା ପ୍ରେତ

ଏଥର ମୁନା ତା ପ୍ରଶ୍ନ ପଚାରିବା ଶୈଳୀ ବଦଳେଇ ପଚାରୁଥିଲା ତୁମ ସହ ଏମିତି କିଛି ହୋଇଥିଲା କି ଜେଜେମାଆ? ହଁ ରେ ଧନ । କାର୍ତ୍ତିକ ମାସ ସାରା ରାତିରୁ ନିଦ ଭାଙ୍ଗିଯାଏ ତ ସ୍ନାନ ଆଦି ନିତ୍ୟକର୍ମ ସାରି ବାଡ଼ିପଟ ଚଉରା ମୂଳରେ ଦାମୋଦର ପୂଜା ପାଇଁ ସବୁ ଜିନିଷ ପତ୍ର କଢ଼ାକଢି କଲାବେଳେ ଜାଗୁଲୁ ଜାଗୁଲୁ ଅନ୍ଧାର ଥାଏ ତ ପଡୋଶୀଙ୍କ ଛାତ ଉପରେ ନଜର ପଡିବାରୁ ଦେଖିଲି ଗୋଟେ ବଡ଼ ମୋଟି ବା ମୋଟା ଲୋକଟିଏ ଧଳା ଚାଦର ରେ ଦେହକୁ ଢାଙ୍କି ମୁଣ୍ଡ ହଲାଉଛି । ପ୍ରଥମେ ଡରିଗଲି ତା ପରେ ସାହାସ ରଖି ପ୍ରଭୁ ଜଗନ୍ନାଥଙ୍କୁ ଡାକୁ ଡାକୁ ଫର୍ଚ୍ଚା ହୋଇ ଦିନର ଆଲୋକ ଆସିଗଲା ତ ଦେଖିଲି ତାହା ଏକ କଅଁଳୁ ଥିବା କଦଳୀ ପତ୍ର । ଅଳ୍ପ ଅଳ୍ପ ଅନ୍ଧାର ସାଙ୍ଗେ ଅଳ୍ପ ଅଳ୍ପ ପବନ ଓ ଅଳ୍ପ ଆଲୋକରେ ତାହାର ରଙ୍ଗ ପରିବର୍ତ୍ତନ ହୋଇ ଧଳା ଚାଦର ଘୋଡ଼ି ହୋଇ ପତ୍ର ଟି ପବନ ଯୋଗୁଁ ହଲୁଥିବାରୁ ମୁଣ୍ଡ ହଲେଇଲା ପରି ଦେଖାଯାଉଥିଲା । ତେଣୁ ଡରି ନଯାଇ ଧର୍ଯ୍ୟ ଓ ସାହାସ ର ସହିତ ବିଶ୍ଳେଷଣ କଲେ ସବୁ ସତ ଜାଣିପାରିବୁ । ଏହି ସମୟରେ ମୁନା ପୁଣି ପଚାରିଲା ମେଘମାଳା ସବୁ ଆକାଶରେ ରହେ କେଉଁଠି ?ସେ ଆକାଶରୁ ସୃଷ୍ଟି ହୋଇ ପୁଣି ଆକାଶରେ ମିଶିଯାଏ । ପରେ ଆଉ ଟିକେ ବଡହେଲେ ବିଜ୍ଞାନ ପଢି ସବୁ ଜାଣି ପାରିବୁ । ମୁନା ଖୁସି ହୋଇଗଲା ଏଥର ।

ସେଦିନ ଡାକବାଲା ଭାଇ ମେଘମାଳା ଦାସ ଙ୍କ ଘର କୋଉଟା ତାଙ୍କ ଚିଠି ଓ ପାର୍ସଲ ଅଛି କହି ପଚାରୁଥିଲେ ତ ମୁନା ହସି ହସି କହୁଥିଲା ମେଘମାଳା ଘର ତ ଆକାଶରେ । ପୁଣି ଦାସ ହୋଇ ଏଠି କୋଉଠି ରହିବେ ସେ । ଡକାଲା ଭାଇ ଜଣଙ୍କ ଭଦ୍ର ଓ ଆମାୟିକ ଥିଲେ ତ ମୁନାକୁ ପିଲା ଦେଖି କହିଲେ ତୁମେ ଯେଉଁ ମେଘମାଳା କଥା କହୁଛ ସେ ପ୍ରକୃତିର ମେଘମାଳା । ହେଲେ ମୋ ଜେଜେମାଆ ତ ମତେ କହିଛନ୍ତି ସେ ବଉଦ ଭିତରେ ରହି ମୁହଁ ଲୁଚେଇ କାନ୍ଦୁଥିବାରୁ ସେହି ଲୁହ ଟୋପା ସବୁ ଛୋଟ ଛୋଟ କାକର ବା ଶିଶିର ରୂପେ ଧରାକୁ ଖସିଆସୁଛି ଓ ତା ସଂସ୍ପର୍ଶ ରେ ଆସି ଥଣ୍ଡା ବାୟୁ ବହିବାରୁ ଆମକୁ ଶୀତ ହେଉଛି । ମୁନାର କଥା ସରିଛି କି ନାହିଁ ଜେଜେମାଆ ପହଞ୍ଚି ଯାଇ କହିଲେ ମୁଁ ମେଘମାଳା ଦାସ । ଏଥର ପୋଷ୍ଟମ୍ୟାନ ଅଳ୍ପ ହସି ଜେଜେମାଆ ଙ୍କ ହାତରୁ ଦସ୍ତଖତ ନେଇ ତାଙ୍କ ହାତକୁ ଜେଜେ ପଠେଇଥିବା ଚିଠି ଓ ପାର୍ସଲ ବଢ଼େଇ ଚାଲିଗଲା ପରେ ମୁନା ପାଇଁ ସେ ପାର୍ସଲରେ ଥିବା ନାଲି ରଙ୍ଗର ସ୍ୱେଟର, ମଫଲର ଓ ନାଲି ମୋଜା ଓ ଧଳା ଜୋତା ପାଇ ଖୁବ ଖୁସି ହୋଇଗଲା ସତ କିନ୍ତୁ ପଚାରିବସିଲା ତୁମେ କେମିତି ମେଘମାଳା ହେଲ ଜେଜେମାଆ!

ଖିଆ ପିଆ ସରିଲା ପରେ ଜେଜେମାଆ ମୁନାକୁ ବୁଝେଇଦେଇଥିଲେ ପିଲାଟିଏ ଜନ୍ମ ହେବା ପରେ ବାପା ମାଆ ତାଙ୍କ ପସନ୍ଦରେ ତା ପାଇଁ ଦୁଇଟି ନାମ ବାଛି ରଖନ୍ତି ଗୋଟିଏ ଡାକ ନାମ । ଆଉ ଗୋଟିଏ ଭଲ ନାମ । କିଏ କୋଉ ଦୃଷ୍ଟିକୋଣରୁ ବିଚାର କରି ରାମ, ଲକ୍ଷ୍ମଣ, ବୀର, ସୀତା, ଗଙ୍ଗା ଆଦି ଠାକୁରଙ୍କ ନାମ ରଖିଲାବେଳେ କେହି କେହି ପଦ୍ମ, ଆକାଶ, ସୂର୍ଯ୍ୟ, ମେଘ, ବାଦଲ ଇତ୍ୟାଦି ପ୍ରକୃତିରେ ଥିବା ବସ୍ତୁ କି ପଦାର୍ଥ ବାଛିବା ବେଳେ ମୋ ବାପା ହୁଏତ ମେଘ କୁ ଭଲ ପାଉଥିଲେ କାରଣ ସେ ଚାଷୀ ଥିଲେ ମେଘ ହେଲେ ଫସଲ ଭଲ ହୁଏ ତେଣୁ ଶ୍ରଦ୍ଧା ରେ ମୋ ନାମ ମେଘମାଳା ରଖିନେଇଥିଲେ । ତା ଅର୍ଥ ମୁଁ ମେଘମାଳା ନୁହଁ ଯେ ବରଷି ଯିବି । ମୁନା ଏଥର ଖୁବ ହସୁଥିଲା ।

ଫୁଲ କହୁଥିଲା ହଁ ମାଆ ମୋ ବାପା ମଧ୍ୟ ଫୁଲକୁ ଭଲ ପାଉଥିବାରୁ ମୋ ନାମ ଫୁଲ ଦେଇଥିଲେ ପରା । ସେଇଥିପାଇଁ ମୁଁ ସବୁଦିନ ଫୁଲ ତୋଳେ । ସମସ୍ତଙ୍କୁ ଦିଏ ଓ ଠାକୁର ପୂଜା କରେ । ଜେଜେମାଆ କହୁଥିଲେ ହଉ ହଉ ସେକଥା ପଛରେ ଆଗ ଚାଲିଲୁ ଗୁରୁବାର କାମ ସାରିବୁ ।ଗୁରୁବାର ପାଇଁ ସବୁ ଝଡଝଡି କରୁ କରୁ ଜେଜେମାଆ ଲେଖିଥିବା ଗଳ୍ପ ବହି ଥାକ ଝାଡୁ ଝାଡୁ, ଫୁଲ କହିଲା ମାଆ, ତମର ଗୋଟେ ଫଟୋ ଦିଅନ୍ତ ନାହିଁ ମତେ । ମୋ ଫଟୋ ତୁ କଣ କରିବୁ??କହୁଥିଲା ରଖିବି । ତମେ ମତେ ଏତେ ଖାଇବା, ପିଇବା,ପିନ୍ଧିବା ଦେଉଛ, ତୁମ ଫଟୋ ରଖିବିନି କାହା ଫଟୋ ରଖିବି, କହୁନ!ହେଲେ ମୋ ଫଟୋ କାହିଁ?? ଏଁ ଏତେ ଏତେ ଫଟୋ କାନ୍ଥ ସାରା । ତୁମର ଏକୁଟିଆ ଫଟୋ ନାହିଁ ମାଆ?? ତୁମ ପାଖେ କୋଉଠି ବାବୁ ତ କୋଉଠି ତୁମ (ପୁଅ ଝିଅ )ଭାଇନା ଓ ଦିଦି । ଆଉ ଯୋଉ ବୁଢା ବୁଢ଼ୀ ଦିଜଣଙ୍କ ପାଖରେ ତମେ ଠିଆ ହେଇଛ, ସେମାନେ କିଏ ମାଆ?? ମୋ ଗୁରୁ ବୋଲି ଉତ୍ତର ଦେଇ ଅନ୍ୟ କାମରେ ଚାଲିଗଲେ ମେଘମାଳା । ବାସନ ସବୁ ବାହାର କରି ଦେବାକୁ ହେବ ଫୁଲ କୁ, ପୁଣି ପାଖାଳ ବାଢି ତା ସାଙ୍ଗକୁ ଯୋଗାଡ଼ କରି ରଖିବାକୁ ହେବ ତା ପାଇଁ ।

ସେଦିନ ପାଖାଳ ଖାଉ ଖାଉ ଫୁଲ କହୁଥିଲା ତୁମ ହାତ ପାଖାଳ ଭାରି ସୁଆଦିଆ । ସତରେ କ୍ଷୀରି,କାକେରା, ମିଠା, ରସାବଳୀ, ଛେନା ରେ ଫୁଲ ସନ୍ତୁଷ୍ଟ ହୁଏନା । ହୁଏ ପାଖାଳ ମୁଠାଏରେ । ମନ ଜାଣି ତା ସହିତ ଆଳୁ ଡାଲିସିଝା, ମିକ୍ସଚର, ବାଇଗଣ, ଟମାଟ, କଟାପିଆଜ, ଧନିଆଁ ପତ୍ର ସଜାଡି ଦେଇ ଆଉ ଯାହା ଭଜା, ସନ୍ତୁଳା, ଶାଗ ଥାଏ, ତାକୁ ଦିଅନ୍ତି ମେଘମାଳା ତ ଶ୍ରଦ୍ଧାରେ ଖାଏ, କେବେ କେବେ କହୁଥାଏ, ଖରାପ ଭାବୁନ ତ ମାଆ?? ପୁଣି କେବେ କେବେ କହେ ଅଳପ ଚାଉଳ ପକାଉନ । କିନ୍ତୁ ତା ମନକଥା ବୁଝିଥାନ୍ତି ଜେଜେମାଆ ମେଘମାଳା । ମୁହଁ କହୁଥିବା କଥା ହୃଦୟର ନୁହେଁ । ରୁଟି,ପରଠା, ପାଉଁରୁଟିରେ ତା ମନ ବୁଝେନା । କହେ ମାଆ ଶାଗ ଆଣିବି,କରିବ?? ଆଣୁନୁ କରିବି ।ଯେ ମାଆ ମୋ ପାଇଁ ଟିକେ ରଖିଥିବ । ନେଇଆସେ ସୁନୁସୁନିଆଁ, ପିତା କମଳ ମଦରଙ୍ଗା । ପାଖାଳ ସାଙ୍ଗକୁ ସେଥିରୁ ଟିକେ ଥୋଇଦେଲେ କହୁଥିବ,ମା ତମ ପରି ମୋ ହାତରେ ହୁଏନି ଏ ନିଉଛଣା ଶାଗ । ହସନ୍ତି ମେଘମାଳା । ବୁଝିପାରନ୍ତି ଫୁଲ କଥାର ଭିତିରି ଉଦେଶ୍ୟ । ମୋ ବୋଉତ ସେୟା କୁହେନା । ଘରକୁ ସୁନ୍ଦର ଦେଶେ ଥିଲେ ଘରଣୀ । । । । । ଘରଣୀ ଥିଲେ କି ହେବ ମନ ଯଦି ନନିଏ କିଣି । ଆଖିରୁ ଲୁହ ପୋଛି ପକାନ୍ତି ସେ ଲୁଚେଇ ଫୁଲ କୁ ।ମନେ ପଡେ ବୋଉ, ମନେ ପଡନ୍ତି ବାପା । ଯିଏ ଶିଖାଇଥିଲେ, ମଧୁର ବିନୟ ବଚନ । । । କହି ତୋଷିବ ଜନମନ ।

ସେଦିନ ଆଗୁଆ କାମକୁ ଆସି ଫୁଲ ଦେଖୁଥାଏ କାନ୍ଥ ସାରା ମେଘମାଳା ଙ୍କ ସହ ତାଙ୍କ ବାପା ବୋଉଙ୍କ ଫଟୋ ଆଉ ପଚାରୁ ଥାଏ, ଏମାନେ କଣ ତମକୁ ପାଠ ପଢ଼ାଉଥିଲେ ମାଆ । ହଁ ଯେ ତୁ କେମିତି ଜାଣିଲୁ?? ତମେ କହୁନଥିଲ ତମ ଗୁରୁ ସେମାନେ ବୋଲି?? ହସିଲେ ମେଘମାଳା କହିଲେ ଖାଲି ଗୁରୁ ନୁହଁ, ଶ୍ରେଷ୍ଠ ଗୁରୁ । ମୋ ପିତା ମାତା ।ଡିମା ଡିମା ଆଖି ମେଲି ଫୁଲ କହୁଥିଲା ହଁ !!ମାଆ ଏ ସ୍ତ୍ରୀ ଲୋକ କଣ ତୁମକୁ ଶାଗ ବଛା ଓ ଖରଡ଼ା ଶିଖେଇଥିଲେ?? ଖୁବ ହସିଲେ ମେଘମାଳା । ଫୁଲ କହିଲା ନାହିଁ ଗୁରୁ ବୋଲି ତ ମୁଁ ଜାଣେ ସ୍କୁଲରେ ପାଠ ପଢ଼ାନ୍ତି ଆଉ ଶ୍ରେଷ୍ଠ ଗୁରୁ କିଏ?? ସେଇଥିପାଇଁ କହିଦେଲି । ତୋର ବାପା ମାଆ ଅଛନ୍ତି ସାବି? ନା ମାଆ, ସ୍ବର୍ଗବାସୀ ହେଲେଣି ସେ ଦୁହେଁ । ତ ତୋ ପୁଅ ଝିଅଙ୍କର ତୁ ଆଉ ତୋ ସ୍ୱାମୀ କଣ?? ବାପା ବୋଉ, ଆଉ କଣ? ଆଲୋ ତୁମେ ଦୁହେଁ ତୁମ ପିଲାଙ୍କର ଶ୍ରେଷ୍ଠ ଗୁରୁ । ହସି ହସି ସନ୍ତୁଷ୍ଟିରେ ଗଡ଼ିଗଲା ଫୁଲ । କହିଲା ସେକଥା କହୁନ ତମ ବାପା ବୋଉ ସିଏ ବୋଲି । ଆଚ୍ଛା ମାଆ ମତେ ଫଟୋଟିଏ ଦେବ ପରା କହେଥିଲ ।ମୁଁ କଣ ଦେବି ଫୁଲ ତୁ ନିଜେ ନେଇଯିବୁ ସବୁ । ମୋ ପୁଅ ଝିଅ ଯେବେ ମୁଁ ମରିଗଲା ପରେ ସେସବୁ କାନ୍ଥରୁ ହଟେଇ ଦେବେ, ତୁ ନେଇଯିବୁ ବାଛି ବାଛି । ସେମାନେ କଣ ସେସବୁ ରଖିବେନି?? ତୁନି କରି ପଚାରୁଥିଲା ଫୁଲ, ତୁମେ କଣ ତାଙ୍କ ଶ୍ରେଷ୍ଠ ଗୁରୁ ନୁହଁକି?? ତୁମେ ତାଙ୍କୁ ସବୁ ପ୍ରକାର ଶାଗ ବଛା, କଟା ସହ କରିବା ଶିଖେଇ ଦେଉନ । ହସି ହସି ପେଟ ଫାଟିଗଲା ପରେ ମେଘମାଳା ଗମ୍ଭୀର ହୋଇଗଲେ ଆଉ ଫୁଲ କାନରେ ତୁନି ତୁନି ତା ପ୍ରଶ୍ନର ଉତ୍ତର ଦେଲେ ଆଲୋ ମୁଁ ମରିଗଲା ପରେ ସ୍ମୃତି ହୋଇଯିବି, ସ୍ମୃତି କୁ କେତେ ଦିନ କିଏ ସାଇତିକି ରଖିବ କାହିଁକି?? ଫୁଲ ବଡ଼ ବଡ଼ ଆଖି କରି କହିଲା କେଜାଣି ମୁଁ ଜାଣିନି, ତମେ ମରିବା କଥା କାହିଁକି କହୁଛ, ଚାଲ ମତେ ପାଖାଳ ଦେବ, ଖାଇସାରିବା ପରେ ପାଇଟି କରିବି । ମୁଗ୍ଧ ହୋଇ ମେଘମାଳା ପାଦ ବଢ଼େଇଲେ ରୋଷେଇ ଘରକୁ, କେତେ କେତେ ସ୍ମୃତି ସବୁ ଜଙ୍ଗଲ ଧୂଆଁ ଧୂଆଁ ପରି ସାଙ୍ଗେ ସାଙ୍ଗେ ଆସୁଥିଲା ତାଙ୍କ ପଛେ ପଛେ ନୂଆ ରୂପରେ ।ଆଉ ନାତିଟା ଖିଲି ଖିଲି ହସି କହୁଥିଲା ମୋ ଜେଜେମାଆ ଙ୍କ ନାମ ତାଙ୍କ ଶ୍ରେଷ୍ଠ ଗୁରୁ ଦୁହେଁ ବାଛି ବାଛି ମେଘମାଳା ବୋଲି ରଖିଛନ୍ତି ପରା ଫୁଲ ମାଉସୀ । ଫୁଲ ଚାହିଁଥିଲା ମେଘମାଳଙ୍କୁ, ସତେ ଯେମିତି ନୂଆ ଦେଖୁଛି ।

**ସୁନନ୍ଦା ମହାନ୍ତି**
**ସାକ୍ଷୀଗୋପାଳ, ପୁରୀ**

# ପ୍ରାର୍ଥନାରେ ବିଳମ୍ବ ୭ଜଣ ଛାତ୍ରଙ୍କୁ ସାମୁହିକ ଅପମାନ

## ଆଇନ ଉଲଂଘନର ଅଭିଯୋଗରେ ପ୍ରଧାନ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି



ମୁନିଗୁଡା,୭/୪(ଆନିସ) ରାୟଗଡ଼ା ଜିଲ୍ଲା ଅମ୍ବାଦଳା ମଙ୍ଗଳ ବିଭାଗୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଘଟିଥିବା ଏକ ଘଟଣା ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇପଡ଼ିଛି। ପାର୍ଥନା ସଭାକୁ ବିଳମ୍ବରେ ପହଞ୍ଚିଥିବା ଅନ୍ତେବାସୀ ୭ଜଣ ଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ଶ୍ରୀ କୋଲା ବାମନଙ୍କ ଦ୍ୱାରା ସମସ୍ତ ଛାତ୍ର ଛାତ୍ରୀଙ୍କ ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ଆଂଠେଇବା ଓ ସର୍ବ ସମ୍ମୁଖରେ ମାନସିକ କଷ୍ଟ ଭଳି ଦଣ୍ଡ ଦିଆଯାଇଥିବା ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି।ଏହି ଘଟଣାଟି ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବୋଲି ଜଣା ପଡ଼ିଥିବା ବେଳେ ସକାଳୁ ସକାଳୁ ପାର୍ଥନା ସମୟରେ ଘଟିଥିବା ଏହି ଘଟଣା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ସୃଷ୍ଟି କରିଥିବା ଦେଖାଯାଇଛି। ଏହି ଘଟଣାଟି ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବୋଲି ଜଣା ପଡ଼ିଛି।ଛାତ୍ର ମାନଙ୍କୁ ପ୍ରଥମେ ପ୍ରାର୍ଥନା ସଭାରେ ଓ ପରେ ଖେଳ ପିରିୟଡ଼ରେ ସମସ୍ତ ଛାତ୍ରଙ୍କ ଉପସ୍ଥିତିରେ କାନ ଧରି ଆଣ୍ଠେଇ ଓ ମାନସିକ କଷ୍ଟ ଭଳି ଦଣ୍ଡ ଦେଇଥା ଉକ୍ତ ଭିଡିଓ ଓ ଫଟୋ ରୁ ଜଣା ପଡିଛି।ସରକାରୀ ନିୟମ ଅନୁଯାୟୀ ବିଦ୍ୟାଳୟରେ ଶାରୀରିକ କିମ୍ବା ମାନସିକ ଦଣ୍ଡ ସଂପୂର୍ଣ୍ଣ ଭାବେ ନିଷିଦ୍ଧ। ୨୦୦୯ ଓ ୨୦୧୫ ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ମାଡ଼ ମାରିବା, ଉଠବସ କରାଇବା, ଆଂଠେଇବା, ଥପ୍ପଡ଼ ମାରିବା ଭଳି ଦଣ୍ଡ ଅବୈଧ। ଏହା ସହ ସମସ୍ତଙ୍କ ସମ୍ମୁଖରେ ଅପମାନ କରିବା, ଅପମାନଜନକ ଶବ୍ଦ ବ୍ୟବହାର କିମ୍ବା ଅଲଗା କରି ରଖିବାକୁ ମଧ୍ୟ ଆଇନ ନିଷେଧ କରେ।ଏହି ସବୁ ନିୟମ ଉଲଂଘନ କଲେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ, ବଦଳି କିମ୍ବା କାନୁନି ପଦକ୍ଷେପ ନେବାର ନିୟମ ରହିଥିବା ବେଳେ ଉକ୍ତ ପ୍ରଧାନ ଶିକ୍ଷକ ବାରମ୍ବାର ସରକାରୀ ନିୟମ ଉଲଂଘନ କରୁଥିବା ବେଳେ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ଅଞ୍ଚଳ ବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେଉଛି।

ଶିଶୁଙ୍କ ସମ୍ମାନ ଓ ମନୋବଳ ରକ୍ଷା କରିବା ଶିକ୍ଷକଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ଶିକ୍ଷାବିତ କହୁଛନ୍ତି। ଯଦି କୌଣସି ଛାତ୍ର ଭୁଲ କରେ, ତାହାହେଲେ ପ୍ରଥମେ କାଉନସିଲିଂ କରିବା, ଅଭିଭାବକଙ୍କୁ ଡାକିବା ଓ ସକାରାତ୍ମକ ଶିକ୍ଷା ପ୍ରଣାଳୀ ଅନୁସରଣ କରିବା ଦରକାର। କିନ୍ତୁ ଏହି ଘଟଣାରେ ସେହି ପ୍ରକ୍ରିୟା ଅନୁସରଣ ହୋଇନଥିବା ଅଭିଯୋଗ ଉଠିଛି, ଯାହା ଶିକ୍ଷା ପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛି।ଏହା ସହ ଏହି ମଙ୍ଗଳ ବିଭାଗୀୟ ବିଦ୍ୟାଳୟରେ ବାରମ୍ବାର ଏଭଳି ଅନିୟମିତତା ଓ ଅଘଟଣ ଘଟୁଥିବା ଅଭିଯୋଗ ମଧ୍ୟ ଆସୁଛି। ଅଭିଭାବକ ଓ ସ୍ଥାନୀୟ ଲୋକମାନେ ପ୍ରଶାସନଙ୍କ ନିର୍ବୀକ୍ଷଣ ଉପରେ ପ୍ରଶ୍ନ ଉଠାଇଥିବା ବେଳେ, ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅସନ୍ତୋଷ ବଢ଼ୁଛି। ଏହି ଘଟଣା ଶିକ୍ଷା ବ୍ୟବସ୍ଥାର ଦୃଷ୍ଟିଦୋଷକୁ ପୁନର୍ବାର ସାମ୍ନାକୁ ଆଣିଛି।

ଏହି ପରିସ୍ଥିତିରେ ମଙ୍ଗଳ ବିଭାଗ କର୍ତ୍ତୃପକ୍ଷଙ୍କୁ ଘଟଣାଟିର ସଂପୂର୍ଣ୍ଣ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ସାଂସଦ ପ୍ରତିନିଧି ରାଜନୀକାନ୍ତ ପୋଡ଼ାଲ,ଯୁବ ଧୀରେନ୍ଦ୍ର ପାଣିଗ୍ରାହୀ,ଜଗନ୍ନାଥ ପ୍ରସାଦ, ପ୍ରମୁଖ ଦାବି କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ଅଧିକାର ଓ ସମ୍ମାନ ସୁରକ୍ଷା ପାଇଁ କଡା ନିୟମ ପାଳନ ଏବେ ଅତ୍ୟାବଶ୍ୟକ ବୋଲି ସମାଜର ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ଘଟଣା ବିଷୟରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତିଙ୍କୁ ଯୋଗା ଯୋଗ କରିଥିବା ବେଳେ କୌଣସି ଉତ୍ତର ମିଳିପାରିନାହିଁ।

# ବୋରିଗୁମ୍ମାରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ



ବୋରିଗୁମ୍ମା,୭।୪ (ଆନିସ): ବୋରିଗୁମ୍ମା ସ୍ଥିତ ସ୍ଥାନୀୟ ଦୋରା କଲ୍ୟାଣ ମଣ୍ଡପ ଠାରେ ଭାରତୀୟ ଜନତା ପାର୍ଟିର ୪୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜୟପୁର ନିର୍ବାଚନ ମଣ୍ଡଳୀର ସମସ୍ତ ନେତୃବୃନ୍ଦ ଓ ବୋରିଗୁମ୍ମା ମଣ୍ଡଳର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ଯୁବ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ କମିଟି ର ସ୍ଥାୟୀ ସଦସ୍ୟ ଗୌତମ ସାମନ୍ତରାୟ ମୁଖ୍ୟ ଅତିଥ୍ୟ ଭାବେ ଯୋଗଦେଇଥିଲେ । ବୋରିଗୁମ୍ମା ମଣ୍ଡଳ ସଭାପତି ବିଘନେଶ୍ୱର ଷଡଙ୍ଗୀ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। । ଅତିଥି ମାନେ ପ୍ରଥମେ ଦଳୀୟ ପତାକା ଉତ୍ତୋଳନ କରିଥିଲେ । ସାମୂହିକ ଭାବେ ବନ୍ଦେ ମାତରଂ ଗାନ କରାଯାଇଥିଲା । ପ୍ରତିଷ୍ଠା ଦିବସ ର ମହତ୍ୱ ଏବଂ ବିଜେପି ସଂଗ୍ରାମୀଙ୍କ ବଳିଦାନ ବିଷୟରେ ଆଲୋକପାତ କରିଥିଲେ ମୁଖ୍ୟ ଅତିଥି ଶ୍ରୀ ସାମନ୍ତରାୟ । ସମ୍ମାନିତ ଅତିଥି ତଥା ଜିଲ୍ଲା ଉପ ସଭାପତି ରାଜ ସିଂହ ଦଳର ବିଚାର ଧାରା ଉପରେ ମତ ରଖିଥିଲେ । ଆଗକୁ ଦଳ ର ଆଭିମୁଖ୍ୟ

କଣ ରହିବ ଏବଂ ସଙ୍ଗଠନ କିପରି ଆଗକୁ ବଢ଼ିବ ସେ ନେଇ ମତପ୍ରକାଶ କରିଥିଲେ ଅନ୍ୟତମ ବରିଷ୍ଠ କାର୍ଯ୍ୟକର୍ତ୍ତା। ଗୁପ୍ତପ୍ରସାଦ ଗନ୍ତାୟତ ମତ ପ୍ରକାଶ କରିଥିଲେ। ବୋରିଗୁମ୍ମା ମଣ୍ଡଳ ଉପ ସଭାପତି ମାନସ ରଥ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲ୍ଲା ଉପ ସଭାପତି ରାଧେଶ୍ୟାମ ପରିଡ଼ା , ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ବାସନ୍ତୀ ଶତପଥୀ, ରାଜ୍ୟ ଯୁବ ମୋର୍ଚ୍ଚା କାର୍ଯ୍ୟ କାରିଣୀ ସଦସ୍ୟ ସରୋଜ ପାଣିଗ୍ରାହୀ,ଜିଲ୍ଲା ମହିଳା ସଭାପତି ସ୍ୱାତୀ ହୋତା,ଆମ୍ବାଗୁଡ଼ା ମଣ୍ଡଳ ସଭାପତି ସନ୍ତୋଷ ପଟ୍ଟନାୟକ, ଫାମ୍ପୁଣୀ ମଣ୍ଡଳ ସଭାପତି ଦୀନ ବନ୍ଧୁ ପ୍ରଧାନ ,ଶସାହାଣ୍ଡି ମଣ୍ଡଳ ସଭାପତି ଚକ୍ରଧର ଗାଦବା, ପୂର୍ବତନ ବୋରିଗୁମ୍ମା ବ୍ଲକ ଅଧ୍ୟକ୍ଷ ଗୋପୀ ନାୟକ ଏବଂ ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ଶ୍ରୀନିବାସ ରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

# ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ କୋରାପୁଟ ବିଧାୟକ




ଜୟପୁର,୭।୪ (ଆନିସ): ଯୋଜନା ବୋର୍ଡ଼ ର ଅଧକ୍ଷ ଭାବେ ଦାୟୁତ ଗ୍ରହଣ କଲେ କୋରାପୁଟ ବିଧାୟକ ରଘୁରାମ ମାଛ। ବିଧାୟକ ନିଜ ବାସ ଭବନ ରୁ ଏକ ବିରାଟ ରାଲି ରେ ଆସି ଜିଲ୍ଲାପାଳ ଙ୍କୁ ସାକ୍ଷାତ କରି ବିଧିବଦ୍ଧ ଭାବେ ଯୋଜନା ବୋର୍ଡ଼ ର ଅଧକ୍ଷ ଭାବେ ଦାୟୁତ ଗ୍ରହଣ କରିଛନ୍ତି। ବିଧାୟକ ଯୋଜନା ବୋର୍ଡ଼ ର ଅଧକ୍ଷ ଭାବେ ଯୋଗ ଦେବା ପରେ କୋରାପୁଟ ନୂତନ ଷ୍ଟାଣ୍ଡ ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ୨ ବର୍ଷ ଭିତରେ ଯୋଜନା ବୋର୍ଡ଼ କୁ ଅନେକ ଅନୁଦାନ ଆସିଛି। ସେ ସବୁ ଅନୁଦାନ କିପରି ଖର୍ଚ୍ଚ କରାଯିବ ସେ ନେଇ ଅନୁଧ୍ୟାନ କରିବେ ବୋଲି କହିଛନ୍ତି। କୋରାପୁଟ ଜିଲ୍ଲାରେ ଅନେକ କାର୍ଯ୍ୟ ବାକି ରହିଛି। ସେ ସବୁ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି। କୋରାପୁଟ ବିକାଶ ଦିଗରେ କାର୍ଯ୍ୟ କରାଯିବ। ୨୪ ବର୍ଷ ସରକାର ରେ ଯାହା ହେଇ ନ ଥିଲା ଏବେ ର ସରକାର ରେ ତାହା କରିବ ଦେଖାଇବୁ ଆଗାମୀ ଦିନରେ ସାଧାରଣ ଲୋକ ଙ୍କ ସ୍ୱର ହୋଇ ବିଜେପି ସରକାର ଠିଆ ହେବ ବୋଲି ବିଧାୟକ ରଘୁରାମ ମାଛ କହିଛନ୍ତି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ବିଧାୟକ ଙ୍କ ଠାରୁ ସରକାରୀ ପତ୍ର ଗ୍ରହଣ କରିବା ସହିତ ଆଗାମୀ ଦିନରେ କୋରାପୁଟ ର ବିକାଶ କିପରି ହୋଇ ପାରିବ ସେ ଦିଗ ପ୍ରତି ଧ୍ୟାନ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

# ବୁଢ଼ୀ ଠାକୁରାଣୀ ଯାତ୍ରା



ଜୟପୁର, ୭।୪ (ଆନିସ):ଓଡିଶା ଆନ୍ଧ୍ର ସୀମାନ୍ତ ପାଡୁଆ ଠାରେ ମହା ଆଡମ୍ବର ସହକାରେ ବୁଢ଼ୀ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ତେଲୁଗୁ, ଓଡ଼ିଆ ଓ ଆଦିବାସୀ ସମ୍ପ୍ରଦାୟ ମିଳିମିଶି ଏହି ଯାତ୍ରା ପାଳନ କରିଥାନ୍ତି। ଗାଁ ରେ ରହିଥିବା ବୁଢ଼ୀ ଠାକୁରାଣୀ ଙ୍କୁ ପ୍ରତକ୍ଷ ଠାକୁରାଣୀ ଭାବେ ସ୍ଥାନୀୟ ବାସିନ୍ଦା ପୂଜା କରି ଆସୁଛନ୍ତି। ସକାଳୁ ବୁଢ଼ୀ ଠାକୁରାଣୀ ଙ୍କ ପଟୁଆର ବାହାରି ଗାଁ ବୁଲିବା ସହିତ ରାତି ରେ ବଡ଼ ଧରଣର ଯାତ୍ରା ହୋଇଥାଏ। ଏହି ଯାତ୍ରା ରେ ହଜାର ହଜାର ଲୋକ ଙ୍କ ସମାଗମ ହୁଏ । ବୁଢ଼ୀ ଠାକୁରାଣୀ ଯାତ୍ରା କରାଯିବା ଦ୍ୱାରା ଅଞ୍ଚଳ ରେ ଶାନ୍ତି ପ୍ରତିଷ୍ଠା ବଜାଇ ରହିବା ସହିତ ଚାଷ ବାସ ଭଲ ହୁଏ ତା ସହିତ କୌଣସି ଦୁଷ୍ଟ ଶକ୍ତି ଗାଁ କୁ ପ୍ରବେଶ କରି ପାରେ ନାହିଁ ବୋଲି ଅଞ୍ଚଳ ଙ୍କ ବିଶ୍ୱାସ ରହିଛି ।

# ବ୍ରଜ ପାତରେ ଗୁଦୁଡୁଘୁମାର ପାଞ୍ଚ ବଳଦଙ୍କ ମୃତ୍ୟୁ



ଗୋଲାମୁଣ୍ଡା,୭।୪ (ଆନିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାଥାନା ଅନ୍ତର୍ଗତ ନକଟି କାନି ଗ୍ରାମ ପଞ୍ଚାୟତ ଅଧିନରେ ଥିବା ଗୁଦୁଡୁ ଘୁମା ଗ୍ରାମରେ ଗତ କାଲି ଅପରାହ୍ନ ପ୍ରାୟ ଦୁଇଟା ବେଳେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଥିଲା, ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଗତ କାଲି ସୋମବାର ଦିନ ଦୁଇଟା ତିରିଶ ମିନିଟ ସମୟରେ ହଟାତ ବର୍ଷା ସହ ବିଜୁଳି ଘଡଘଡି ହେବାରୁ ପାଞ୍ଚଟି ବଳଦ ଉପରେ ବ୍ରଜପାତ ପଡ଼ିବାରୁ ମୃତ୍ୟୁ ବରଣ ହୋଇ ଥିଲା, ଗୁଦୁଡୁ ଘୁମାର ମୁରଲୀ ମାଝି, ଘନଶ୍ୟାମ ମାଝୀ, ମକର ଧ୍ୱଜ ମାଝି ଓ ବନିତା ମାଝୀ , ପାଞ୍ଚଜଣ ଚାଷୀଙ୍କ ଗୋଟିଏ ଲେଖାଏଁ ବଳଦ, ଏକ ଗଛ ତଳେ ରହି ଥିବା ବେଳେ ବ୍ରଜ ପାତରେ ହଟାତ୍ ମୃତ୍ୟୁ ଘଟିଥିଲା, ଏ ନେଇ ଗୋଲାମୁଣ୍ଡା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମାନସ ତାଣ୍ଡି ସୂଚନା ପାଇ ତଦନ୍ତ କରି ଥିଲା ବେଳେ ପୂର୍ବତନ ସରପଞ୍ଚ ଜତିନ୍ଦ୍ର ସେନାପତି ଓ ସରପଞ୍ଚ ଙ୍କ ବାପା ଘନଶ୍ୟାମ ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ, ତଦନ୍ତ ପରେ ଜେସିବି ମାଧ୍ୟମରେ ଉକ୍ତ ମୃତ୍ୟୁ ବରଣ କରି ଥିବା ପାଞ୍ଚଟିବଳଦ ଙ୍କୁ ପୋତା ଯାଇଛି ବୋଲି ପୁର୍ବତନ ସରପଞ୍ଚ ଯତୀନ୍ଦ୍ର ସେନାପତି ପ୍ରକାଶ କରିଥିଲେ । ଯେଉଁ ପାଞ୍ଚଟି ବଳଦ ବ୍ରଜପାତରେ ମୃତୁ ବରଣ ହୋଇଥିଲା। ସେହି ବ୍ୟକ୍ତି ମାନେ ଏକ ଗରିବ ଓ ଆଦିବାସୀ ଶ୍ରେଣୀୟର ଚାଷୀ ଅଟନ୍ତି । ତେଣୁ ପ୍ରସାଶନ ପକ୍ଷରୁ ତୁରନ୍ତ କ୍ଷୟ କ୍ଷତି ଯୋଗାଇ ଦେବା ପାଇଁ ପାଞ୍ଚ ପରିବାର ଓ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି, ଏହି ଘଟଣାରେଆଦିବାସୀ ପରିବାର ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

# ପାରଳାଖେମୁଣ୍ଡିଠାରେ ଗଜପତି ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ



ପାରଳାଖେମୁଣ୍ଡି,୭।୪ (ଆନିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ସଂଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନୀ ମାଝୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ସୁନୀଲ କାନ୍ତ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ,ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା ଅଭିଯୋଗ ଶୁଣାଣୀ କରିଥିଲେ। ଆଜିର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିରରେ ମୋଟ-୬୦ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା-୪୯ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୧୧ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା ।

ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୋର ଚନ୍ଦ୍ର ପଟ୍ଟନାୟକ ,ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

# ଗହଙ୍ଗୁ ଗ୍ରାମପଞ୍ଚାୟତରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଆସିକା,୭।୪ (ଆନିସ): ଆସିକା ବ୍ଲକ ଗହଙ୍ଗୁ ଗ୍ରାମ ପଞ୍ଚାୟତରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମନୋଜ କୁମାର ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ସଂଗୀତା ସେଣ, ଅତିରିକ୍ତ ବିଡ଼ିଓ ସୁଶାନ୍ତ କୁମାର ବେହେରା, ଯୋଗାଣ ଅଧିକାରିଣୀ ଶର୍ମିଷ୍ଠା ଦଳବେହେରା ସମେତ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଗୁଡିକୁ ଦରଖାସ୍ତ ମାଧ୍ୟମରେ ଗ୍ରହଣ କରିଥିଲେ।



ରାସନ କାର୍ଡ, ଭତ୍ତା, ଆବାସ ଯୋଜନା, ଧାନମଣ୍ଡି ସମ୍ପର୍କରେ ବହୁ ଅଭିଯୋଗ ଆସିଥିବା ବେଳେ କିଛି ସାମୁହିକ ସମସ୍ୟା ଉପରେ ମଧ୍ୟ ଅଭିଯୋଗ ଆସିଥିବା ଜଣାପଡିଛି। ଅନ୍ୟ ପଂଚାୟତ ତୁଳନାରେ ଏହି ପଞ୍ଚାୟତରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସରପଞ୍ଚ ସମସ୍ତଙ୍କୁ ବୁଝାସୁଝା କରିବା ସହିତ ଖୁବଶୀଘ୍ର ସମସ୍ତ ଅଭିଯୋଗ ଉପରେ ଦୃଷ୍ଟି ନିକ୍ଷେପ କରି ସମାଧାନର ବାଟ ବାହାର କରାଯିବ ବୋଲି କହିଥିଲେ।

# ବୋରିଗୁମ୍ମାରେ ନିଶୁଳ୍କ ସେବା ପାଇଁ 'ସ୍ୱର୍ଗ ରଥ' ଦାନ ଓ ଲୋକାର୍ପଣ



ବୋରିଗୁମ୍ମା, ୭।୪ (ଆନିସ): ବୋରିଗୁମ୍ମାର ଯୁବ ଆଇନଜୀବୀ ଓ ସମାଜସେବୀ ଶ୍ରୀ ମୁନା ଦୋରାଙ୍କ ତରଫରୁ ପୂର୍ବରୁ ବୋରିଗୁମ୍ମା ବ୍ଲକ୍ ?କୁ ଗୋଟିଏ ଶବବାହକ ଗାଡ଼ି ପ୍ରଦାନ କରାଯାଇଥିବାବେଳେ, ଆଜି ନିଶୁଳ୍କ ସେବା ନିମନ୍ତେ ଆଉ ଗୋଟିଏ ''ସ୍ୱର୍ଗ ରଥ'' ଦାନ ଓ ଲୋକାର୍ପଣ କରାଯାଇଛି।

ଏହି ଅବସରରେ କୋରାପୁଟର ମାନ୍ୟବର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନରେଶ ଚନ୍ଦ୍ର ଶବର ମହୋଦୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବ୍ରତ ଲେଙ୍କା, ଅତିରିକ୍ତ ତହସିଲଦାର ବୋଇନି ସତୀଶ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀ ନାରାୟଣ ରଥ, ମୁନା ଦୋରାଙ୍କ ବାପା ଓ ପୂର୍ବତନ ପୋଲିସ ଅଫିସର ଶ୍ରୀ ବିଜୟ କୁମାର ଡୋରା, ପାଠାଗାର ସଭାପତି ବିଜୟ ନାରାୟଣ ସାହୁ, ଓକିଲ ସଂଘ ସଭାପତି ନାଗରାଜ ଡୋରା, ଚାମ୍ବର ଅଫ କମର୍ଶର ସଭାପତି ସୂର୍ଯ୍ୟ ଆଚାରୀ, ଆଇନଜୀବୀ ଅଶୋକ ଗନ୍ତାୟତ, ପ୍ରସାଦ ବିଡ଼ିକା ଓ ବିଘ୍ନ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ।

ବୋରିଗୁମ୍ମାର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ମୁନା ଦୋରା କହିଥିଲେ ଯେ, ବୋରିଗୁମ୍ମା ସହର ତାଙ୍କୁ ଅପାର ସ୍ନେହ, ଶ୍ରଦ୍ଧା, ଖ୍ୟାତି ଓ ସମ୍ମାନ ଦେଇଛି। ଏହି କାରଣରୁ ନିଜ ବାପା, ମା, ସ୍ତ୍ରୀ, ଭାଇ ଓ ଗୁରୁ ଓ ଗୁରୁଜନଙ୍କ ଆଶୀର୍ବାଦ ଓ ପ୍ରେରଣାରେ ସେ ବୋରିଗୁମ୍ମା ପାଇଁ ଏହି ମହତ୍ କାର୍ଯ୍ୟ କରିପାରିଥିବା କହିଥିଲେ। ଆଗାମୀ ଦିନରେ ମଧ ସେ ସମାଜସେବା କାର୍ଯ୍ୟ ଜାରି ରଖିବେ ବୋଲି ଉଲ୍ଲେଖ କରିଥିଲେ।

# ବୁଲିଲା ପ୍ରବେଶ ଓ ଖଡିଛୁଆଁ ସଚେତନତା ରଥ



ଘୁ.ଉଦୟଗିରି,୭।୪ (ଆନିସ): କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ୨ ତାରିଖରେ ସରିଥିବା ବେଳେ ୬ ତାରିଖ ଦିନ ବ୍ଲକ ଶିକ୍ଷା ଅଧିକାରୀ କେଶବ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଇଓ କାର୍ଯ୍ୟାଳୟରୁ ପୁଜାର୍ଚ୍ଚନା କରାଯାଇ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ସଚେତନତା ରଥ ବାହାରିଥିବା ଜଣାପଡିଛି।ଏହି ରଥ ବ୍ଲକର ସମସ୍ତ ଗ୍ରାମ ବୁଲି ବୁଲି ପିଲାମାନେ କିପରି ବିଦ୍ୟାଳୟ ଯାଇ ପଢା ଆରମ୍ଭ କରିବେ ତାର ସୁଚନା ପ୍ରଦାନ କରିବା।ସୋମବାର ଏହି ରଥ ବ୍ଲକର ରାବାନାଙ୍କୁ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପି.ମଧୁମିତା ପ୍ରଧାନ ରଥକୁ ସ୍ୱାଗତ କରିଥିଲେ।ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ବିଡିଓ ସତ୍ୟ ନାରାୟଣ ମିଶ୍ର, ଅତିରିକ୍ତ ତହସିଲଦାର ଦେବାଶିଷ ଜେନା ପତାକା ଦେଖାଇ ରଥକୁ ଶୁଭାରମ୍ଭ କରିଥିଲେ। ସିଆରସିସି ରଞ୍ଜିତ ପାଢୀ କର୍ତ୍ତା ହୋଇଥିବା ବେଳେ ପୁରୋହିତ ନାରାୟଣ ପାଢୀ ପୁଜାର୍ଚ୍ଚନା କରିଥିଲେ।କାର୍ଯ୍ୟକ୍ରମକୁ ବିଆରସିସି ନିବେଦିତ ପ୍ରଧାନ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସାହୁ ପରିଚାଳନା କରିଥିବା ବେଳେ ସିଆରସିସି ପବିତ୍ର ମୋହନ ଜେନା,ରଶ୍ମୀତା ମହାରଣା, ନିତେଶ କୁମାର ନାୟକ,ବାଣୀ ପ୍ରସାଦ ପ୍ରମୁଖଙ୍କ ସହ ବହୁ ଅଭିଭାବକ ଉପସ୍ଥିତ ଥିଲେ ।

# ସିଜିମାଳିରେ ପୋଲିସ୍ ଆକ୍ରମଣ ଓ ନିଷେଧାଦେଶ ଜାରିକୁ ସି.ପି.ଆଇ.(ଏମ)ର ତୀବ୍ର ନିନ୍ଦା

ଭୁବନେଶ୍ୱର, ୭।୪ (ଆନିସ):ଗଞ୍ଜାମ ରାୟଗଡ଼ା ଜିଲ୍ଲାର ସିଜିମାଳି ଅଞ୍ଚଳରେ ୭ ଏପ୍ରିଲ ଭୋର ସମୟରେ ଘଟିଥିବା ପୋଲିସ୍ ଦମନ ଉପରେ ସି.ପି.ଆଇ.(ଏମ) ଗଭୀର ଚିନ୍ତା ବ୍ୟକ୍ତ କରିବା ସହ ତୀବ୍ର ନିନ୍ଦା କରୁଛି। ଏହି ଘଟଣା ଅନୁସୂଚିତ ଅଞ୍ଚଳରେ ରହିଥିବା ଆଦିବାସୀମାନଙ୍କ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାର ଉପରେ ଖୋଲା ଆକ୍ରମଣ ଅଟେ।

ଆଜି ସକାଳେ ଅର୍ଥାତ୍ ଭୋର ପ୍ରାୟ ୩ଟା ସମୟରେ ସଶସ୍ତ୍ର ପୋଲିସ୍ ବାହିନୀ କଣ୍ଟାମାଳ ଗାଁକୁ ଘେରାଉ କରି ପ୍ରଥମେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଥିଲେ । ପରେ ଲୁହବୁହା ଗ୍ୟାସ୍ ପ୍ରୟୋଗ, ଘରଦ୍ୱାର ଭାଙ୍ଗିବା ଓ ବ୍ଲାଙ୍କ ଫାୟାରିଂ ମାଧ୍ୟମରେ ଗ୍ରାମବାସୀଙ୍କୁ ଭୟଭୀତ କରାଯାଇଥିଲା। ଏହି ଆକ୍ରମଣ ସମୟରେ ପୁରୁଷ ଓ ମହିଳାମାନଙ୍କୁ ମାଡ଼ ମରାଯାଇଥିବା ସୂଚନା ମିଳିଛି ଏବଂ ଲୁହାବୁହା ଗ୍ୟାସ୍ ପ୍ରୟୋଗରେ ଗୋଟିଏ ପଶୁର ପ୍ରାଣହାନୀ ଘଟିଥିବା ଖବର ମିଳିଛି। ଏହା ମାନବିକତାକୁ ଲଂଘନ କରୁଛି ଏବଂ ଅତ୍ୟନ୍ତ ନିନ୍ଦନୀୟ ଘଟଣା।

ଡବଲ ଇଞ୍ଜିନ ସରକାର ରାଜ୍ୟପାଇଁ ଡବଲ ବିପର୍ଯ୍ୟୟ ଆଣିଛି ।ଏହି ବର୍ବରତା କୁ କଠୋର ଭାବେ ନିନ୍ଦା କରୁଛୁ। ମୋହନ ମାଝୀଙ୍କ ଆତ୍ମ ଘୋଷିତ ଲୋକଙ୍କ ସରକାରର ଲୋକ ବିରୋଧୀ ଦମନ କୁ ସମଗ୍ର ବିଶ୍ୱ ଦେଖୁଛି ।ଆଦିବାସୀ ରାଷ୍ଟ୍ରପତି ଏବଂ ଆଦିବାସୀ ମୁଖ୍ୟମନ୍ତ୍ରୀ କରି ଓଡ଼ିଶାରେ ଆଦିବାସୀ ଙ୍କୁ ଦମନ ଏବଂ ଲୁଣ୍ଠନ କରିବା ପାଇଁ ବିଜେପି ନେତୃତ୍ୱାଧୀନ କର୍ପୋରେଟ- ହିନ୍ଦୁତ୍ୱ ମେଣ୍ଟ ଗଭୀର ଯୋଜନା ପ୍ରସ୍ତୁତ କରିଛନ୍ତି । ନିର୍ମମ ଖଣି ଖନନ, ବଳ ପ୍ରୟୋଗ କରି ଜମି ଅଧିଗ୍ରହଣ, ନିଷ୍ଠୁର ଦମନ ଏବଂ ଅମାନବୀୟ ବିସ୍ଥାପନ ବିରୋଧରେ ପ୍ରତିରୋଧ ସଂଗ୍ରାମ ଆହୁରି ତୀବ୍ରତର ହେବ ବୋଲି ସି ପି ଆଇ (ଏମ୍) ତରଫରୁ କୁହାଯାଇଛି।

ବେଦାନ୍ତ କମ୍ପାନୀ ପାଇଁ ରାସ୍ତା ନିର୍ମାଣ ଉଦ୍ଦେଶ୍ୟରେ କାଶୀପୁର ବ୍ଲକର ସୁଙ୍ଗେର ଗ୍ରାମ ପଞ୍ଚାୟତରେ ଜିଲ୍ଲା ପ୍ରଶାସନ ଧାରା ୧୬୩ (ବି.ଏନ୍.ଏସ୍) ଓ ପୂର୍ବତନ ଧାରା ୧୪୪ ଅନୁଯାୟୀ ନିଷେଧାଦେଶ ଜାରି କରିଛନ୍ତି। ଏହି ଆଦେଶ ଅନୁଯାୟୀ ରାସ୍ତାର ୧୦୦ ମିଟର ମଧ୍ୟରେ ଚାରିଜଣରୁ ଅଧିକ ଲୋକ ଏକତ୍ରିତ ହେବାକୁ ନିଷେଧ କରାଯାଇଛି। ଗୋଷ୍ଠୀବଦ୍ଧ ଆଦିବାସୀ ଜୀବନ- ଯାପନ ପ୍ରଣାଳୀକୁ ଧ୍ୟାନରେ ରଖିଲେ, ଏହି ନିଷେଧାଦେଶ ସେମାନଙ୍କ ଦୈନନ୍ଦିନ ଜୀବନ-ଜୀବିକା, ଚାଷବାସ, ଜଙ୍ଗଲ ଉତ୍ପାଦ ସଂଗ୍ରହ ଓ ସାମାଜିକ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିବ। ଗ୍ରାମସଭାର ଅନୁମତି ବିନା ଏପରି ପ୍ରକଳ୍ପ ଘୋଷଣା ହେବା ସଂବିଧାନିକ ବିଧି ବ୍ୟବସ୍ଥାର ସ୍ପଷ୍ଟ ଉଲ୍ଲଂଘନ।

ଏହା ସହିତ, ୧୧ ମାର୍ଚ୍ଚରେ ଆମପଦର ଗାଁର ୨୧ ଜଣ ଗ୍ରାମବାସୀ, ଯେଉଁମାନଙ୍କ ମଧ୍ୟରେ ଗର୍ଭବତୀ ମହିଳା ସମେତ ୧୦ ଜଣ ମହିଳା ଅଛନ୍ତି,ସେମାନଙ୍କୁ ଗିରଫ କରାଯାଇଛି । ବିସ୍ଥାପନ ବିରୋଧୀ ଆନ୍ଦୋଳନର ନେତା ଲିଙ୍ଗରାଜ ଆଜାଦ ଓ ସୁରେଶଙ୍କୁ ମିଥ୍ୟା ମାମଲାରେ ଗିରଫ କରି ଜେଲ୍ ?ରେ ରଖାଯାଇଥିବା ଘଟଣା ମଧ୍ୟ ଗଭୀର ଚିନ୍ତାର ବିଷୟ। ଏଠାରେ ସରକାରଙ୍କ ନିର୍ଦ୍ଦେଶ ରେ ଜିଲ୍ଲା ପ୍ରଶାସନ କର୍ପୋରେଟ୍ ସ୍ୱାର୍ଥରେ କାମ କରୁଥିବା ସ୍ପଷ୍ଟ ହେଉଛି।

ଏହି ପରିସ୍ଥିତିରେ ସି.ପି.ଆଇ.(ଏମ) ନିମ୍ନଲିଖିତ ଦାବିମାନ ଉଠାଉଛି। ଧାରା ୧୬୩ (ବି.ଏନ୍.ଏସ୍) ଓ ଧାରା ୧୪୪ ଅନୁଯାୟୀ ଜାରି ଜନିତ ନିଷେଧାଦେଶ ତୁରନ୍ତ ପ୍ରତ୍ୟାହାର କରାଯାଉ। ଗ୍ରାମସଭାର ଅନୁମତି ବିନା ଖଣି ଖନନ ପ୍ରକ୍ରିୟା ଓ ପ୍ରକଳ୍ପଗୁଡ଼ିକୁ ବନ୍ଦ କରାଯାଉ। ବେଦାନ୍ତ କମ୍ପାନୀ ପାଇଁ ହେଉଥିବା ରାସ୍ତା ନିର୍ମାଣକୁ ତୁରନ୍ତ ବନ୍ଦ କରାଯାଉ। ସିଜିମାଳି ଅଞ୍ଚଳରୁ ପୋଲିସ୍ ମୁତୟନ ପ୍ରତ୍ୟାହାର କରାଯାଉ ଓ ଦମନ ବନ୍ଦ କରାଯାଉ। ଲିଙ୍ଗରାଜ ଆଜାଦ ସମେତ ସମସ୍ତ ଆନ୍ଦୋଳନକାରୀଙ୍କ ଉପରେ ଥିବା ମିଥ୍ୟା ମାମଲା ପ୍ରତ୍ୟାହାର କରି ସେମାନଙ୍କୁ ତୁରନ୍ତ ମୁକ୍ତ କରାଯାଉ। ପେସା ଓ ଜଙ୍ଗଲ ଅଧିକାର ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉ। ପଞ୍ଚମ ଅନୁସୂଚିତ ଅଞ୍ଚଳରେ ଆଦିବାସୀ ଅଧିକାର ସୁରକ୍ଷା ପାଇଁ ଓଡ଼ିଶାର ରାଜ୍ୟପାଳ ତୁରନ୍ତ ହସ୍ତକ୍ଷେପ କରନ୍ତୁ।

ଏହି ପରିପ୍ରେକ୍ଷୀ ରେ ସି.ପି.ଆଇ.(ଏମ) ସତର୍କ କରାଇ ଦେଉଛି ଯେ ଆଦିବାସୀମାନଙ୍କ ଜଳ-ଜମି-ଜଙ୍ଗଲ ଓ ଜୀବନ-ଜୀବିକା ଉପରେ ଏପରି ଆକ୍ରମଣ ବନ୍ଦ ନହେଲେ ରାଜ୍ୟବ୍ୟାପୀ ଗଣଆନ୍ଦୋଳନ ଗଢ଼ିଉଠିବ ଏବଂ ଏଥିପାଇଁ ସରକାର ହିଁ ଦାୟୀ ରହିବେ।

# ତେଲ ଓ ଗ୍ୟାସ ଦର ବୃଦ୍ଧି ଯୋଗୁଁ ଖାଉଟି ଚିନ୍ତାରେ

କବିସୂର୍ଯ୍ୟନଗର, ୭।୪ (ଆନିସ): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବରେ ଦେଶରେ ଅଶୋଧିତ ତୈଳ ଓ ଗ୍ୟାସ ଦର ବୃଦ୍ଧି ପାଇବାରୁ ଏହାର ସିଧାସଳଖ ପ୍ରଭାବ ଗରିବ ଓ ମଧ୍ୟବିତ୍ତ ପରିବାର ଉପରେ ପଡି ଥିବା ଦେଖିବାକୁ ମିଳିଛି। ଗ୍ୟାସ ସିଲିଣ୍ଡରର ମୂଲ୍ୟ ସରକାର ବୃଦ୍ଧି କରିଥିବା ବେଳେ ବର୍ତମାନ ଖାଉଟିଙ୍କୁ ଗ୍ୟାସ ମିଳୁ ନଥିବା ଏବଂ ଗ୍ୟାସ ପାଇଁ ପୂର୍ବ ପରି ବୁକିଂ ହୋଇ ପାରୁନଥିବା ଯୋଗୁଁ ଖାଉଟି ଖାଲି ସିଲିଣ୍ଡର ଧରି ଗ୍ୟାସ ଡିପୋରେ ଲମ୍ବା ଲାଇନିରେ ଛିଡା ହେଉଥିବା ଦେଖିବାକୁ ମିଳିଛି। ଏହାର ସୁଯୋଗରେ କବିସୂର୍ଯ୍ୟନଗର ଅଞ୍ଚଳରେ କଳାବଜାର ବଢିଯାଇଥିବା ନେଇ ଅଭିଯୋଗ ମଧ୍ୟ ଉଠିଛି। ସେହିପରି ଖାଇବା ତେଲ ଓ ବନସ୍ପତି ଘିଅର ମୂଲ୍ୟରେ ବୃଦ୍ଧି ପାଇଥିବାରୁ ଖାଉଟିମାନେ ଚିନ୍ତାରେ ପଡିଛନ୍ତି। ତେବେ ଏହି ସବୁ ଭିତରେ ବର୍ତ୍ତମାନ କବିସୂର୍ଯ୍ୟନଗର ପୌରପରିଷଦ ଓ ବ୍ଲକ ଅଞ୍ଚଳରେ କେତେକ ବ୍ୟବସାୟୀ ମନଇଚ୍ଛା ଦର ଦାମ ବଢାଇ ବିକ୍ରି କରୁଥିବା ଦେଖିବାକୁ ମିଳିଛି।

ଏପରିକି ନିଜ ନାମରେ ଗ୍ୟାସ ଖାତା ନଥିବା କିମ୍ବା ଘର ଭଡା ନେଇ ବସବାସ କରୁଥିବା ଅନେକ ପରିବାର ବ୍ୟବସାୟୀଙ୍କ ଠାରୁ ୧୪୦୦ ରୁ ୧୬୦୦ ଟଙ୍କା ପର୍ଯ୍ୟନ୍ତ ଦେଇ ଗ୍ୟାସ ସିଲିଣ୍ଡର କିଣୁଥିବା ଦେଖିବାକୁ ମିଳିଛି। ଏହା ସହ ଗ୍ୟାସ ବୁକିଂ ସମୟ ଅବଧିକୁ ମଧ୍ୟ ବୃଦ୍ଧି କରାଯାଇଛି ଯାହା ଦ୍ୱାରା ଗ୍ୟାସ୍? ସିଲିଣ୍ଡର ବୁକିଂ କରିବାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତତ୍ପରତା ଦେଖିବାକୁ ମିଳିଛି । ପ୍ରଥମ ସିଲିଣ୍ଡର ପାଇଁ ବୁକିଂ ପରେ ୨୫ ଦିନ ଅତିକ୍ରମ କଲେ ଦ୍ୱିତୀୟ ସିଲିଣ୍ଡର ପାଇଁ ବୁକିଂ କରାଯାଉଛି। ଏହାଭିତରେ ମୋବାଇଲ ଯୋଗେ ବୁକିଂ କରିବା ସମୟରେ ମେସେଜ ଏରର ହେବା ସହ ବୁକିଂ ଖାରଜ ହୋଇଯାଉଥିବାରୁ ଗ୍ରାହକମାନେ ବୁକିଙ୍ଗ ନ କରିପାରି ଅସୁବିଧାରେ ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିଛନ୍ତି। ପୂର୍ବରୁ ଗ୍ୟାସ ପାଇଁ ବୁକିଙ୍ଗ କରିଥିଲେ ମଧ୍ୟ ଘରୋଇ ଉପଭୋକ୍ତାଙ୍କୁ ହୋମ ଡେଲିଭରି କରାଯାଉନଥିବା ଜଣାଯାଇଛି। ବିଭିନ୍ନ କମ୍ପାନୀର ଗ୍ୟାସ ବିତରକ ମାନେ ଘରୋଇ ଉପଭୋକ୍ତାଙ୍କ ଉଦେଶ୍ୟରେ ବ୍ୟବହୃତ ଗ୍ୟାସ ସିଲିଣ୍ଡର ଗୁଡ଼ିକରୁ ମଧ୍ୟ ରାତ୍ରରେ ଏକ ପ୍ରକାର ନୋଜେଲ ଓ ପାଇପ ମାଧ୍ୟମରେ ଗ୍ୟାସ ବାହାର କରି କମରସିଆଲ ଗ୍ୟାସ ହାଣ୍ଡିରେ ଭର୍ତ୍ତି କରି ଅଧିକ ମୁନାଫା କମାଇବା ଲକ୍ଷ୍ୟରେ ବିଭିନ୍ନ ହୋଟେଲ ଓ ବ୍ୟବସାୟିକ ସଂସ୍ଥା ଗୁଡିକୁ ଚଢ଼ା ଦରରେ ବିକ୍ରୟ କରୁଥିବା ବେଳେ ଘରୋଇ ଉପଭୋକ୍ତା ମାନଙ୍କୁ ଗ୍ୟାସ ନଦେଇ ହଇରାଣ କରୁଥିବା ନେଇ କେତେକ ଘରୋଇ ଉପଭୋକ୍ତା ଅଭିଯୋଗ କରିଛନ୍ତି।

ଆଉ କେତେକ ଗ୍ୟାସ ବିତରକ ଚଢା ଦରରେ ଏବଂ କଳାବଜାର କରିବା ଉଦେଶ୍ୟରେ ଗ୍ୟାସ ଡିପୋରୁ ବହୁ ପରିମାଣର ଗ୍ୟାସ ସିଲିଣ୍ଡିର ନେଇ ଅନ୍ୟତ୍ର ଏକ ଗୃହରେ ମହଜୁଦ ରଖିଥିବା ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ଏପରି ସମୟରେ ବଜାରରେ ଖାଇବା ତେଲର ଦର ମଧ୍ୟ ବୃଦ୍ଧି ପାଇଛି। ପ୍ୟାକେଟ ପିଛା ପ୍ରାୟ ୧୦ ରୁ ୧୨ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ପାଇଛି। ପାମୋଲିନ ତେଲ ପୂର୍ବରୁ ବକ୍ସ ( ୧୦ଟି ଏକ ଲିଟର ପାଉଚ ପାକେଟ )ପିଛା ୧୨୫୦ ଟଙ୍କା ଥିବାବେଳେ ବର୍ତ୍ତମାନ ତାହା ୧୩୬୦ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ସୂର୍ଯ୍ୟମୁଖୀ ତେଲ ପୂର୍ବରୁ ବକ୍ସ ପିଛା ୨୫୨୦ ଟଙ୍କା ଥିବାବେଳେ ବର୍ତ୍ତମାନ ତାହା ୨୬୫୦ ଟଙ୍କା ହୋଇଛି। ରାଇସ ବ୍ରାଣ୍ଡ ତେଲର ବକ୍ସ ପିଛା ମୂଲ୍ୟ ମଧ୍ୟ ପ୍ରାୟ ୧୦୦ ଟଙ୍କା ବୃଦ୍ଧି ଘଟିଛି। ଏହାସହ ୧୩ କେଜି ତେଲ ଟିଣର ମୂଲ୍ୟ ୨୪୮୦ ଟଙ୍କାରୁ ବୃଦ୍ଧି ପାଇ ୨୬୫୦ ଟଙ୍କାରେ ପହଞ୍ଚିଛି, ଯାହାକି ୧୭୦ ଟଙ୍କା ବୃଦ୍ଧି ଘଟିଛି। ଏନେଇ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ କଳାବଜାରୀ କରୁଥିବା ବ୍ୟବସାୟୀ ଓ ଗ୍ୟାସ ବିତରକ ଗୁଡିକ ଉପରେ ଚଢ଼ାଉ କରି କୃତିମ ଅଭାବ ସୃଷ୍ଟିକାରି ଓ କଳାବଜାରୀଙ୍କ ପ୍ରତି ବିଭାଗ ପକ୍ଷରୁ ଆବଶକୀୟ ପଦକ୍ଷେପ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଯୋଗାଣ ନିରୀକ୍ଷକ ମାନେ ତୁରନ୍ତ ଗ୍ୟାସ ବିତରକ ଡିପୋ ଗୁଡିକରେ ଚଢ଼ାଉ କରି ପ୍ରତେକ ଦିନର ଗ୍ୟାସ ଷ୍ଟକ ଓ ବିକ୍ରୟର ହିସାବ ନେବା ସହ କଳାବଜାରୀ ଓ ଅନିୟମିତତା କରୁଥିବା ଗ୍ୟାସ ବିତିରକ ଗୁଡିକ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରବା ପାଇଁ ସାଧାରଣରେ ଦାବୀ ହେଉଛି।

# ଯାଜପୁରରେ ସଂଗ୍ରାମ ପାତ୍ରଙ୍କ ନେତୃତ୍ୱରେ ବଦଳୁଛି ରାଜନୀତିର ସମୀକରଣ!

ଯାଜପୁର,୭।୪(ଆନିସ) : ଯାଜପୁର ନିର୍ବାଚନ ମଣ୍ଡଳୀରେ ରାଜନୀତିକ ପରିବେଶ ଦିନକୁ ଦିନ ଉତ୍ତପ୍ତ ହେଉଛି। ଦୀର୍ଘ ସମୟ ଧରି ବିଜେଡିର ଦୃଢ଼ ଦୁର୍ଗ ଭାବେ ପରିଚିତ ଏହି ଅଞ୍ଚଳରେ ଏବେ ନୂତନ ରାଜନୀତିକ ସ୍ୱର ସଂଗ୍ରାମ କେଶରୀ ପାତ୍ର। ଯୁବ ଓ ଆକ୍ରମଣାତ୍ମକ ଏହି ନେତାଙ୍କ ଉଦୟ ଯାଜପୁରର ରାଜନୀତିକ ଚିତ୍ରକୁ ନୂତନ ଦିଗକୁ ନେଉଛି।ସଂଗ୍ରାମଙ୍କ ରାଜନୀତିକ ଶୈଳୀ ସାଧାରଣ ନୁହେଁ। ସେ କୌଣସି ପରୋକ୍ଷ ରଣନୀତିରେ ବିଶ୍ୱାସ କରନ୍ତି ନାହିଁସିଧା ଆକ୍ରମଣ, ସିଧା ଚ୍ୟାଲେଞ୍ଜ ହିଁ ତାଙ୍କର ପରିଚୟ। ଯେଉଁଠି ବିଜେଡି ଦୀର୍ଘ ସମୟ ଧରି ନିଜ ପ୍ରଭାବ ସ୍ଥାପିତ କରିଆସିଛି, ସେଠି ପ୍ରବେଶ କରିବା ମାତ୍ରେ ଏକ ବଡ଼ ରାଜନୀତିକ ସାହସ। ବିଶେଷକରି, ଏହି ନିର୍ବାଚନ ମଣ୍ଡଳୀରୁ ବିଜେପିର ପୂର୍ବତନ ନେତାମାନେ ବାରମ୍ବାର ପରାଜୟର ସମ୍ମୁଖୀନ ହୋଇଥିବା ସମୟରେ, ସଂଗ୍ରାମଙ୍କ ଏହି ଅଗ୍ରସର ରଣନୀତି ଆଲୋଚନାର କେନ୍ଦ୍ରବିନ୍ଦୁ।ଗାଁରୁ ଗାଁ ଓ ବୁଥରୁ ବୁଥ ପର୍ଯ୍ୟନ୍ତ ସଂଗଠନକୁ ମଜବୁତ କରିବାରେ ସଂଗ୍ରାମଙ୍କ ଧ୍ୟାନ କେନ୍ଦ୍ରିତ। ସେ ଗ୍ରାସରୁଟ୍ ରାଜନୀତିକୁ ଗୁରୁତ୍ୱ ଦେଇ, ସ୍ଥାନୀୟ ସମସ୍ୟା, ଯୁବ ଭୋଟରଙ୍କ ଆକାଂକ୍ଷା ଓ ଦଳୀୟ ଏକତାକୁ ଆଧାର କରି ନିଜ ପାଦ ମଜବୁତ କରୁଛନ୍ତି। ଏହାର ପ୍ରଭାବରେ ବିଜେଡି ଶିବିରରେ ଅସ୍ୱସ୍ଥତା ବଢ଼ୁଥିବା କଥା ରାଜନୀତିକ ମଣ୍ଡଳୀରେ ଖୋଲାମେଲା ଭାବେ ଚର୍ଚ୍ଚିତ।

ଏହି ପରିସ୍ଥିତିରେ ଯାଜପୁରର ରାଜନୀତି ସିଧାସଳଖ ମୁକାବିଲାର ଦିଗକୁ ଯାଉଛିସଂଗ୍ରାମ ବନାମ ବବି। ବିଜେଡିର ପ୍ରଭାବଶାଳୀ ନେତୃତ୍ୱକୁ ସଂଗ୍ରାମ ସିଧାସଳଖ ଚ୍ୟାଲେଞ୍ଜ କରୁଛନ୍ତି। ତାଙ୍କର ରଣନୀତି କେବଳ ଆକ୍ରମଣାତ୍ମକ ଭାଷଣରେ ସୀମିତ ନୁହେଁ ସଂଗଠନ ଶକ୍ତି, ଜନସମ୍ପର୍କ ଓ ସ୍ଥାନୀୟ ନେତୃତ୍ୱ ଗଢ଼ିବାରେ ମଧ୍ୟ ସେ ଗୁରୁତ୍ୱ ଦେଉଛନ୍ତି।ଏକ ପକ୍ଷରେ ଦୀର୍ଘଦିନର ପ୍ରଭାବ ଓ ସଂଗଠନୀୟ ଶକ୍ତିରେ ସୁସଜ୍ଜିତ ବିଜେଡି, ଅନ୍ୟ ପକ୍ଷରେ ନୂତନ ଉତ୍ସାହ ଓ ଆକ୍ରମଣାତ୍ମକ ରଣନୀତି ସହ ବିଜେପି ଯାଜପୁରର ରାଜନୀତି ଏବେ ସ୍ପଷ୍ଟ ଭାବରେ ଦୁଇ ଶକ୍ତିର ସଂଘର୍ଷକୁ ଅନୁଭବ କରୁଛି।ଯେତେବେଳେ ଏକ ନୂତନ ଶକ୍ତି ପୁରୁଣା ସ୍ଥାପିତ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରେ, ସେଥିରୁ ରାଜନୀତିକ ପରିବର୍ତ୍ତନର ସୂତ୍ରପାତ ହୁଏ। ଯାଜପୁରରେ ସେହି ପରିବର୍ତ୍ତନର ଇଙ୍ଗିତ ଏବେ ସ୍ପଷ୍ଟ।

## ଶେଷ ହେଲା ପ୍ରଶିକ୍ଷଣ

# ୧୬ରୁ ଘରକୁ ଘର ବୁଲିବେ ଜନଗଣନାକାରୀ

ନୟାଗଡ଼, ୭।୪ (ଆନିସ): ତିନିଦିନ ଧରି ଚାଲିଥିବା ଭାରତର ଜନଗଣନା–୨୦୨୭ କାର୍ଯ୍ୟକ୍ରମ ଅନ୍ତର୍ଗତ ନୟାଗଡ଼ ମୁନିସିପାଲିଟି ଅଞ୍ଚଳରେ ଗୃହ ତାଲିକା ଏବଂ ଗୃହ ଗଣନା ପାଇଁ ଉଦ୍ଦିଷ୍ଟ ପ୍ରଶିକ୍ଷଣ ଶିବିର ଆଜି ଉଦଯାପିତ ହୋଇଯାଇଛି। ମୁନିସିପାଲିଟି କାର୍ଯ୍ୟାଳୟ ସଭାଗୃହରେ



ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ୮୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିବା ବେଳେ ସେମାନେ ଚଳିତ ମାସ ୧୬ ତାରିଖରୁ ଘରକୁ ଘର ବୁଲି ଜନଗଣନା କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଗୃହ ଗଣନା ଏବଂ ଗୃହତାଲିକା ସହିତ ଏ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରିବେ। ଆଜି ଅନୁଷ୍ଠିତ ଏହି ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦାନ କରି ଜନଗଣନା କାର୍ଯ୍ୟର ମହତ୍ୱ ତଥା ଏହାଦ୍ୱାରା ସରକାର ଦେଶର ବିକାଶ ଓ ପ୍ରଶାସନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ହୋଇଥାଏ । ଏହା ଦ୍ୱାରା ସରକାରଙ୍କୁ ଯୋଜନା ପ୍ରଣୟନ,ନିର୍ବାଚନ ମଣ୍ଡଳୀର ପୁନଃନିର୍ଦ୍ଧାରଣ,ସାମାଜିକ ଓ ଆର୍ଥିକ ସ୍ଥିତିର ଆକଳନ,ସଂରକ୍ଷଣ ଓ ଅଧିକାର ସମ୍ପର୍କରେ ନୀତିଗତ ନିଷ୍ପତ୍ତି ନେବାରେ ସହାୟକ ହୋଇଥାଏ ବୋଲି ଡ. ସାହୁ ମତବ୍ୟକ୍ତ କରିଥିଲେ। ଏହା ସହିତ ପ୍ରଶିକ୍ଷାର୍ଥୀ ମାନଙ୍କୁ ବିଧାୟକ ଡ. ସାହୁ ଜନଗଣନା ସମ୍ପର୍କିତ କିଛି ପ୍ରଶ୍ନ ପଚାରିଥିଲେ। ମୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରିଣୀ ସ୍ନେହଲତା ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉଦଯାପନୀ ସଭାରେ ପ୍ରଶିକ୍ଷକ ସିଆରସିସି ପ୍ରଦୀପ୍ତ କୁମାର ପଣ୍ଡା ଏବଂ ବ୍ରଜକିଶୋର ମହାପାତ୍ର ଉପସ୍ଥିତ ଥିଲେ। ଗତ ତିନିଦିନ ଧରି ସୁରୁଖୁରୁରେ ଚାଲିଥିବା ପ୍ରଶିକ୍ଷଣ ଶିବିରକୁ ମୁନିସିପାଲିଟି ପକ୍ଷରୁ ବରିଷ୍ଠ କିରାଣୀ ଦିଗାମ୍ବର ପ୍ରଧାନ, ଶିଶିର କୁମାର ମହାପାତ୍ର ଏବଂ ଗଜେନ୍ଦ୍ର କୁମାର ମହାରଣା ପ୍ରମୁଖ ସହଯୋଗ କରିଥିଲେ ।

## ଉତ୍କଳ ଦିବସ ସମାରୋହ

# ବ୍ୟଙ୍ଗ କବି ରବୀନ୍ଦ୍ର ରାଉତଙ୍କୁ ଓଡ଼ିଆ ଗୌରବ ସମ୍ମାନ

ନୟାଗଡ, ୭/୪(ଆନିସ): ନୟାଗଡ଼ର ବ୍ୟାଙ୍ଗାକବିଙ୍କୁ ମଧ୍ୟପ୍ରଦେଶ ଇନ୍ଦୋର ଠାରେ ପ୍ରବାସୀ ଓଡ଼ିଆ ଅନୁଷ୍ଠାନ ଉତ୍କଳ ସାଂସ୍କୃତିକ ପରିଷଦ ଦ୍ୱାରା ଚତୁର୍ଥ ଉତ୍କଳ ଦିବସ ସମାରୋହ ୨୦୨୬ ଇନ୍ଦୋର ସ୍ଥିତ ମେଡିକ୍ୟାପ୍ସ ଇନ ଭ ର ର୍ସି ଟି ଅ ଡି ଟୋ ରି ୟ ମ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ପାଳିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବେ ରବୀନ୍ଦ୍ର କୁମାର ସ୍ୱାଇଁ, ମୁଖ୍ୟ ବକ୍ତାଭାବେ ଆନନ୍ଦ ଅଗ୍ରୱାଲ, ସମ୍ମାନିତ ଅତିଥିଭାବେ ଶ୍ରୀନିବାସ ମିଶ୍ର, ସୂର୍ଯ୍ୟକାନ୍ତ କେଲକର ଏବଂ ଅନୁଷ୍ଠାନର ସଭାପତି ଡ଼କ୍ଟର ଅଶୋକ ମହାନ୍ତି, ସମ୍ପାଦକ ଇଂ. ଶକ୍ତି ପ୍ରସାଦ ଷଡ଼ଙ୍ଗୀ, ବରିଷ୍ଠ ଉପଦେଷ୍ଟା ଡ଼କ୍ଟର ଦିଲ୍ଲୀପ ପଟ୍ଟନାୟକ, ବରିଷ୍ଠ ସମାଜସେବୀ ଡ଼କ୍ଟର ଜେ. ବି. ସାହୁ, ମୁଖ୍ୟ ସହଯୋଗୀ ଇଂ. ସନ୍ତୋଷ ମହାନ୍ତି ଏବଂ ଓଡ଼ିଶାର ସୁନାମ ଧନ୍ୟ ବ୍ୟଙ୍ଗ କବି ତଥା ହାସ୍ୟ ଅଭିନେତା ରବୀନ୍ଦ୍ର ରାଉତ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନକରି ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଡ଼କ୍ଟର ଅଶୋକ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସେ କିପରି ଇନ୍ଦୋର ଜଗନ୍ନାଥ ମନ୍ଦିରକୁ ସମସ୍ତଙ୍କ ସହଯୋଗରେ ଆଜକୁ ତିରିଶି ବର୍ଷ ପୂର୍ବେ ନିର୍ମାଣ କରିଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣ ପ୍ରମୁଖ ସହଯୋଗୀ ଯଥା ସ୍ୱର୍ଗତ ହରିଶ ତ୍ରିପାଠୀ, ଅବସରପ୍ରାପ୍ତ



ଆଇ.ପି. ଏସ.ଅଧିକାରୀ ଏବଂ ସ୍ୱର୍ଗତ ବିମଳ ଚନ୍ଦ୍ର ମେହେରଙ୍କ ଅବଦାନକୁ କେବେ ଭୁଲିବାର ନୁହେଁ। ଓଡ଼ିଶା ବାହାରେ ଆମେମାନେ ଦୀର୍ଘ ବର୍ଷ ଧରି ବସ ବାସ କରୁଥିଲେ ମଧ୍ୟ ଆମେ କେବେ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଭୁଲି ନାହୁଁ। ଓଡ଼ିଆ ଚଳଣି, ଓଡ଼ିଶାର ସମସ୍ତ ପର୍ବ ପର୍ବାଣୀକୁ ସମସ୍ତେ ମିଳିମିଶି ଧୁମ ଧାମରେ ପାଳନ କରିବା ସହିତ ଆଗାମୀ ପିଢ଼ି ଏହି ପରମ୍ପରାକୁ ବଜାୟୀ ରଖିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ଆମେ ଓଡ଼ିଆ – ଭାରି ବଢ଼ିଆ ନାରାରେ ପରିବେଶ ଉତ୍ସବ ମୁଖର ହୋଇଥିଲା। ଏହି ପର୍ବରେ ଇନ୍ଦୋର ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ପଣ୍ଡିତ ରାସ ବିହାରୀ ପଣ୍ଡା ଜଗନ୍ନାଥ ମହାପ୍ରଭୁଙ୍କ ଉଦେଶ୍ୟରେ ବୈଦିକ ମନ୍ତ୍ର ପାଠ କରିଥିଲେ।

ଏହି ଅବସରରେ ଓଡ଼ିଶାର ସୁନାମ ଧନ୍ୟ ବ୍ୟଙ୍ଗ କବି ତଥା ହାସ୍ୟ ଅଭିନେତା ରବୀନ୍ଦ୍ର ରାଉତଙ୍କୁ ସମ୍ମାନଜନକ ଓଡ଼ିଆ ଗୌରବ ସମ୍ମାନ ୨୦୨୬ ରେ ସମ୍ମାନିତ କରାଯାଇଥିଲା।ଇନ୍ଦୋରରେ ବସ ବାସ କରୁଥିବା ପ୍ରାୟ ଦେଢ଼ ହଜାରରୁ ଉର୍ଦ୍ଧ ପ୍ରବାସୀ ଓଡ଼ିଆ ଭାଇ ଭଉଣୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଓଡ଼ିଶୀ ନୃତ୍ୟ , ଦେଶାତ୍ମବୋଧକ ସଂଗୀତ, କଥକ ନୃତ୍ୟ, ଆଧୁନିକ ନୃତ୍ୟ, ନୂଆ, ପୁରୁଣା ଓଡ଼ିଆ ରୋମାଣ୍ଟିକ ଗୀତ ପରିବେଷଣରେ ଭାଗ ନେଇ ସମସ୍ତଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ । ବ୍ୟଙ୍ଗ କବି ତଥା ଅଭିନେତା ରବୀନ୍ଦ୍ର ରାଉତଙ୍କ ରାଜନୈତିକ ଓ ସାମାଜିକ ହାସ୍ୟ ବ୍ୟଙ୍ଗ ବାଣରେ ସମସ୍ତ ଦର୍ଶକ ହସି ହସି ବେଦମ ହୋଇଥିଲେ। କଣ୍ଠ ଶିଳ୍ପୀ ସ୍ୱର୍ଗତ ହ୍ୟୁମାନ ସାଗରଙ୍କୁ ଅନୁଷ୍ଠାନ ତରଫରୁ ସଂଗୀତ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶେଷରେ ଶ୍ରେଷ୍ଠ ଓଡ଼ିଆ ଦମ୍ପତିଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଓଡ଼ିଶାର ପାରମ୍ପରିକ ଖାଦ୍ୟ ସହ ପିଠା ଓ ମିଠାର ଭରପୁର ଆନନ୍ଦ ଉଠାଇଥିଲେ ସମସ୍ତେ। ନୟାଗଡ଼ ଛେନାପୋଡ଼ ଠାରୁ ବାରିପଦା ମୁଢ଼ି ପର୍ଯ୍ୟନ୍ତ ସମସ୍ତ ବ୍ୟଞ୍ଜନ ଏଥିରେ ସାମିଲ ହୋଇଥିଲା। ଅନ୍ୟ ରାଜ୍ୟର ପ୍ରବାସୀ ଓଡ଼ିଆ ଭାଇ ଭଉଣୀ ମାନେ ଏହି ଉତ୍ସବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଆହୁରି ସରସ ସୁନ୍ଦର କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରମୁଖ ସହଯୋଗୀ ମାନେ ହେଲେ ଅଭିଜିତ ମଲ୍ଲିକ, ସୁଶାନ୍ତ କୁମାର ଦାଶ, ଦୁର୍ଗା ଶାହାଣୀ, ନିର୍ମଳ ମହାନ୍ତି, ନରେନ୍ଦ୍ର ପରିଡ଼ା, ବାଲାଜୀ ଜେନା, ସ୍ୱାତୀ ବେହେରା, ସତୀଶ ବେହେରା, ଆଶୁତୋଷ ତ୍ରିପାଠୀ, ରଞ୍ଜନ ମହାରଣା ଏବଂ ସମସ୍ତ ପ୍ରବାସୀ ଓଡ଼ିଆ ସମାଜର ସଦସ୍ୟଗଣ ଏହାସହିତ ଏହି କାର୍ଯ୍ୟକ୍ରମର ଇଭେଣ୍ଟ ପାର୍ଟନର ଥିଲେ ମ୍ୟାଚ ବକ୍ସ ଓ ମେଡିକାପ୍ସ ୟୁନିଭରର୍ସିଟି । ଅନୁଷ୍ଠାନର ସମ୍ପାଦକ ଇଂ. ଶକ୍ତି ପ୍ରସାଦ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବୋଲେରୋ ସହିତ ଛେଳି ଛାଡ଼ି ଚୋର ଖସିଗଲେ

## ଚେର ବ୍ରହ୍ମପୁର ଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଲମ୍ବିଛି

ଓଡ଼ଗାଁ ୦୭/୦୪(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାଣ୍ଡପୁର ପଞ୍ଚାୟତ ନିହଲ ପ୍ରସାଦ ଏବଂ ଓସ୍ତିଆ ମାଳ




ଆଦିବାସୀ ଅଧ୍ୟୁଷିତ ୨ ଗାଁରୁ ରବିବାର ବିଳମ୍ବିତ ରାତିରେ ଚୋର ଦଳ ୮ ପଟ ଛେଳି ଚୋରି କରି ଗୋଟିଏ ବୋଲେରୋ ଗାଡ଼ିରେ ନେଉଥିବା ବେଳେ ସୂଚନା ପାଇ ଆଖ ପାଖ ଗାଁର ଗ୍ରାମବାସୀ ଗାଡ଼ିର ପିଛା କରିବା ସହିତ ବିଭିନ୍ନ ସ୍ଥାନରେ ଛକି ବସିଲେ। ଜଙ୍ଗଲ ରାସ୍ତାରେ ଚାଳକ ନିୟନ୍ତ୍ରଣ ହରାଇବାରୁ ବୋଲେରୋଟି ଜଙ୍ଗଲ ଆଡ଼କୁ ପଶିଗଲା। ସେଠାରେ ଗାଡ଼ି ରଖି ଚୋର ଦଳ ରାତିରେ ଜଙ୍ଗଲରେ ପଶିଯାଇଥିଲେ। ଗ୍ରାମବାସୀ ଗାଡ଼ି ନିକଟରେ ପହଞ୍ଚି ଛେଳି ମାନଙ୍କୁ ଆଣିବା ବେଳେ ସେଥିରୁ ୨ ଛେଳି ନଥିଲେ।

ଓଡ଼ଗାଁ ପୋଲିସ ଖବର ପାଇ ଘଟଣାସ୍ଥଳରୁ ଗାଡ଼ି ସହିତ ଛେଳି ମାନଙ୍କୁ ଥାନାକୁ ଆଣି ଆବଶ୍ୟକ ପ୍ରକ୍ରିୟା ପରେ ଛେଳି ଗୁଡ଼ିକୁ ଚୋରି ହୋଇଥିବା ଲୋକଙ୍କୁ ଦେଇ ଦେଇଥିଲେ। ଅନ୍ୟ ପକ୍ଷରେ ଗାଡ଼ି ବିଷୟରେ ଖବର ନେବାବେଳେ ଗାଡ଼ିଟି ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ହିଞ୍ଜିଳିକାଟୁ ପୌରାଞ୍ଚଳରୁ ଗତ ୧ ମାସ ପୂର୍ବେ ଚୋରି ହୋଇଥିବା ଜଣାଯାଇଥିଲା।ଚୋର ଦଳ ଗାଡ଼ି ଚୋରି କରି ସେଥିରେ ଛେଳି ଚୋରି କରୁଥିଲେ। ଛେଳି ଚୋରକୁ ଧରିବାକୁ ଯାଇ ଚୋରି ଗାଡି ମିଳିବାରୁ ଛେଳି ଚୋରମାନଙ୍କ ଚେର ବ୍ରହ୍ମପୁର ଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ବ୍ୟାପିଥିବା ଅନୁମାନ କରାଯାଉଛି।

## ଆରକ୍ଷୀ ଅଧିକ୍ଷକଙ୍କ ସାମ୍ବାଦିକ ସମିଳନୀ

# ବିକାଶ ହତ୍ୟାକାଣ୍ଡ ଘଟଣାରେ, ୬ ଗିରଫ

ନୟାଗଡ, ୭/୪(ଆନିସ): ନୟାଗଡ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ସୁର୍କାବାଡ଼ି ପଞ୍ଚାୟତ ସିନ୍ଧୁରିଆ ଗ୍ରାମରେ ଗତ ଜାନୁଆରି ୨୬ ତାରିଖରେ କାସନ୍ଦା ପଂଚାୟତ ବରପଲ୍ଲୀ ଗ୍ରାମର ଭୀମସେନ ପ୍ରଧାନଙ୍କ ସାନ ପୁଅ ବିକାଶ ପ୍ରଧାନ (୨୨)ଙ୍କୁ ହତ୍ୟା କରାଯାଇଥିଲା ଏହି ହତ୍ୟା କାଣ୍ଡର ରହସ୍ୟ ପୁଲିସ ଉନ୍ମୋଚନ କରିବା ସହ ସମ୍ପୃକ୍ତ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଅଦାଲତ ଚାଲାଣ କରିବା ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ ଏକ ସାମ୍ବାଦିକ ସମ୍ମିଳନୀରେ



ସୂଚନା ଦେଇଛନ୍ତି । ଏ ନେଇ ମୃତକଙ୍କ ମଝିଆଁ ଭାଇ ମାନସ ପ୍ରଧାନ ହତ୍ୟାକାଣ୍ଡ ସମ୍ପର୍କରେ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ପୁଲିସ ଘଟଣାର ତଦନ୍ତ କରି ରଣପୁର ଥାନା ସିନ୍ଧୁରିଆ ଗ୍ରାମର ବ୍ରଜବନ୍ଧୁ ପ୍ରଧାନ (୫୫)ମାନସ ପ୍ରଧାନ (୨୩), ସୁଶାନ୍ତ ପ୍ରଧାନ (୨୫), ମନୋଜ କୁମାର ପ୍ରଧାନ (୨୦), ଓ ନରତ୍ତମ ପ୍ରଧାନ (୪୮)ଙ୍କୁ ଗିରଫ କରିଛି । ପ୍ରକାଶ ଥାଉକି ମୃତକ ଜଣଙ୍କ ସିନ୍ଧୁରିଆ ଗ୍ରାମର ବ୍ରଜପ୍ରଧାନଙ୍କ ମଝିଆଁ ଭାଇର ଝିଅ ସହିତ ବହୁ ଦିନ ହେବ ପ୍ରେମ ସମ୍ପର୍କ ଥିଲା ସେମାନେ ପ୍ରାୟ ସମୟରେ ସେହି ଗ୍ରାମର ନିକଟବର୍ତ୍ତୀ ଅଞ୍ଚଳରେ ଭେଟା ଭେଟି ହେଉଥିଲେ ବଡ ବାପା ବ୍ରଜ ଏହାକୁ ସହ୍ୟ କରି ପାରୁନଥିଲେ ଗତ ଜାନୁୟାରୀ ୨୬ତାରିଖରେ ନିକଟସ୍ଥ କୋଦାଳପଲ୍ଲୀ ଗ୍ରାମରେ ଏକ ବିବାହ ଉତ୍ସବକୁ ମୃତ ବିକାଶ ଯୋଗଦେବାକୁ ଆସିଥିଲେ ପୂର୍ବ ଯୋଜନା ଅନୁଯାୟୀ ବିକାଶ ପ୍ରେମିକାକୁ ଦେଖାକରିବାକୁ ଯାଇଥିଲେ ଫେରିବା ବାଟରେ ବ୍ରଜ ବନ୍ଧୁଙ୍କ ସମେତ ଅନ୍ୟ ମାନେ ବିକାଶଙ୍କ ସହ ଯୁକ୍ତି ତର୍କ ହୋଇଥିଲେ ସେହି ସମୟରେ ଏକ ଲାଠି ସାହାଯ୍ୟରେ ପ୍ରହାର ମଧ୍ୟ କରିଥିଲେ ଘଟଣା ସ୍ଥଳରେ ବିକାଶ ଟଳିପଡିଥିଲା ଏବଂ ପ୍ରାଣବାୟୁ ଚାଲିଯାଇଥିଲା ଏହା ପରେ ଶବକୁ ନିକଟସ୍ଥ ନାଳରେ ଫୋପାଡ଼ି ଦେଇଥିଲେ ପୁଲିସ ଘଟଣାର ଅନୁସନ୍ଧାନ କରି ବହୁ ବିଳମ୍ବରେ ଘଟଣାର ପର୍ଦାଫାଶ କରିଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ ପି ସୁବାସ ପଣ୍ଡା, ଏସପି ଏସ ସୁଶ୍ରୀ, ଡି ଏସ ପି ନିହାର ରଞ୍ଜନ ମହାନ୍ତି, ରଣପୁର ଥାନା ଅଧିକାରୀ ଆଶିଷ ଦେବ ସାହୁ ଉପସ୍ଥିତ ଥିଲେ ।

# ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିବସରେ ସ୍ୱଚ୍ଛତା ଅଭିଯାନ

ଯାଜପୁର, ୦୭। ୪ (ଆନିସ) : ଓଡ଼ିଶା ଦିବସ ଠାରୁ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ସାରା ରାଜ୍ୟରେ



ଉତ୍ସାହ ଓ ଉଦ୍ଦୀପନା ର ସହିତ ପାଳନ ହେଉଛି ଓଡ଼ିଆ ପକ୍ଷ। ଏହି ଓଡ଼ିଆ ପକ୍ଷ କୁ ଆଧାର କରି ଷଷ୍ଠ ଦିବସ ତଥା ତା–୦୬–୦୪–୨୦୨୬– ରିଖ ଯାଜପୁର ଜିଲ୍ଲାସ୍ତରୀୟ ଦେବାଳୟ ଓ ଐତିହ ସ୍ଥଳୀ ଗୁଡ଼ିକର ସାମୂହିକ ସ୍ୱଚ୍ଛତା ଅଭିଯାନ,ପୁରାଣ ପ୍ରସିଦ୍ଧ ଦଶାଶ୍ୱମେଧ ଘାଟ ଓ ଜଗନ୍ନାଥ ମନ୍ଦିର ପରିସରରେ ସକାଳ ୬:୩୦ ଘଟିକା ସମୟରେ ଏହି କାର୍ଯ୍ୟକ୍ରମ ଯାଜପୁର ପୌରପାଳିକା ଓ ଜିଲ୍ଲା ପ୍ରଶାସନ, ଯାଜପୁର ଆନୁକୁଲ୍ୟ ରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ଶ୍ରୀ ସନ୍ତୋଷ କୁମାର ମଲ୍ଲିକ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଙ୍କ ଉପସ୍ଥିତିରେ ସ୍ଥାନୀୟ ଜନସାଧାରଣ ମାନଙ୍କୁ ନେଇ ଏହି ଐତିହ୍ୟ ସ୍ଥଳୀ ଗୁଡିକରେ ସାମୂହିକ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା।ଓଡ଼ିଆ ଜାତୀୟତା ଏବଂ ଓଡ଼ିଆ ପରମ୍ପରା ବଜାୟ ରଖିବାରେ ଏହି ଐତିହ୍ୟ ସ୍ଥଳୀ ଗୁଡ଼ିକର ଭୂମିକା ଅତୁଳନୀୟ ବୋଲି ଏକ ବାର୍ତ୍ତା ସାଧାରଣ ନାଗରିକ ମାନଙ୍କୁ ଦିଆଯାଇଥିଲା। ଏହି କ୍ରମରେ ଜିଲ୍ଲାବ୍ୟାପୀ ବିଭିନ୍ନ ମନ୍ଦିର ଏବଂ ଧାର୍ମିକ ପୀଠ ଗୁଡ଼ିକରେ ସ୍ଥାନୀୟ ଜନସାଧାରଣ ଏବଂ ଜନପ୍ରତିନିଧି ମାନଙ୍କୁ ନେଇ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା, ବିଭିନ୍ନ ବ୍ଲକ ଅଂଚଳରେ ଥିବା ଦେବା ଦେବୀ ପୀଠ ସ୍ଥଳରେ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି।

## ଖପ୍ରାଖୋଲରେ ପୃଥକ ଦୁର୍ଘଟଣା

# ତିନି ଘଣ୍ଟାରେ ଦୁଇ ଜୀବନ ଗଲା

ଖପ୍ରାଖୋଲ ୦୭।୦୪ (ଆନିସ) : ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଅଞ୍ଚଳରେ ରାତି ଆଠଟା ସମୟରେ ପୁଣି ଏକ ଦୁଃଖଦ ଘଟଣା ଘଟି, ବାଇକ ଦୁର୍ଘଟଣାରେ ଆଉ ଗୋଟିଏ ଯୁବ ଜୀବନ ନିଶ୍ୱାସ ହରାଇଛି । ଖପ୍ରାଖୋଲ ପଞ୍ଚାୟତର ୨ ନମ୍ବର ୱାର୍ଡ କୋଲପଡାର ଲେପା ମାଝୀଙ୍କ ଏକମାତ୍ର ପୁଅ ସୁରେନ୍ଦ୍ର ମାଝୀ(୧୯) କୋଲପଡା ରୁ ଭାଲୁଡୁଙ୍ଗୁରି ଯାଉଥିବା ବେଳେ ବାଇକର ଭାରସାମ୍ୟ ହରାଇ ଗଛରେ ଧକ୍କା ଲାଗିଥିଲା । ତାଙ୍କ ସହ ଥିବା ପ୍ରେମାନନ୍ଦ ନାଏକ ଗୁରୁତର ଆହତ ହୋଇ ପାଟଣାଗଡ଼ ଡାକ୍ତରଖାନା କୁ ପଠାଯାଇଥିଲେ । ଖପ୍ରାଖୋଲ ଡାକ୍ତରଖାନାରେ ଡାକ୍ତର ସୁରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଖପ୍ରାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକକୁ ଜବତ କରି ଥାନାକୁ ନେଇଥିଲେ । ପରେ ଡାକ୍ତରଖାନାରେ ଶବକୁ ଜବତ କରି ତଦନ୍ତ ଆରମ୍ଭ କରାଯାଇଥିଲା । ଆଜି ସକାଳେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ଖପ୍ରାଖୋଲ ଥାନା କେସ ନଂ ୬୫/ ୨୦୨୬ ରେ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏହାର ପୂର୍ବରୁ ଗତକାଲି ରବିବାର ସନ୍ଧ୍ୟା ୫ଟା ସମୟରେ ଖପ୍ରାଖୋଲରେ ଆଉ ଗୋଟିଏ ଦୁର୍ଘଟଣାରେ ଜଣେ ବ୍ୟକ୍ତି ହାଇୱା ଗାଡ଼ିକୁ ପଛପଟୁ ଧକ୍କା ଦେଇ ମୃତ୍ୟୁବରଣ କରିଥିଲେ । ମାତ୍ର ତିନି ଘଣ୍ଟା ବ୍ୟବଧାନରେ ଦୁଇଟି ମୃତ୍ୟୁ ଘଟଣା ଅଞ୍ଚଳରେ ଭୟ ଓ ଶୋକର ପରିବେଶ ସୃଷ୍ଟି କରିଛି । ଏହି ପରିସ୍ଥିତିରେ ସଚେତନତା ଓ ସତର୍କତା ଅତ୍ୟାବଶ୍ୟକ ବୋଲି ପୋଲିସ ଲୋକଙ୍କୁ ଅନୁରୋଧ କରିଛନ୍ତି ।

# ସଡ଼କ ଦୁର୍ଘଟଣା: ୩ ଜଣ ମୃତ ୨ ଜଣ ଆହାତ

## ବିପର୍ଯ୍ୟସ୍ତ ଆମ୍ବୁଲାନ୍ସ ସେବା: ପୋଲିସ ଗାଡ଼ି ଓ ବାଇକ୍ ସାଜିଲା ସାହାଭରସା

ଥୁଆମୂଳ ରାମପୁର, ୭।୪ (ଆନିସ): ସୋମବାର ଦୁଇଟି ପୃଥକ୍ ପୃଥକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ମୃତ ୨ ଆହତ। ଜଣାପଡିଛି। ଏହି ଦୁର୍ଘଟଣା ଘଟିବା ପରେ ଠିକ୍ ସମୟରେ ଆମ୍ବୁଲାନ୍ସ ସେବା ନ ମିଳିବା ଯୋଗୁଁ ଶେଷରେ ପୋଲିସ ଗାଡ଼ି ଓ ସାଧାରଣ ଲୋକଙ୍କ ବାଇକ୍ ଯୋଗେ ଆହତଙ୍କୁ ଡାକ୍ତରଖାନାକୁ ନିଆ ଯାଇଥିବା ଭଳି ଘଟଣା ଦେଖିବାକୁ ମିଳିଥିଲା। ଘଟଣାଟି ହେଉଛି କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ଥାନା ଅନ୍ତର୍ଗତ ଇନ୍ଦ୍ରାବତୀ ବ୍ରିଜ୍ ନିକଟ ସିନାତୋଟା ପାଖରେ ଦୁର୍ଘଟଣା ଘଟିଥିଲା। ଏଥିରେ ସାନ ଦେରଲା ଗ୍ରାମର ରୁଦ୍ର ନାଏକ (୧୯) ଓ ବାଲେଶ୍ୱର ନାଏକ (୨୦, ପିତା– ସୀତାରାମ ନାଏକ) ଏବଂ ବଡ଼ ଦେରଲା ଗ୍ରାମର ଖଗେଶ୍ୱର ମାଝୀ (୩୪) ଦୁଇଟି ବାଇକ୍ ଯୋଗେ କୁମ୍ଭାରକାନି ପେଟ୍ରୋଲ ପମ୍ପରୁ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଡୁମେରପଦର ପଟୁ ଆସୁଥିବା ଏକ ଟ୍ରାକ୍ଟର ସହ ବାଇକ୍ ଦ୍ୱୟର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ରୁଦ୍ର ଓ ଖଗେଶ୍ୱରଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ ହେଲେ ଗୁରୁତର ବାଲେଶ୍ୱର ନାଏକଙ୍କ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ନ ମିଳିବାରୁ **ଥାନା ଅଧିକାରୀ କୈବଲ୍ୟ ସେଠ୍** ମାନବିକତା ଦେଖାଇ ନିଜ ସରକାରୀ ଗାଡ଼ିରେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବାଲେଶ୍ୱର ନାଏକ ଦହାବସ୍ଥା ଅଧିକ ଗୁରୁତର ହେବାରୁ ଡାକ୍ତର ଶକ୍ତି ସାଗର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତର କରିଥିଲେ ହେଲେ ବାଟରେ ହିଁ ବାଲେଶ୍ୱର ନାଏକଙ୍କ ପ୍ରାଣବାୟୁ ଉଡିଯାଇଥିବା ଜଣାପଡିଛି। ତେବେ ମୁଖ୍ୟ ଡାକ୍ତରଖାନାରେ ଶବ ବ୍ୟବଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିବା ବ୍ୟବସ୍ଥା ରହିଥିବା ଜଣାପଡିଛି।

ସେହିଭଳି କଳାହାଣ୍ଡି – ରାୟଗଡ଼ା ସୀମାନ୍ତ କୋଚବାଇ ବାଇପାସ୍ ନିକଟରେ ଦୁଇ ମଟରସାଇକେଲ ମୁହାଁମୁହିଁ ଧକ୍କା ହେବାଫଳରେ କାଶୀପୁର ଥାନା ବଡ଼ ଚେକ୍କା ଗ୍ରାମର ତ୍ରିନାଥ ନାୟକ (୪୫) ଓ କୁମରମଣି ନାଏକ (୨୭) ଡୁମେରପଦରରେ ଏକ ଦଶାହ ଭୋଜି ସାରି ** ** ବାଇକ୍ ଯୋଗେ ନିଜ ଗାଁକୁ ଫେରୁଥିବା ସମୟରେ ଶଙ୍କୁଳ ମାଝୀ (୨୬, ପିତା– ଧମର ସିଂ ମାଝୀ) ଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଏଥିରେ କୁମରମଣିଙ୍କ ମୃତ୍ୟୁ ହୋଇଥିବା ବେଳେ ଆମ୍ବୁଲାନ୍ସ ନ ପହଞ୍ଚିବାରୁ ତ୍ରିନାଥ ଓ ସଙ୍କୁଳଙ୍କୁ ଏକ ବାଇକ୍ ଯୋଗେ ଥୁଆମୁଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା। ଶଙ୍କୁଳଙ୍କ ଦେହାବସ୍ଥା ଗୁରୁତର ହେବାରୁ ତାଙ୍କୁ ମଧ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା

ଥାନା ଅଧିକାରୀ କୈବଲ୍ୟ ସେଠ୍ ସହକର୍ମୀଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ, କିନ୍ତୁ ଶବକୁ ରାସ୍ତାରେ ରଖି କ୍ଷତିଗ୍ରସ୍ତ ପରିବାରଙ୍କ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଅଡିବସିଥିବା ଯୋଗୁଁ ତା ୦୬/୦୪/୨୦୨୬ ରିଖ ଦିନ ଘଟଣା ସ୍ଥଳରେ ହିଁ ଶବ ପଡିରହିଥିଲା। ପରବର୍ତ୍ତୀ ସମୟରେ ବୁଝାମଣା ହେବାରୁ ଆଜି ଯଥା ତା ୦୭/୦୪/୨୦୨୬ କାଲି ଶବ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଦିଆଗଲା ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ଥୁଆମୁଳ ରାମପୁର ଥାନା କେସ ନମ୍ବର ୪୯ ତା ୦୭/୦୪/୨୦୨୬ ୟୁ/ଏସ ୨୮୧/୧୦୬() ବିଏନଏସ ରେ ମାମଲା ରଜ୍ଜୁ ହୋଇଥିବା ବେଳେ ଏହି ମାମଲାର ତଦନ୍ତ ଭାର ଏସଆଇ ବି, ଖୋସ୍ଲା ନେଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଥିବା ଜଣାପଡିଛି। ଏଠାରେ ପ୍ରକାଶ ଥାଉ କି ଯେ ଅନ୍ୟ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଓ ଆହତ ବ୍ୟକ୍ତି ମାନେ ହେଉଛନ୍ତି କାଶିପୁର ଥାନା ଅଞ୍ଚଳ ବଡ ଚେକ୍କା ଗ୍ରାମର ବୋଲି ଜଣାପଡିଛି, ଏହି ମାମଲା କାଶିପୁର ଥାନା ଅଧିନରେ ଥିବା ଯୋଗୁଁ ଖବର ଲେଖିବା ପୂର୍ବରୁ ଏନେଇ କୌଣସି ସୂଚନା ହସ୍ତଗତ ହୋଇନାହିଁ।

# ଭାରତ ସରକାର ଏବଂ ଓଡିଶା ସରକାରଙ୍କ ସାହାରା ପରିବାର ପରାମର୍ଶ କେନ୍ଦ୍ରର ଜରୁରୀ ବୈଠକ



ଗୁଣପୁର, ୭।୪ (ଆନିସ): ଆଜି ଗୁଣୁପୁର ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସର ରେ ଭାରତ ସରକାର ଙ୍କ ମହିଳା ଏବଂ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଓଡିଶା ସରକାର ଙ୍କ ରାଜ୍ୟ ସମାଜ କଲ୍ୟାଣ ବୋର୍ଡ଼ ଦ୍ୱାରା ପରିଚାଳିତ ସାହାରା ପରିବାର ପରାମର୍ଶ କେନ୍ଦ୍ର ର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକ ରେ ଗୁଣୁପୁର ଉପଜିଲ୍ଲାପାଳ ତଥା ଅଧକ୍ଷ୍ୟ ଦୁଧାଳ ଅଭିଷେକ ଦିଲୀପ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓ ଏସ ଡି ପି ଓ ବାବୁଲି ନାୟକ ଡେପୁଟି କଲେକ୍ଟର ଶୁଭ୍ରାନ୍ତ ରାଉତ ଗୋଷ୍ଟି ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର ପୌର ପରିଷଦ ଅଧିକାରୀ ଗୁଣୁପୁର ସୁଶାନ୍ତ ନାୟକ ଗୁଡ଼ାର ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ ପାଢ଼ୀ ଉପଖଣ୍ଡ ମେଡିକାଲ ଅଧିକାରୀ ଡାକ୍ତର ଶ୍ରୀକାନ୍ତ ଜେନା ଉପଖଣ୍ଡ ସୂଚନା ଅଧିକାରୀ ଧନୁଞ୍ଜୟ ବେହେରା ଉପଖଣ୍ଡ ସାମାଜିକ ଅଧିକାରୀ ରଂଜିତା ବେହେରା ବରିଷ୍ଠ ଓକିଲ ପ୍ରଶାନ୍ତ ପଟନାୟକ ଲକ୍ଷ୍ମୀ ମହାକ୍କୁଡ ବାଳନିକେତନ ର ଅଜିତ ନାୟକ ଶିଶୁ ଅଧିକାରୀ ସୁଷମା ପ୍ରସାଦ ଥାନା ଅଧିକାରୀ ହେମଲତା ଶବର ପିଙ୍କି ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

ବୈଠକ ରେ ସାହାରା ପରିବାର ପରାମର୍ଶ କେନ୍ଦ୍ରର ସମସ୍ତ ବିଷୟକୁ ସମୀକ୍ଷା କରିଥିଲ ଉପଜିଲ୍ଲାପାଳ ଅଭିଷେକ ଦିଲୀପ । ଏହି ବୈଠକ ରେ ନୂତନ ସାହାରା ପରିବାର ପରାମର୍ଶ କେନ୍ଦ୍ର ର ପାଚେରୀ ସହ ମୁଖ୍ୟ ଗେଟ ଉପରେ ଆଲୋଚନା କରାଯିବ ସହ ଉପଜିଲ୍ଲାପାଳ ଦୁଧାଳ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓ ଙ୍କୁ ଏ ବାବଦରେ ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ର ଯୁଗ୍ମ ସଚିବ ଙ୍କ ସହ ଆଲୋଚନା କରି ଏ ଦିଗ ରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ସାହାରା ପରିବାର ପରାମର୍ଶ କେନ୍ଦ୍ର ର ସଚିବ ପ୍ରମୋଦ କୁମାର ସାହୁ ପରିଚାଳନା କରିଥିବା ବେଳେ ବରିଷ୍ଠ କାଉନସିଲର ଜୟଶ୍ରୀ ମହାପାତ୍ର ଧନ୍ୟବାଦ ଦେଇ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ବିଭାଗ ର ଅନନ୍ତ ପାତ୍ର ରାମ ନାୟକ ସହଯୋଗ କରିଥିଲେ।

# ମାଲକାନଗିରି ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

## କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



ମାଲକାନଗିରି,୭।୪ (ଆନିସ): ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ଅଧିକ ଗତିଶୀଳ କରିବା ପାଇଁ ଆଜି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ ଏବଂ ପ୍ରଗତି ଅଧୀନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରେ ବିଶେଷ କରି ଜିଲ୍ଲାର ଗମନାଗମନ, ଶିଳ୍ପ ଓ ଜଳସେଚନ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଥିଲା। ରେଳ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଏବଂ ଏହାକୁ ଶୀଘ୍ର ଶେଷ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ସେହିପରି ମାଲକାନଗିରିରେ ଶିଳ୍ପାୟନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ପ୍ରସ୍ତାବିତ ସିମେଣ୍ଟ କାରଖାନାର ସ୍ଥିତି ଏବଂ ନିର୍ମାଣାଧୀନ ହାଇ-ଲେଭଲ୍ ବ୍ରିଜ୍?ଗୁଡ଼ିକର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହା ବ୍ୟତୀତ, ଗୋବିନ୍ଦପାଲି ସମନ୍ୱିତ ଜଳସେଚନ ପ୍ରକଳ୍ପ, ଜିଲ୍ଲାରେ ମୋବାଇଲ୍ ନେଟୱାର୍କର ସମ୍ପ୍ରସାରଣ ଏବଂ ରାସ୍ତା ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ପ୍ରକଳ୍ପ ପାଇଁ ଏକ ସ୍ୱତନ୍ତ୍ର ଡେଡଲାଇନ୍ ବା ତାରିଖ ଧାର୍ଯ୍ୟ କରାଯାଇଛି। ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ହିଁ କାର୍ଯ୍ୟଗୁଡ଼ିକ ସଠିକ୍ ଭାବେ ସମାପ୍ତ ହୋଇପାରିବ ବୋଲି ସେ ଅଧିକାରୀମାନଙ୍କୁ କହିଛନ୍ତି।ଏହି ସମୀକ୍ଷା ବୈଠକରେ ମାଲକାନଗିରି ବନଖଣ୍ଡ ଅଧିକାରୀ ସାଇ କିରଣ ଡି ଏନ୍, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ବିଭିନ୍ନ ସମ୍ପୃକ୍ତ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର ରିପୋର୍ଟ ପ୍ରଦାନ କରିଥିଲେ।

# ଯାଦବ ମହାସଭା ଅଭ୍ୟର୍ଥନା କମିଟିର ବୈଠକ



ନର୍ଲା,୭।୪( ଆନିସ): ମାଣ୍ଡେଲ ସ୍ଥିତ ଯାଦବ ଭବନଠାରେ ୯ ମ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡଙ୍କ ଅଧକ୍ଷତାରେ ଏ ନେଇ ଆୟୋଜିତ ବୈଠକରେ ଗତ ମାର୍ଚ୍ଚ ୨୮ ଓ ୨୯ ତାରିଖରେ ଅନୁଷ୍ଠିତ ୯ ମ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସମ୍ବନ୍ଧୀୟ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ଅଭ୍ୟର୍ଥନା କମିଟି ସାଧାରଣ ସମ୍ପାଦକ ତଥା କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ନବ ନିର୍ବାଚିତ ସାଧାରଣ ସମ୍ପାଦକ ତ୍ରିପୁରା ନାୟକ ଗତ ମହାସଭାର ଆୟ ବ୍ୟୟ ଉପସ୍ଥାପନା କରିଥିଲେ। ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ସଭାରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ନବନିର୍ବାଚିତ ସଭାପତି ନୃପରାଜ ଯାଦବ, ଜିଲ୍ଲା ଅଭ୍ୟର୍ଥନା କମିଟି କୋଷାଧକ୍ଷ ରଘୁବୀର ନାଗ, କାର୍ଯ୍ୟକାରୀ କୋଷାଧକ୍ଷ ଗିରିଧାରୀ ଗଉଡ, ଜିଲ୍ଲା ଉପସଭାପତି ଯୁଧିଷ୍ଠିର ଗଉଡ, ଜଗଦୀଶ ଯାଦବ, କମଲ ବାଗ ଓ ଅଲେଖ ଚନ୍ଦ୍ର ଗୋପାଳ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗଉଡ, କୋଷାଧକ୍ଷ ଅର୍ଜୁନ ଭାଟି, ୮ ମ ଯାଦବ ମହାସଭାର ଜିଲ୍ଲା ଯୁବ ଉପସଭାପତି ସୁନୀଲ ଧଙ୍ଗଡାମାଝୀ, ବରିଷ୍ଠ ଯାଦବ ନେତୃତ୍ୱ ପଙ୍କଜ ଗଉଡ, ଦୁଲ୍ଲଭ ମାହାର, ଲିଙ୍ଗରାଜ କରୁଆଁ, ମାର୍କଣ୍ଡ ଜାଲ, ଯୁବ ନେତୃତ୍ୱ ଡିଲେଶ କୁମାର ନାଗ, ପିତବାସ ବେହେରାଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକ, ମ୍ୟୁନିସିପାଲଟି, ଏନଏସି ସଭାପତି, କର୍ମକର୍ତ୍ତା ଓ ବିଶିଷ୍ଟ ଯାଦବ ନେତୃବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନନ୍ଦପୁରରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ଜୟପୁର,୭।୪ (ଆନିସ): କୋରାପୁଟ ଜିଲ୍ଲାର ନନ୍ଦପୁର ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଙ୍କ ଅଧକ୍ଷତାରେ ବ୍ଲକ ସଭାଗୃହରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ୍, ଉପ ଜିଲ୍ଲାପାଳ (ଆପାତକାଳୀନ) ସୌରଞ୍ଜିତା ମାଝୀ, କୋରାପୁଟ ଏସପି ରୋହିତ ବର୍ମା, ସହାୟକ ଶିକ୍ଷା ଅଧିକାରୀ ଗଣେଶ୍ୱର କନ୍ଦର, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଶିବ ସାଇ ସ୍ୱରୂପ, ନନ୍ଦପୁର ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ବ୍ଲକ ଅଧକ୍ଷା ସାବିତ୍ରୀ କର୍ତ୍ତୁଲ, ବିଡିଓ ଦୁର୍ଗା ପ୍ରସାଦ ଦୋରା ଓ ତହସିଲଦାର ଦେବବ୍ରତ ମହାରଣା ସହ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ ୩୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୫ଟି ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୨୫ଟି ସାମୂହିକ ଅଭିଯୋଗ ଥିଲା। ଅଭିଯୋଗଗୁଡ଼ିକୁ ଗୁରୁତ୍ୱ ସହକାରେ ଶୁଣିବା ପରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

# ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଅତିରିକ୍ତ ଏସପି ସୀମା ସ୍ୱାଇଁ



ଆସିକା,୭।୪ (ଆନିସ):ଗଞ୍ଜାମ ପୋଲିସରେ କାର୍ଯ୍ୟରତ ଅବସ୍ଥାରେ ସହୀଦ ହୋଇଥିବା ସହୀଦ ସୁଶାନ୍ତ କୁମାର ଗୌଡ଼ଙ୍କ ବାସଭବନରେ ପହଂଚି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଗଞ୍ଜାମ ଅତିରିକ୍ତ ଏସପି ସୀମା ସ୍ୱାଇଁ ଏବଂ ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନ। ଗଞ୍ଜାମ ପୋଲିସରେ କନେଷ୍ଟବଳ ଭାବେ ଦକ୍ଷତାର ସହିତ କାର୍ଯ୍ୟ କରି ବେଶ ସୁନାମ ଅର୍ଜନ କରିଥିଲେ ସହୀଦ ସୁଶାନ୍ତ କୁମାର ଗୌଡ଼।ଅତିରିକ୍ତ ଏସପି ସୀମା ସ୍ୱାଇଁ ଶୋକ ସନ୍ତପ୍ତ ପରିବାରକୁ ମିଶି ସେମାନଙ୍କୁ ଆଶ୍ୱାସନା ଦେବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସୁଶାନ୍ତ ଜଣେ କର୍ତ୍ତବ୍ୟନିଷ୍ଠ କନେଷ୍ଟବଳ ଭାବେ କାର୍ଯ୍ୟ କରି ଓଡିଶା ପୋଲିସ ପାଇଁ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ବୋଲି କହିଛନ୍ତି ଅତିରିକ୍ତ ଏସପି ସୀମା ସ୍ୱାଇଁ। ସହୀଦ ସୁଶାନ୍ତ କୁମାର ଗୌଡ଼ଙ୍କ ଫୋଟରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ନୀରବ ପାର୍ଥନା କରିଥିଲେ ଗଞ୍ଜାମ ଅତିରିକ୍ତ ଏସି ଓ ଗାଙ୍ଗପୁର ଥାନାଧିକାରୀ ବନ ବିହାରୀ ପ୍ରଧାନ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

## ଦୁର୍ଘଟଣା ରୋକିବାକୁ ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ



ମାଲକାନଗିରି,୭।୪ (ଆନିସ): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧକ୍ଷତାରେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏପ୍ରିଲ ମାସର ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ସମ୍ପନ୍ନ ହୋଇଯାଇଛି। ଜିଲ୍ଲାରେ ବଢ଼ୁଥିବା ସଡ଼କ ଦୁର୍ଘଟଣାକୁ ରୋକିବା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲ୍ଲାପାଳ ମୁଖ୍ୟତଃ ପିଏମ ରାହତ ଯୋଜନା ଏବଂ ସୋଲାଟିୟମ ଫଣ୍ଡ ବିଷୟରେ ଜନସାଧାରଣଙ୍କୁ ବ୍ୟାପକ ଭାବେ ସଚେତନ କରିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଜିଲ୍ଲାର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଆମ୍ବୁଲାନ୍ସର ଉପଲବ୍ଧତା ସୁନିଶ୍ଚିତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାସ୍ତା ସୁଧାର ଉପରେ ଗୁରୁତ୍ୱ ଦେଇ ଜିଲ୍ଲାପାଳ ଜାତୀୟ ରାଜପଥ-୩୨୬ ରେ ଥିବା ସମସ୍ତ ଖାଲଖମା ପୂରଣ କରିବା ସହ ବିପଦଜନକ ବ୍ଲାକ୍ ସ୍ପଟ୍ ଗୁଡ଼ିକ ଚିହ୍ନଟ କରି ତୁରନ୍ତ ଆବଶ୍ୟକୀୟ ସଂସ୍କାର ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ହ୍ରାସ କରିବା ପାଇଁ ଗାଡ଼ି ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିବା ସହ ସଡ଼କ ସୁରକ୍ଷା ନିୟମ ପାଳନ ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି।ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଏସଡିପିଓ ଦିବ୍ୟଜ୍ୟୋତି ଦଳେଇ ଙ୍କ ସମେତ ସ୍ୱାସ୍ଥ୍ୟ, ଶିକ୍ଷା, ନରର ଉନ୍ନୟନ, ରାସ୍ତା ଓ କୋଠାବାଡ଼ି, ଜାତୀୟ ରାଜପଥ, ଗ୍ରାମ୍ୟ ଉନ୍ନୟନ ଓ ସମସ୍ତ ଘରୋଇ ବସ୍ ମାଲିକ ସଂଘ ର ସଭାପତି ଏବଂ ସମ୍ପାଦକ ଉପସ୍ଥିତ ରହି ସଡ଼କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ପରିବହନ ଅଧିକାରୀ ତୁଷାର ହେମ୍ବ୍ରମ ପରିଚାଳନା କରିଥିଲେ।

# ସାଲୁର ଘାଟିରେ ଟ୍ରକ ଦୁର୍ଘଟଣା, ଯାତାୟାତ ବାଧାପ୍ରାପ୍ତ

ଜୟପୁର,୭।୪ (ଆନିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଓଡିଶା ଆନ୍ଧ୍ର ସୀମାନ୍ତ ସାଲୁର ଘାଟିରେ ଟ୍ରକ ଦୁର୍ଘଟଣା ଯାତାୟାତ ରେ ସମସ୍ୟା ଦେଖା ଦେଇଛି। ଭୁବନେଶ୍ୱର ଓ ବିଶାଖାପାଟଣା ରୁ କୋରାପୁଟ ଆସୁଥିବା ଗାଡି ସେଇ ଭଳି କୋରାପୁଟ ରୁ ବିଶାଖାପାଟଣା କୁ ଯାଉଥିବା ଗାଡି ଗୁଡିକ ଉଭୟ ପାର୍ଶ୍ୱ ରେ ଅଟକି ରହିଛି। ଉଭୟ ପାର୍ଶ୍ୱ ରେ ନାଇଟ ବସ ଗୁଡିକ ଘଣ୍ଟା ଘଣ୍ଟା ଧରି ଅଟକି ରହିଥିବା ଯୋଗୁଁ ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧାର ଶମ୍ମୁଖିନ ହେଉଛନ୍ତି। ଖବର ପାଇଁ ଘଟଣା ସ୍ଥଳରେ ପୋଲିସ ପହଞ୍ଚି କ୍ରେନ ସାହାର୍ଯ୍ୟ ରେ ଟ୍ରକ ଟିକୁ ହରାଇବା ପାଇଁ ଚେଷ୍ଟା କରୁଛି। ଛୋଟ ଛୋଟ ଗାଡି ଗୁଡିକ ଯାତାୟାତ କରୁଥିବା ବେଳେ ବଡ଼ ଗାଡି ଗୁଡିକ ଯାତାୟାତ ରେ ସମସ୍ୟା ଦେଖା ଦେଇଛି।



# ଓଡିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନ



ଜୟପୁର,୭।୪ (ଆନିସ): ଓଡିଆ ପକ୍ଷ ପାଳନ ଅବସରରେ କୋରାପୁଟ ସହରରେ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି।କୋରାପୁଟ ଜଗନ୍ନାଥ ମନ୍ଦିର ଓ ମା ମୁତ୍ୟାଲୁମା ମନ୍ଦିର ଏବଂ ବିଭିନ୍ନ କାର୍ଯ୍ୟାଳୟରେ ସମୂହ ସଫେଇ କାର୍ଯ୍ୟ କରାଯାଇଛି।କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ , ଉପାଧକ୍ଷା ସବିତା ପଣ୍ଡା,କୋରାପୁଟ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରୀପାଠୀ, ଡେପୁଟି କଲେକ୍ଟର ସୌରଞ୍ଜିତା ମାଝୀ ,କାଉନସିଲର ଏବଂ ପୌର ପରିଷଦ କାର୍ଯ୍ୟାଳୟର କର୍ମଚାରୀ ମାନେ ଯୋଗଦେଇ ପରିବେଶକୁ ସଫା କରିଥିଲେ।ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ସହ ପରିବେଶ ସ୍ୱଚ୍ଛ ଓ ସୁନ୍ଦର କରିବା ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନର ଲକ୍ଷ୍ୟ ଅଟେ ବୋଲି ଜଣାପଡ଼ିଛି।

# ବଣ୍ଡାବାକୁଲି ବନ୍ଧଠାରେ ବାଳିକାମାନଙ୍କୁ ସନ୍ତରଣ ଓ ଜୀବନ ରକ୍ଷା କୌଶଳ ପ୍ରଶିକ୍ଷଣ

## ଉଦ୍‌ଘାଟନ କଲେ ଜିଲ୍ଲାପାଳ



ମାଲକାନଗିରି,୭।୪ (ଆନିସ): ବାଳିକାମାନଙ୍କୁ ଆତ୍ମନିର୍ଭରଶୀଳ ଓ ସାହସୀ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ବଣ୍ଡାବାକୁଲି ବନ୍ଧଠାରେ ବାଳିକାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସନ୍ତରଣ ଓ ସ୍ୱୟଂ ପ୍ରତିରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ

ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍?ଘାଟନ କରିବା ସହ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ନିଜ ଅଭିଭାଷଣରେ କହିଛନ୍ତି ଯେ, ବାଳିକାମାନଙ୍କ ସୁରକ୍ଷା ଓ ସେମାନଙ୍କୁ ସଶକ୍ତ କରିବା ଆମର ମୁଖ୍ୟ ଲକ୍ଷ୍ୟ। ସନ୍ତରଣ କେବଳ ଏକ ବ୍ୟାୟାମ ନୁହେଁ ବରଂ ଏହା ଏକ ଜୀବନ ରକ୍ଷାକାରୀ କୌଶଳ। ଏହି ପ୍ରଶିକ୍ଷଣ ବାଳିକାମାନଙ୍କ ମନରେ ସାହସ ଓ ଆତ୍ମବିଶ୍ୱାସ ଭରିବ, ଯାହାଦ୍ୱାରା ସେମାନେ ଯେକୌଣସି ଆପଦକାଳୀନ ସ୍ଥିତିର ଦୃଢ଼ତାର ସହ ମୁକାବିଲା କରିପାରିବେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ୍ରାଫ ଟିମ୍?ର ୨୦ ଜଣ ଅଭିଜ୍ଞ ପ୍ରଶିକ୍ଷକ ବାଳିକାମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ପ୍ରତି ବ୍ୟାଚ୍?ରେ ୩୦ ଜଣ ବାଳିକା ଅଂଶଗ୍ରହଣ କରୁଥିବା ବେଳେ ଏହା ୭ ଦିନ ବ୍ୟାପୀ ଚାଲିବ। ଏଥିରେ ମୁଖ୍ୟତଃ ସନ୍ତରଣ ଏବଂ ବୁଡ଼ିଯିବା ସମୟରେ ଜୀବନ ରକ୍ଷା କରିବାର ବିଭିନ୍ନ କୌଶଳ ଶିକ୍ଷା ଦିଆଯାଉଛି।ଉଦ୍?ଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଏସଡିପିଓ ଦିବ୍ୟଜ୍ୟୋତି ଦଳେଇ ଏବଂ ଡେପୁଟି କଲେକ୍ଟର ଜରୁରୀ କାଳୀନ ଦୀପ୍ତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ବାଳିକାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଆପଦକାଳୀନ ପରିସ୍ଥିତିରେ ନିଜର ଓ ଅନ୍ୟର ଜୀବନ ରକ୍ଷା କରିବାରେ ଏହି ପ୍ରଶିକ୍ଷଣ ବେଶ ସହାୟକ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ।

# ବିଭିନ୍ନ ପ୍ରସଙ୍ଗକୁ ନେଇ ସରପଞ୍ଚ, ସମିତି ସଭ୍ୟ ସହ ବିଡ଼ିଓଙ୍କୁ ସାକ୍ଷାତ




ନର୍ଲା,୭।୪ (ଆନିସ): ନର୍ଲା ବ୍ଲକ ସରପଞ୍ଚ ସଂଘର ସଭାପତି ଅନ୍ତ ରାମ ମାଝୀ ଓ ସମିତି ସଭ୍ୟ ଜୟ ମେହେରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ନିକଟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ବ୍ଲକରେ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ ଆଣିଥିଲେ କିନ୍ତୁ କୌଣସି ପ୍ରକାର ଦୁର୍ନୀତି ହେଉ ନାହିଁ ସମସ୍ତ ଉନ୍ନୟନ କାର୍ଯ୍ୟ ସରକାରୀ ନିୟମ ଅନୁସାରେ ହେଉଥିବା ବିଡ଼ିଓ ସହ ଆଲୋଚନା କରିଥିଲେ।ନର୍ଲା ବ୍ଲକରେ ପାନୀୟ ଜଳର ସୁବନ୍ଦୋବସ୍ତ ପାଇଁ ୧୨୫୦ ଗୋଟି ନଳ କୂପ ଖୋଳା ହୋଇଛି।ଯାହାକି ଛୋଟ ମୋଟ ଅସୁବିଧା ଅଛି ତାହାକୁ ପଂଚାୟତ ଏବଂ ବ୍ଲକ ସ୍ତରରେ ସମାଧାନର ପ୍ରୟାସ କରାଯାଉଛି। ତେଣୁ ଅଯଥା ପ୍ରତିନିଧି ମାନଙ୍କ କାମରେ ହସ୍ତକ୍ଷେପ ନ କରିବାକୁ ମତ ରଖିଛନ୍ତି।ଏହା ସହ ନର୍ଲା ବ୍ଲକ ଅଧ୍ୟକ୍ଷ ନାମରେ ନର୍ଲା ତହସିଲଦାର ଆଣିଥିବା ଅଭିଯୋଗ ଉପରେ ମଧ ଜନପ୍ରତିନିଧି ମାନେ ମତବ୍ୟକ୍ତ ରଖିଥିଲେ।ନର୍ଲା। ତହସିଲଦାର କେଉଁ ଆଧାରରେ ଓ କେଉଁ ହିସାବରେ ବା କାହା ଚାପରେ ମୁନ୍ନା ମହାନ୍ତିଙ୍କ ସମସ୍ତ ଅଡ଼ିଓ କଲ ପ୍ରସାରଣ କରାଗଲା। କିନ୍ତୁ ତହସିଲଦାରଙ୍କୁ ହତ୍ୟା ଧମକ ଦେଇଥିବା ଅଡିଓ କଲ୍ କାହିଁକି ପ୍ରସାରଣ କରାଗଲା ନାହିଁ କିମ୍ବା ତହସିଲଦାର ଗଣ ମାଧ୍ୟମ ଆଗରେ ଜଣାଇଲେ ନାହିଁ କାହିଁକି? ଏହା ଏକ ଷଡଯନ୍ତ୍ର ବୋଲି ଘଣ୍ଟମାଲ ସରପଞ୍ଚ ଦେବେନ୍ଦ୍ର ସା ମତପ୍ରକାଶ କରିଛନ୍ତି। ନର୍ଲା ବ୍ଲକ ଅଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଓ ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ନେତୃତ୍ୱକୁ ନର୍ଲା ନିର୍ବାଚନ ମଣ୍ଡଳୀର ୪ ଗୋଟି ବ୍ଲକ ତଥା ମ. ରାମପୁର ବ୍ଲକ, କର୍ଲାମୁଣ୍ଡା ବ୍ଲକ, କେସିଙ୍ଗା ବ୍ଲକ ଓ ନର୍ଲା ବ୍ଲକର ଜନସାଧାରଣ ସ୍ୱୀକାର କରି ଏକତ୍ରିତ ହୋଇ ମହାନ୍ତି ଦମ୍ପତିଙ୍କ ସପକ୍ଷରେ ହୀନ ଚକ୍ରାନ୍ତ କାରୀଙ୍କୁ ବିରୋଧ କରିଥିବା ଦେଖିବାକୁ ମିଳିଛି। ପଲ୍ଲୀ ରୁ ଦିଲ୍ଲୀ ପର୍ଯ୍ୟନ୍ତ ଏବେ ଚର୍ଚ୍ଚାରେ ଥିବା ଦୁର୍ଗା ପ୍ରସାଦ ମହାନ୍ତିଙ୍କ ପ୍ରତି ଜନ ସମର୍ଥନ ବଢ଼ିବାରେ ଲାଗିଛି।ନର୍ଲା ନିର୍ବାଚନ ମଣ୍ଡଳୀରେ ଦୁଇ ବର୍ଷ ମଧ୍ୟରେ ଗାଁ କୁ ଗାଁ ନଳକୂଅ , ରାସ୍ତା, ମନ୍ଦିର ନିର୍ମାଣ, ସ୍କୁଲ, ପ୍ରତ୍ୟେକ ଖେଳ ପଡିଆର ଉନ୍ନତି କରଣ, ବିଦ୍ୟୁତ, ବାର୍ଦ୍ଧକ୍ୟ ଭତ୍ତା, ଗରିବ ପରିବାରକୁ ଆର୍ଥିକ ସହାୟତା, ଦୁଃଖ ସୁଖରେ ଠିଆ ହେବା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିଥିବାରୁ ବିଭିନ୍ନ ପଂଚାୟତର ସରପଞ୍ଚ ସମିତି ସଭ୍ୟ /ସଭ୍ୟା ଓ ଗ୍ରାମବାସୀମାନେ ମହାନ୍ତି ଦମ୍ପତିଙ୍କୁ ଧନ୍ୟବାଦ ଜଣାଇବା ସହିତ ଯେତେ ବିରୋଧ କଲେ ସୁଦ୍ଧା ଗ୍ରାମବାସୀ ମାନେ ମୁନ୍ନା ମହାନ୍ତି ସହ ଠିଆ ହେବୁ ଓ ଦରକାର ପଡିଲେ ଜୀବନ ମଧ୍ୟ ଦେବୁ ବୋଲି ମତ ପ୍ରକାଶ କରିଛନ୍ତି।

# ବାଲି ମାଫିଆଙ୍କ ଦବଙ୍ଗଗିରି

## ହାତବାରିସି ସାଜିଛନ୍ତି ପ୍ରଶାସନିକ ଅଧିକାରୀ

### ଜିଲ୍ଲାପାଳ ନଶୁଣିଲେ କାର୍ଯ୍ୟାଳୟ ଘେରାଉ ହେବ



ବାଲିଗୁଡ଼ା,୭।୪ (ଆନିସ): ଯିଏ ଯାହା କହୁଛି କହୁ ମୋର ସରକାର ମୋର ମାଟି, ମୋର ଗାଡ଼ି, ମୁଁ ମୋର ନିଜ ଇଚ୍ଛାରେ ମାଟି ଉଠାଇ ନେଉଛି । ସରକାର ବାବୁ ମାନଙ୍କୁ ଦେଇଛି ମୋଟା ଅର୍ଥ । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କ୍ୟାମ୍ପ ଏବଂ ଆଦର୍ଶ ବିଦ୍ୟାଳୟ ପାଣି ଟାଙ୍କି ପାଖ କୁପୁଡ଼ି ଶାଳ ବଣ କାଟି ଟ୍ରିପ, ଟ୍ରିପ ମାଟି ନେଇ ବିରାଟ ବଡ଼ ଖାଲ ପୋତିଲେ ଲଳିତ କୁମାର ପାତ୍ର । ମାଟି ଖୋଳିବା ଏବଂ ପୋତିବା ପାଇଁ କେତେ ଟଙ୍କା ବାନ୍ଧିଛନ୍ତି ତାହା ଜଣା ପଡ଼ୁନାହିଁ । ଏ ବିଷୟ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ପଚାରିଲେ କେହି ମଧ ଉତ୍ତର ରଖୁ ନାହାନ୍ତି । ଏଥିରେ ଜଣା ପଡ଼ୁଛି ବାଲିଗୁଡ଼ା ତହସିଲଦାର ଓ ବାଲିଗୁଡ଼ା ମାଇନିଙ୍ଗ ଅଧିକାରୀଙ୍କ ମଧରେ ମଧୁ ଚନ୍ଦ୍ରିକା ଗୁପ୍ତ ଭାବରେ ଚାଲିଥିବା ଅଭିଯୋଗ ହେଉଛି । ସେଥିପାଇଁ ତ ନୀରବ ରହିଛନ୍ତି ସରକାରୀ ଅଧିକାରୀ । ବର୍ତ୍ତମାନ ଭାରତୀୟ ଜନତା ପାର୍ଟି ସରକାର କେମିତି ଅନୁମତୀ ଦେଇଛି ମାଟି ଉଠାଇବା ପାଇଁ ନା ଏ ମଧ ନୀରବ ପାଣି ରାସ୍ତା ଛେକିଲେ ଅନ୍ୟ ପଟେ ଘର ପାଇପ୍ ପୋତି ପାଣି ରାସ୍ତା କଲେ, ଏଥିରେ ବିଲ ମାଲିକମାନଙ୍କ ପାଇଁ ସମସ୍ୟା ଉପୁଜୁଛି, କାରଣ ଯେଉଁ ପାଣି ଆଶା କରି ଚାଷ କରୁ ଥିଲେ ସେହି ପାଣି ଆଉ ବିଲମାଳକୁ ଯିବ ନାହିଁ ବୋଲି କହିଛନ୍ତି ଶ୍ରୀ ଅରବିନ୍ଦ ଦିଗାଲ, ରଞ୍ଜନ କୁମାରସ୍ୱାଇ , ବିଜୟ ଲକ୍ଷ୍ମୀ ମହାପାତ୍ର ଘର ମାଲିକ, ଲାସ୍ର ମଲିକ, ନରେନ୍ଦ୍ର ମଲିକ,ସୁଧା ମଲିକ ଉଦ୍ବାନି ନାୟକ,କନ୍ଧମାଳ ଜିଲ୍ଲା ପାଳ ଙ୍କୁ ଅଭିଯୋଗ କରିଛନ୍ତି ନାୟାରା ଏଜେଣ୍ଟ ଲିମିଟେଡ଼ କମ୍ପାନୀ ପେଟ୍ରୋଲ ପୋମ୍ପ ବାଲିଗୁଡ଼ା ଦଣ୍ଡପଦର ୫୯ ରାସ୍ତା ରେ ଥିବା ୪ ର ବ୍ରିଜ ତଳେ ଯାଉଥିବା ଚିର ସ୍ରୋତା ଜଳ ପ୍ରବାହକୁ ମୁରମ ମାଟି ଦ୍ୱରା ପୋତି ଥିବା ଉପଜିଲ୍ଲାପାଳ ତଥା ଜିଲ୍ଲାପାଳ ଏବଂ ତହସିଲଦାର ଙ୍କୁ ଲିଖିତ ଅଭିଯୋଗ କରି ଥିଲେ ସୁଦ୍ଧା ଏହି ଲୋକ ମାନଙ୍କ କଥା ଶୁଣିବାକୁ ନରାଜ । ସେଥିପାଇଁ ଆଗାମୀ ଦିନରେ ତଳ ପଟେ ଯେତିକି ଜଣଙ୍କ ବିଲ ଗୁଡ଼ିକ ରହିଅଛି ଆମେ ସମସ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବୁ ବୋଲି କହିଛନ୍ତି ଶ୍ରୀ ଅରବିନ୍ଦ ଦିଗାଲ ।

## ଧରାକୋଟ ଗ୍ରାମ ପଞ୍ଚାୟତରେ ମାତିଛନ୍ତି ଭୂତ ଶ୍ରମିକ

# କାମ ନ କରି ଶ୍ରମିକଙ୍କ ଜମାଖାତାକୁ ଯାଉଛି ଟଙ୍କା

## ବିଡ଼ିଓଙ୍କୁ ଅନ୍ଧାରରେ ରଖି ଦୁର୍ନୀତି ଚଳାଇଛନ୍ତି କୁଚକ୍ରି ଅଧିକାରୀ



ଦାରିଙ୍ଗବାଡ଼ି,୭/୪ (ଆନିସ) ଉପାନ୍ତ ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାର କୋଟଗଡ଼ ବ୍ଲକରେ ମନରେଗା ଦୁର୍ନୀତି ଏବେ ଚରମ ସୀମାରେ ପହଞ୍ଚିଛି ।ସରକାର ସିନା ମନରେଗା ଯୋଜନାର ନାମ ପରିବର୍ତ୍ତନ କରିଛନ୍ତି ହେଲେ ଦୁର୍ନୀତିରେ ଏବେ କୌଣସି ଅଙ୍କୁସ ଲାଗି ପାରିନାହିଁ ।କେଉଁଠି ଠିକାଦାର କାମ କରି ଟଙ୍କା ପାଉ ନାହିଁ ତ ଆଉ କେଉଁଠି କାମ ନ ହୋଇ ଶ୍ରମିକଙ୍କ ଜମା ଖାତାକୁ ଟଙ୍କା ଯାଉଛି ।ଏଭଳି ଦୁର୍ନୀତିର ଚିତ୍ର ଧରାକୋଟ ଗ୍ରାମ ପଞ୍ଚାୟତର ସେମିଙ୍ଗବନ୍ଧ ଗ୍ରାମ ନିକଟରେ ହେବାକୁ ଥିବା କଲଭର୍ଟ ନିର୍ମାଣ କାର୍ଯ୍ୟରେ ଦେଖିବାକୁ ମିଳିଛି ।୨୦୨୫-୨୬ ଆର୍ଥିକ ବର୍ଷରେ ଏହି କଲଭର୍ଟ ନିର୍ମାଣ ଲାଗି ୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ନେଇ ଫଳକରେ ଉଲ୍ଲେଖ ରହିଛି ।ଅଣକୁଶଳୀ ଶ୍ରମିକଙ୍କ ଲାଗି ୧ ଲକ୍ଷ ୩୫ ହଜାର ଓ ସାମଗ୍ରୀ ବାବଦକୁ ୪ ଲକ୍ଷ ୬୫ ହଜାର ଟଙ୍କା ମଞ୍ଜୁର ହୋଇଛି ।କିନ୍ତୁ ଏହି ନିର୍ମାଣ କାର୍ଯ୍ୟରେ କୌଣସି ଶ୍ରମିକ କାମ ନ କରି ସେମାନଙ୍କ ଜମା ଖାତାକୁ ସମୁଦାୟ ୯୨ ହଜାର ୨ ଶହ ୭୪ ଟଙ୍କା ଯାଇଥିବା ଏବେ ଜଣାପଡିଛି ।କାଲସୀଗୁଡା ଗ୍ରାମର ୨୬ ଜଣ ଶ୍ରମିକ ଏହି ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଅନଲାଇନ ରେକର୍ଡ଼ରେ ଦେଖିବାକୁ ମିଳିଛି ।ଏହି ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ସାମଗ୍ରୀ ଯୋଗାଇବା ଲାଗି ସ୍ଥାନୀୟ ଅଞ୍ଚଳର ସୁଶାନ୍ତ କୁମାର ସାନସେଠ ନାମକ ଜଣେ ଭେଣ୍ଡରଙ୍କୁ ଦାୟିତ୍ୱ ମିଳିଛି ।କିନ୍ତୁ କାର୍ଯ୍ୟ ସ୍ଥଳରେ ଭେଣ୍ଡର ଜଣକ ଜେସିବି ଜରିଆରେ ଗାତ ଖୋଳିବା ସହ ବାଲି, ଚିପ୍ସ ଓ ମେଟାଲ ରଖି ଦେଇ ଚୁପ ବସିଛି ।ଆଉ ଯେଉଁ ମେଟାଲ ସେଠାରେ ଗଛିତ କରି ରଖାଯାଇଛି ତାହା ଅତ୍ୟନ୍ତ ନିମ୍ନମାନର ଅଟେ ।କାମ ନ ହୋଇ କିଭଳି ଭାବେ ଶ୍ରମିକଙ୍କ ଜମା ଖାତାକୁ ଟଙ୍କା ଗଲା, ସେ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।ଯେଉଁ ଅଧିକାରୀ ମାନେ ମାନରେଗା ଯୋଜନାରେ ହେଉଥିବା କାର୍ଯ୍ୟ ଗୁଡିକୁ ତଦାରଖ କରିବା କଥା ତାହା ସେମାନେ ନ କରି ଅଫିସରେ ବସି ଶ୍ରମିକଙ୍କ ଲାଗି ମିଥ୍ୟା ବିଲ କରିଛନ୍ତି ।କାମ ଆରମ୍ଭ ହୋଇନି ହେଲେ କିଭଳି ଭାବେ ଶ୍ରମିକ ଭାଇ ଭଉଣୀ ପାରିଶ୍ରମିକ ପାଇଲେ ବୋଲି ଅଞ୍ଚଳବାସୀ ଏବେ ପ୍ରଶ୍ନ ଉଠାଇଛନ୍ତି ।ଏ ସମ୍ପର୍କରେ ଜାଣିବା ଲାଗି କୋଟଗଡ ବ୍ଲକରେ କାର୍ଯ୍ୟରତ ଏପିଓ ଶ୍ରୀନିବାସ ପଟନାୟକଙ୍କୁ ମୋବାଇଲ ଯୋଗେ ( ୯୪୩୮୪ ୦୫୪୦୬) ଯୋଗାଯୋଗ କରାଯାଇଥିଲେ ମଧ ଏ ଯାଏ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ ।ସେହି ଭଳି ଭେଣ୍ଡର ସୁଶାନ୍ତ ସାନ ସେଠଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଆଦୌ ଫୋନ ଉଠାଉ ନାହାନ୍ତି ।ସରକାର ଉପାନ୍ତ ଅଞ୍ଚଳର ବିକାଶ ଲାଗି ଅନୁଦାନ ଯୋଗାଇ ଦେଉଥିଲେ ମଧ ନିର୍ଦ୍ଧାରିତ ସମୟ ମଧରେ କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ ।ଫଳରେ ଆଜି ବି ସେମିଙ୍ଗବନ୍ଧ ଗ୍ରାମରେ ବସବାସ କରୁଥିବା ୧୪ ଆଦିବାସୀ ପରିବାର ଆଜି ବି ଯିବା ଆସିବା ଲାଗି ଅନେକ କଷ୍ଟ ଭୋଗୁଛନ୍ତି ।କୋଟଗଡ ବ୍ଲକର ଉଭୟ ଏପିଓ ଶ୍ରୀନିବାସ ପଟନାୟକ ଓ ଭେଣ୍ଡର ସୁଶାନ୍ତ ସାନସେଠ ମିଳିତ ଭାବେ ବିଭିନ୍ନ ପ୍ରକଳ୍ପରେ ମିଥ୍ୟା ବିଲ କରି ଦୁର୍ନୀତି କରିଥିବା ନେଇ ସ୍ଥାନୀୟ ଲୋକେ ଏବେ ପ୍ରମାଣ ସହିତ ଅଭିଯୋଗ ଆଣିବାରେ ଲାଗିଛନ୍ତି ।ଦୁର୍ଗମ ଇଲାକା ଗୁଡ଼ିକୁ କୌଣସି ଅଧିକାରୀ ଓ ଯନ୍ତ୍ରୀ ଗସ୍ତ କରୁନଥିବା ଯୋଗୁ ଏଭଳି ଦୁର୍ନୀତି ଏବେ ବୃଦ୍ଧି ପାଇବାରେ ଲାଗିଛି ।କୋଟଗଡବିଡ଼ିଓ ଚିନ୍ମୟ ମହାନନ୍ଦ ଏହି ଦୁର୍ନୀତି ଘଟଣାର ତଦନ୍ତକରିକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାବା ଫୁଲେଶ୍ୱର କାଜୁ ଚାଷୀ ସଂଘ

# ଓହରି ଯାଇଥିବା କୋଷାଧକ୍ଷ ଟଙ୍କା ଫେରାଇବାକୁ ଥାନାରେ ଅଭିଯୋଗ

ଓଡ଼ଗାଁ ୭।୪ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ନୂଆଗାଁ ବ୍ଲକ ବାହାଡ଼ାଝୋଲା ବାବା ଫୁଲେଶ୍ବର କାଜୁ ଚାଷୀ ସଂଘରୁ ଓହରି ଯାଇଥିବା କୋଷାଧକ୍ଷଙ୍କ ପାଖରେ ଥିବା ସଂଘର ୫ ଲକ୍ଷ୍ୟ କରୁଥିଲେ ।ଏଥି ମଧ୍ୟରୁ ନାରିଆମ୍ବା,ଲୁହାରଖଣି,ସୀମା ବାମୁରୀ,ତୁରୁତୁରୀ ଓ କାପ୍ତାପଲୀ କାଜୁ ବଗିଚା ଗୁଡ଼ିକ ପୂର୍ବରୁ କୋଷାଧକ୍ଷ ଥିବା ରାଜ କିଶୋର ସେନାପତିଙ୍କ ନାମରେ ନିଲାମ ୯୫ ଟଙ୍କା ଏବଂ ନିଲାମ ଆଣିଥିବା ୨ କାଜୁ ବଗିଚାକୁ ସଂଘକୁ ହସ୍ତାନ୍ତର କରୁନାହାନ୍ତି। ସଂଘ କାର୍ଯ୍ୟକର୍ତ୍ତା। ଏସବୁ ମାଗିଲେ, ଦେବାରତ ଦୂରର କଥା ବରଂ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ



୪୦ ହଜାର ଟଙ୍କା ଏବଂ ତାଙ୍କ ନାମରେ ଆଣିଥିବା ୨କାଜୁ ବଗିଚା ସଂଘକୁ ହସ୍ତାନ୍ତର କରିବାକୁ ସଂଘ ପକ୍ଷରୁ ସଭାପତି ସଞ୍ଜୀବ କୁମାର ବେହେରା, ସମ୍ପାଦକ ଦେବରାଜ ବେହେରା ଏବଂ ବର୍ତ୍ତମାନ କୋଷାଧକ୍ଷ ଦାୟିତ୍ୱରେ ଥିବା ଦେବରାଜ ଡାକୁଆ ଚଳିତ ମାସ ୦୬ ତାରିଖରେ ଓଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି।ଅଭିଯୋଗ ଅନୁସାରେ ୫୪ ଜଣ ଚାଷୀଙ୍କୁ ନେଇ ଗଠିତ କାଜୁ ଚାଷୀ ସଂଘ ସ୍ଥାନୀୟ ଅଞ୍ଚଳରେ ଓଏଫଡିସି ଅଧିନରେ ଥିବା ୧୦ ରୁ ୧୧ କାଜୁ ବଗିଚାକୁ ନିଲାମ ଆଣି ଚାଷ ଆସିଥିଲା।

ଏବଂ ନିଲାମ ଧରିବା ପୂର୍ବରୁ ଅମାନତ ଜମା ବାବଦରେ ୨ ଲକ୍ଷ ୪୦ ହଜାର ୪ଶହ ୯୫ ଟଙ୍କା ଏବଂ ରିହାତି ମୂଲ୍ୟରେ ନିଲାମ ଆଣିବା ପାଇଁ ୩ ଲକ୍ଷ ଟଙ୍କା ଏହିପରି ମୋଟ ୫ ଲକ୍ଷ ୪୦ ହଜାର ୪ ଶହ ୯୫ ଟଙ୍କା ନେଇଥିଲେ।ସେ ଏହି ଟଙ୍କାର ହିସାବ ଦେବା ପୂର୍ବରୁ ସଂଘକୁ ନିଜର ଇସ୍ତଫା ପତ୍ର ପଠାଇ ଥିଲେ। ଏବଂ ସଂଘର ନିୟମ ଭଙ୍ଗ କରି କାପ୍ତାପଲୀ ଓ ବନ୍ଧସାହିରେ ଥିବା ୨ କାଜୁ ବଗିଚାକୁ ନିଜ ନାମରେ ନିଲାମ ଆଣିଥିବା ବେଳେ ବର୍ତ୍ତମାନ ୫ଲକ୍ଷ ୪୦ ହଜାର ୪ଶହ ଧମକ ଚମକ ଦେଉଥିବା ନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଛି।

ସୂଚନା ଥାଉକି ଉକ୍ତ ଘଟଣାକୁ ନେଇ ଗତ ଡିସେମ୍ବର ମାସରେ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଥିଲା। ତତ୍କାଳୀନ ଆଇଆଇସି ଅଭୟ ବେହେରା ଉଭୟ ପକ୍ଷଙ୍କୁ ଡାକି ସମାଧାନ କରିଥିଲେ। ହେଲେ ନିଷ୍ପତ୍ତି ଅନୁସାରେ କାମ ନହେବାରୁ ଏବେ ଏହି ସମସ୍ୟା ଜଟିଳ ଆକାର ଧାରଣ କଲାଣି। ତେବେ ଓଡ଼ଗାଁ ପୋଲିସ ଖୁବ୍ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ରନ୍ଧନ ଗ୍ୟାସ ସଙ୍କଟ ନେଇ ରାସ୍ତା ରୋକ



ଜଗତସିଂହପୁର, ୭।୪ (ଆନିସ): ଜିଲ୍ଲାରେ ଘରୋଇ ରନ୍ଧନ ଗ୍ୟାସ ଅଭାବକୁ ନେଇ ଆଜି ସ୍ଥାନୀୟ ସଦର ଥାନା ଛକ ଠାରେ ୫୦ ରୁ ଉର୍ଦ୍ଧ ହିତାଧିକାରୀ ରାସ୍ତା ରୋକ କରିଥିଲେ ।ଦୀର୍ଘ ୫ଦିନ ହେବ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡ଼ା ହୋଇ ଘରକୁ ଫେରିବା ପରେ ଆଜି ବାଧ ହୋଇ ରାସ୍ତା ଅବରୋଧ କରିଥିବା ହିତାଧିକାରୀ ମାନେ ପ୍ରକାଶ କରିଛନ୍ତି । ସେମାନଙ୍କ କହିବା ଅନୁସାରେ ସଦର ସ୍ଥିତ ମା ଶାରଳା ଗ୍ୟାସ ଗୋଦାମରେ ଗତ ୫ ଦିନ ହେବ ଗାଡି ଆସିନାହିଁ ।ଲୋକେ ରାତି ତମାମ ଧାଡିରେ ରହି ଥିଲେ ମଧ ଗ୍ୟାସ ପାଇ ପାରୁନାହାନ୍ତି ।ଅପର ପକ୍ଷରେ ଜିଲ୍ଲାରେ ଗ୍ୟାସ କଳା ବଜାରୀ ହେଉଥିବା ଅଭିଯୋଗ କରିଛନ୍ତି ।ଏହାବ୍ୟତୀତ ୫ ଦିନ ହେବ ଗ୍ୟାସ ଗୋଦାମ ଖୋଲୁନାହିଁ କି ଅଫିସ ମଧ ଖୋଲୁନାହିଁ ।ଏହାର ପ୍ରତିବାଦ ରେ ରାସ୍ତା ରୋକ କରିଥିବା ବେଳେ ସ୍ଥାନୀୟ ଟାଉନ ଥାନା ଅଧିକାରୀ ଉକ୍ତ ସ୍ଥାନରେ ଉପସ୍ଥିତ ହୋଇ ହିତାଧିକାରୀ ମାନଙ୍କୁ ବୁଝା ସୁଝା କରିବା ଅରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା ।

# ନାଉଗାଁ ବ୍ଲକରେ ଯୁଗ୍ମଜନ ଅଭିଯୋଗ ଶୁଣାଣି

ଜଗତସିଂହପୁର, ୭।୪ (ଆନିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଉପରିସ୍ଥ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୫୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୨ ଟି,ଆବାସ ଯୋଜନା ସମ୍ପର୍କୀୟ ୮ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୧୨ ଟି, ପୋଲିସ୍ ସହାୟତା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୮ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୮ ଟି ଅଭିଯୋଗର ତତକାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ,ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ,ନାଉଗାଁ, ଶ୍ରୀ ନିରଞ୍ଜନ ପରିଡ଼ା,ତହସିଲଦାର, ନାଉଗାଁ, ଶ୍ରୀ ଅକ୍ଷୟ କୁମାର ବଡୁ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ରାଉରକେଲାରେ ଗ୍ୟାସ୍ କଳାବଜାରୀ

# ଗ୍ୟାରେଜ୍ ଭିତରୁ ୧୬୦ ସିଲିଣ୍ଡର ଜବତ

ରାଉରକେଲା, ୭।୪: ଯୁଦ୍ଧ ପରିସ୍ଥିତିକୁ ନେଇ ସାରା ବିଶ୍ୱରେ ସଙ୍କଟ ଦେଖାଦେଉଥିବା ବେଳେ ରାଉରକେଲାରୁ ଆସିଛି ଗ୍ୟାସ୍ କଳାବଜାରୀ ଘଟଣା। ସେକ୍ଟର-୯ ଅଞ୍ଚଳରେ ହୋଇଥିବା ଏକ ଅଚମ୍ଭା ରେଡ୍‌ରେ ଗ୍ୟାରେଜ୍ ଭିତରୁ ୧୬୦ରୁ ଅଧିକ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ଏଥିରେ ଘରୋଇ ଓ କମର୍ସିଆଲ୍ ଦୁଇ ପ୍ରକାର ସିଲିଣ୍ଡର ଥିବା ଜଣାପଡିଛି।ରାଉରକେଲା ମହାନଗର ନିଗମ, ପୋଲିସ ଓ ତହସିଲ ପ୍ରଶାସନଙ୍କ ଯୁକ୍ତ ଚଢ଼ାଉରେ ଏହି ବଡ଼ ଖୁଲାସା ହୋଇଛି। ଅଧିକାରୀମାନେ ଗୁପ୍ତ ସୂଚନା ପାଇ ଗ୍ୟାରେଜ୍‌ରେ ଚଢ଼ାଉ କରିଥିଲେ, ତେବେ ଚଢ଼ାଉ ବେଳେ ବହୁ ପରିମାଣର ସିଲିଣ୍ଡର ମହଜୁଦ ରହିଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ।ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ରେଡ୍ ସମୟରେ ଗ୍ୟାରେଜ୍ ମାଲିକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବର୍ତ୍ତମାନ ପୋଲିସ ତାଙ୍କୁ ଖୋଜିବାରେ ଲାଗିଛି। ଏତେ ବଡ଼ ପରିମାଣର ସିଲିଣ୍ଡର କାହିଁକି ଏବଂ କେମିତି ଗଚ୍ଛିତ ରଖାଯାଇଥିଲା, ତାହାକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ପ୍ରାଥମିକ ତଦନ୍ତରୁ ଏହା କଳାବଜାରୀ ସହ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।

# ପେ ଆଣ୍ଡ୍ ୱିନ୍ ଯୋଜନାରେ ବିଦ୍ୟୁତ୍ ଗ୍ରାହକଙ୍କୁ ପୁରସ୍କୃତ କରିବ ଟିପିଡବ୍ଲୁଓଡିଏଲ୍

ବୁର୍ଲା, ୭।୪ (ଆନିସ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଆଜି ଏହାର ତ୍ରୈମାସିକ ପ୍ରମୁଖ ଗ୍ରାହକ ପ୍ରୋତ୍ସାହିତ ପଦକ୍ଷେପ ପେ ଆଣ୍ଡ୍ ୱିନ୍ ଯୋଜନା ଅଧିନରେ ବିଜେତାମାନଙ୍କ ନାମ ଘୋଷଣା କରାଯାଇଅଛି ।

ଏହି ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୨୩ ହାଜର ୫୦୨ ଜଣ ବିଦ୍ୟୁତ୍ ଗ୍ରାହକ ଯୋଗ୍ୟ ବିବେଚିତ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରୁ ସ୍ୱୟଂଚାଳିତ କମ୍ପ୍ୟୁଟର-ଜେନେରେଟେଡ୍ ଲକି ଡ୍ର ମାଧ୍ୟମରେ ଟିପିଡବ୍ଲୁଓଡିଏଲର ୫୭ଟି ବିଦ୍ୟୁତ୍ ଉପଖଣ୍ଡରୁ ମୋଟ୍ ୯୧୨ ଜଣ ବିଦ୍ୟୁତ୍ ଗ୍ରାହକଙ୍କୁ ବିଜେତା ଭାବରେ ଚୟନ କରାଯାଇଅଛି ।ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରତ୍ୟେକ ବିଦ୍ୟୁତ୍ ଉପଖଣ୍ଡରୁ ପ୍ରତି ତ୍ରୈମାସିକରେ ୧୬ ଜଣ ବିଦ୍ୟୁତ୍ ଗ୍ରାହକଙ୍କୁ ଚୟନ କରାଯିବ । ପ୍ରଥମ ପୁରସ୍କାର ଭାବେ ଜଣେ ବିଜେତାଙ୍କୁ ସ୍ମାର୍ଟଫୋନ୍ ଉପହାର ମିଳୁଥିବା ବେଳେ ଦ୍ୱିତୀୟ ପୁରସ୍କାର ଭାବେ ଦୁଇ ଜଣ ବିଜେତାଙ୍କୁ ଦୁଇଟି ବ୍ଲୁଟୁଥ୍ ସ୍ପିକର୍, ତୃତୀୟ ପୁରସ୍କାର ଭାବେ ତିନି ଜଣ ବିଜେତାଙ୍କୁ ତିନୋଟି ସ୍ମାର୍ଟୱାଚ୍ ଏବଂ ଚତୁର୍ଥ ପୁରସ୍କାର ଭାବେ ଦଶଜଣ ବିଜେତାଙ୍କୁ ଦଶଟି ନେକବ୍ୟାଣ୍ଡ ଇୟର ଫୋନ୍ ଉପହାର ମିଳୁଅଛି । ସମ୍ବଲପୁର , ୦୭. ୦୪(ଆନିସ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଆଜି ଏହାର ତ୍ରୈମାସିକ ପ୍ରମୁଖ ଗ୍ରାହକ ପ୍ରୋତ୍ସାହିତ ପଦକ୍ଷେପ ପେ ଆଣ୍ଡ୍ ୱିନ୍ ଯୋଜନା ଅଧିନରେ ବିଜେତାମାନଙ୍କ ନାମ ଘୋଷଣା କରାଯାଇଅଛି ।

ଏହି ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୨୩ ହାଜର ୫୦୨ ଜଣ ବିଦ୍ୟୁତ୍ ଗ୍ରାହକ ଯୋଗ୍ୟ ବିବେଚିତ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରୁ ସ୍ୱୟଂଚାଳିତ କମ୍ପ୍ୟୁଟର-ଜେନେରେଟେଡ୍ ଲକି ଡ୍ର ମାଧ୍ୟମରେ ଟିପିଡବ୍ଲୁଓଡିଏଲର ୫୭ଟି ବିଦ୍ୟୁତ୍ ଉପଖଣ୍ଡରୁ ମୋଟ୍ ୯୧୨ ଜଣ ବିଦ୍ୟୁତ୍ ଗ୍ରାହକଙ୍କୁ ବିଜେତା ଭାବରେ ଚୟନ କରାଯାଇଅଛି ।ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରତ୍ୟେକ ବିଦ୍ୟୁତ୍ ଉପଖଣ୍ଡରୁ ପ୍ରତି ତ୍ରୈମାସିକରେ ୧୬ ଜଣ ବିଦ୍ୟୁତ୍ ଗ୍ରାହକଙ୍କୁ ଚୟନ କରାଯିବ । ପ୍ରଥମ ପୁରସ୍କାର ଭାବେ ଜଣେ ବିଜେତାଙ୍କୁ ସ୍ମାର୍ଟଫୋନ୍ ଉପହାର ମିଳୁଥିବା ବେଳେ ଦ୍ୱିତୀୟ ପୁରସ୍କାର ଭାବେ ଦୁଇ ଜଣ ବିଜେତାଙ୍କୁ ଦୁଇଟି ବ୍ଲୁଟୁଥ୍ ସ୍ପିକର୍, ତୃତୀୟ ପୁରସ୍କାର ଭାବେ ତିନି ଜଣ ବିଜେତାଙ୍କୁ ତିନୋଟି ସ୍ମାର୍ଟୱାଚ୍ ଏବଂ ଚତୁର୍ଥ ପୁରସ୍କାର ଭାବେ ଦଶଜଣ ବିଜେତାଙ୍କୁ ଦଶଟି ନେକବ୍ୟାଣ୍ଡ ଇୟର ଫୋନ୍ ଉପହାର ମିଳୁଅଛି ।ତେବେ ଏହି ଯୋଜନା ପାଇଁ ବଲାଙ୍ଗିର ବିଦ୍ୟୁତ୍ ମଣ୍ଡଳରୁ ୧,୦୧,୫୩୨ ଜଣ, ବରଗଡ଼ରୁ ୩୯,୫୨୮ ଜଣ, କଳାହାଣ୍ଡିରୁ ୧,୨୩,୦୭୯ ଜଣ, ରାଉରକେଲାରୁ ୨,୧୩,୦୨୨ ଜଣ ଏବଂ ସମ୍ବଲପୁରରୁ ୧,୪୬,୩୪୧ ଜଣ ଗ୍ରାହକ ଯୋଗ୍ୟ ବିବେଚିତ ହୋଇଥିଲେ । ଏମାନଙ୍କ ମଧ୍ୟରୁ, ବଲାଙ୍ଗିରରୁ ୧୭୬ ଜଣ, ବରଗଡ଼ରୁ ୧୪୪ ଜଣ, କଳାହାଣ୍ଡିରୁ ୧୬୦ ଜଣ, ରାଉରକେଲାରୁ ୨୦୮ ଜଣ ବିଜେତା, ଏବଂ ସମ୍ବଲପୁରରୁ ୨୨୪ ଜଣ ବିଜେତାଙ୍କୁ ଲକି ଡ୍ର ମାଧ୍ୟମରେ ଚୟନ କରାଯାଇଥିଲା । ବିଜେତାମାନଙ୍କୁ ସେମାନଙ୍କର ପୁରସ୍କାର ଗ୍ରହଣ କରିବା ପାଇଁ ଖୁବଶୀଘ୍ର ସେମାନଙ୍କ ନିକଟତମ ଟିପିଡବ୍ଲୁଓଡିଏଲ୍ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରାଯିବ ଏବଂ ବିଜେତାମାନଙ୍କ ସମ୍ପୂର୍ଣ୍ଣ ତାଲିକା କମ୍ପାନୀର ୱେବସାଇଟରେ ପ୍ରକାଶିତ କରାଯିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସଠିକ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରିବା ବିଦ୍ୟୁତ୍ ଗ୍ରାହକଙ୍କ ଏକ ନୈତିକ ଦାୟିତ୍ୱ ଅଟେ, ଯାହା ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସେବା ପ୍ରଦାନରେ ଉନ୍ନତି ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । 'ପେ ଆଣ୍ଡ୍ ୱିନ୍' ଯୋଜନା ମାଧ୍ୟମରେ ଟିପିଡବ୍ଲୁଓଡିଏଲ୍ ଯୋଗ୍ୟ ଗ୍ରାହକମାନଙ୍କୁ ଚିହ୍ନିତ କରି ପୁରସ୍କୃତ କରିଥାଏ, ଯାହା ଅନ୍ୟମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କର ବିଲ୍ ପୈଠ କରିବାକୁ ପ୍ରେରଣା ଦେଇଥାଏ ।

ଏହି ଯୋଜନାଟି ଅଗଷ୍ଟ ୨୦୨୪ ରେ ଆରମ୍ଭ ହୋଇଥିଲା,ବିଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଟିପିଡବ୍ଲୁଓଡିଏଲର ପ୍ରତିଟି ବିଦ୍ୟୁତ୍ ଉପଖଣ୍ଡରୁ ତିନି ଜଣ ଲେଖାଏଁ ବିଜେତାଙ୍କୁ ପୁରସ୍କୃତ କରାଯାଉଥିଲା । ସେହିପରି ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତୈମାସିକରେ ଟିପିଡବ୍ଲୁଓଡିଏଲର ପ୍ରତିଟି ବିଦ୍ୟୁତ୍ ଉପଖଣ୍ଡରେ ଏହିଁ ସଂଖ୍ୟା ବଢି ଛଅ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଉଥିଲା ଏବଂ ଦ୍ବିତୀୟ ତ୍ରୈମାସିକରୁ ପ୍ରତିଟି ବିଦ୍ୟୁତ୍ ଉପଖଣ୍ଡରେ ଏବେ ୧୬ ଜଣ ଲକି ବିଜେତାଙ୍କୁ ପୁରସ୍କୃତ କରାଯିବ । ଟିପିଡବ୍ଲୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା ବିଦ୍ୟୁତ୍ ମଣ୍ଡଳରୁ ୧,୦୧,୫୩୨ ଜଣ, ବରଗଡ଼ରୁ ୩୯,୫୨୮ ଜଣ, କଳାହାଣ୍ଡିରୁ ୧,୨୩,୦୭୯ ଜଣ, ରାଉରକେଲାରୁ ୨,୧୩,୦୨୨ ଜଣ ଏବଂ ସମ୍ବଲପୁରରୁ ୧,୪୬,୩୪୧ ଜଣ ଗ୍ରାହକ ଯୋଗ୍ୟ ବିବେଚିତ ହୋଇଥିଲେ । ଏମାନଙ୍କ ମଧ୍ୟରୁ, ବଲାଙ୍ଗିରରୁ ୧୭୬ ଜଣ, ବରଗଡ଼ରୁ ୧୪୪ ଜଣ, କଳାହାଣ୍ଡିରୁ ୧୬୦ ଜଣ, ରାଉରକେଲାରୁ ୨୦୮ ଜଣ ବିଜେତା, ଏବଂ ସମ୍ବଲପୁରରୁ ୨୨୪ ଜଣ ବିଜେତାଙ୍କୁ ଲକି ଡ୍ର ମାଧ୍ୟମରେ ଚୟନ କରାଯାଇଥିଲା । ବିଜେତାମାନଙ୍କୁ ସେମାନଙ୍କର ପୁରସ୍କାର ଗ୍ରହଣ କରିବା ପାଇଁ ଖୁବଶୀଘ୍ର ସେମାନଙ୍କ ନିକଟତମ ଟିପିଡବ୍ଲୁଓଡିଏଲ୍ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରାଯିବି ଏବଂ ବିଜେତାମାନଙ୍କ ସମ୍ପୂର୍ଣ୍ଣ ତାଲିକା କମ୍ପାନୀର ୱେବସାଇଟରେ ପ୍ରକାଶିତ କରାଯିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସଠିକ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରିବା ବିଦ୍ୟୁତ୍ ଗ୍ରାହକଙ୍କ ଏକ ନୈତିକ ଦାୟିତ୍ୱ ଅଟେ, ଯାହା ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସେବା ପ୍ରଦାନରେ ଉନ୍ନତି ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । 'ପେ ଆଣ୍ଡ୍ ୱିନ୍' ଯୋଜନା ମାଧ୍ୟମରେ ଟିପିଡବ୍ଲୁଓଡିଏଲ୍ ଯୋଗ୍ୟ ଗ୍ରାହକମାନଙ୍କୁ ଚିହ୍ନିତ କରି ପୁରସ୍କୃତ କରିଥାଏ, ଯାହା ଅନ୍ୟମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କର ବିଲ୍ ପୈଠ କରିବାକୁ ପ୍ରେରଣା ଦେଇଥାଏ ।ଏହି ଯୋଜନାଟି ଅଗଷ୍ଟ ୨୦୨୪ ରେ ଆରମ୍ଭ ହୋଇଥିଲା,ବିଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଟିପିଡବ୍ଲୁଓଡିଏଲର ପ୍ରତିଟି ବିଦ୍ୟୁତ୍ ଉପଖଣ୍ଡରୁ ତିନି ଜଣ ଲେଖାଏଁ ବିଜେତାଙ୍କୁ ପୁରସ୍କୃତ କରାଯାଉଥିଲା । ସେହିପରି ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତୈମାସିକରେ ଟିପିଡବ୍ଲୁଓଡିଏଲର ପ୍ରତିଟି ବିଦ୍ୟୁତ୍ ଉପଖଣ୍ଡରେ ଏହିଁ ସଂଖ୍ୟା ବଢି ଛଅ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଉଥିଲା ଏବଂ ଦ୍ବିତୀୟ ତ୍ରୈମାସିକରୁ ପ୍ରତିଟି ବିଦ୍ୟୁତ୍ ଉପଖଣ୍ଡରେ ଏବେ ୧୬ ଜଣ ଲକି ବିଜେତାଙ୍କୁ ପୁରସ୍କୃତ କରାଯିବ ।

# ସମ୍ବଲପୁରରେ ପ୍ରଥମ ଐତିହାସିକ ନିଓନେଟାଲ ସର୍ଜରୀ

ବରଗଡ଼ ୦୭/୦୪(ଆନିସ ): କ୍ରୀଷ୍ଣା ବିକାଶ ସୁପର୍ ସ୍ପେସିଆଲିଟି ହସ୍ପିଟାଲ୍ସ, ଭାଲୁପାଲିର



ଚିକିତ୍ସକଦଳ ଏକ ଦୁର୍ଲଭ ଓ ବିପଦଶଙ୍କୁଳ ଅବସ୍ଥାରେରେ ଥିବା ବା ଜଣେ ଦୁଇ ଦିନର ଶିଶୁର ଜୀବନକୁ ସଫଳତାର ସହ ରକ୍ଷା କରିଛନ୍ତି । ହସ୍ପିଟାଲ୍‌ର ତଥ୍ୟ ଅନୁଯାୟୀ ଜନ୍ମ ପରେ ଶିଶୁଟି କନ୍‌ଜେନିଟାଲ୍ ଡାଇଫ୍ରାଗମେଟିକ୍ ହାଣ୍ଡ୍ରିଆ ରୋଗରେ ପୀଡ଼ିତ ଥିଲା। ଶିଶୁଟିର ଶ୍ୱାସ ଗତି ବଢ଼ିଯିବା ସହ ଶ୍ୱାସ ନେବାରେ ଅସୁବିଧା ହେଉଥିଲା । ତୁରନ୍ତ ଅସ୍ତ୍ରୋପଚାର ବିନା ଜୀବନ ବଂଚେଇବା ଥିଲା କଠିନ । ଶିଶୁ ସର୍ଜରୀ ବିଭାଗର ବିଶେଷଜ୍ଞ ଡା. ଙ୍କ ନେତୃତ୍ୱରେ ପରିଚାଳିତ ଏହି ସର୍ଜରୀ ସମୟରେ ନିଓନେଟୋଲୋଜିଷ୍ଟ ଡା. ନିର୍ମଳ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ । ଏହା ସହିତ ଏନେସ୍ଥେସିଓଲୋଜିଷ୍ଟ ଡା. ପ୍ରିୟବ୍ରତ ମହାନ୍ତି ଓ ଡା. ଭାବ୍ୟାଙ୍କ ସହିତ ଏକ ସମ୍ପୂର୍ଣ୍ଣ ଦକ୍ଷଦଳ ଏହି ଏହି ସର୍ଜରୀର ସଫଳତା ଦିଗରେ କାର୍ଯ୍ୟ କରିଥିଲେ । ଚିକିତ୍ସକମାନେ କହିଛନ୍ତି ଦଳର ନିଷ୍ଠା, ସମନ୍ବୟ ଓ ସଠିକ୍ ସମୟରେ ହେଇଥିବା ଅସ୍ତ୍ରୋପଚାର ତାଙ୍କୁ ପୁନଃଜୀବନ ଦେଇଛି ।କ୍ରୀଷ୍ଣା ବିକାଶ ହସ୍ପିଟାଲ୍ସ, ଭାଲୁପାଲି ପାଇଁ ଏହି ଘଟଣା ଗର୍ବର ମୁହୂର୍ତ୍ତ ହେବା ସହିତ ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାରେ ନବଜାତ ଶିଶୁ ଚିକିତ୍ସା ପାଇଁ ଏକ ନୂତନ ଆଶା ସୃଷ୍ଟି କରିଛି ।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,
ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda